CMYK

• Vol.- 46, Issue No. 218
• Tuesday, 10 November 2026
• ମଙ୍ଗଳବାର, ୧୦ ନଭେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI


https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ବାଣଫୁଟା ସରିଲା, ବଢ଼ିଲା ଏକ୍ୟୁଆଇ

୧୪୦୦ ଟପିଲା ଭୁବନେଶ୍ୱର

ଭୁବନେଶ୍ୱର,୯ ।୧୧: ଦୀପାବଳିରେ ବାଣ ଫୁଟାଇବା ଯୋଗୁଁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଛି। ସୋମବାର ସକାଳେ ଭୁବନେଶ୍ୱରର ଆକାଶ ଧୂଆଁ ଓ କୁହୁଡ଼ିର ଧଳା ଚାଦରରେ ଢାଙ୍କି ହୋଇଯାଇଥିବା ଦେଖିବାକୁ ମିଳିଥିଲା ।ସକାଳ ୧୧ଟା ୩୦ ସୁଦ୍ଧା ଡାଳଚେରରେ ବାୟୁ ଗୁଣବତ୍ତା ସୂଚକାଙ୍କ ୨୮୧ ରହିଥିବା ବେଳେ ଭୁବନେଶ୍ୱରରେ ୨୦୬ ଏବଂ କଟକରେ ୧୯୨ ,ଅନୁଗୁଳରେ ୧୮୬,ବିଲେଇପଦାରେ ୨୫୮, ରାଉରକେଲା ୧୭୮ ରେକର୍ଡ କରାଯାଇଛି । ଡାଳଚେର,ଭୁବନେଶ୍ୱର ,କଟକ ସହରର ବାୟୁ ଗୁଣବତ୍ତା ‘ଖରାପ’ ଶ୍ରେଣୀରେ ରହିଛି। ସବୁଜ ବାଣ ପରିବର୍ତ୍ତେ ପାରମ୍ପରିକ ବାଣ ଫୁଟାଇବା ଯୋଗୁଁ ପରିବେଶରେ ପିଏମ୧୦ ଓ ପିଏମ୨.୫ ଧୂଳିକଣାର ମାତ୍ରା ବୃଦ୍ଧି ପାଇଛି। ଏହା ସହ ତାପମାତ୍ରା ହ୍ରାସ ଏବଂ ଟେମ୍ପରେଚର ଇନଭର୍ସନ୍ ଯୋଗୁଁ ପ୍ରଦୂଷିତ ବାୟୁ ଭୂପୃଷ୍ଠ ନିକଟରେ ଅଟକି ରହିବାରୁ ଧୂଆଁ ଓ କୁହୁଡ଼ିର ଆସ୍ତରଣ ସୃଷ୍ଟି ହୋଇଥିଲା। ଏହି ପ୍ରଦୂଷଣ



ଶ୍ୱାସଜନିତ ରୋଗୀ, ହୃଦ୍‌ରୋଗୀ ଏବଂ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇପାରେ। ଅନ୍ୟପକ୍ଷରେ, ଯୋଡ଼ା ଓ ଖଣି ଅଞ୍ଚଳରେ ବାୟୁ ପ୍ରଦୂଷଣ ପାଇଁ ବାଣ ଫୁଟାଇବା ସହ ଖଣି ଖନନ ଓ ଶିଳ୍ପାନୁଷ୍ଠାନରୁ ନିର୍ଗତ ଧୂଳି ଓ ଧୂଆଁ ମଧ୍ୟ ଦାୟୀ । ତେବେ ଦୀପାବଳି ପରେ ବାଣ ଫୁଟାଇବା କମିବା ସହ ତାପମାତ୍ରା ବୃଦ୍ଧି ପାଇଥିବାରୁ ବାୟୁର ଗୁଣବତ୍ତାରେ ସୁଧାର ଆସିବା ନେଇ ପୂର୍ବାନୁମାନ କରିଛନ୍ତି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ପରିବେଶ ବିଜ୍ଞାନୀ ନିରଞ୍ଜନ ମଲ୍ଲିକ। ବାୟୁ ପ୍ରଦୂଷଣ କ୍ଷେତ୍ରରେ ସାରା ଦେଶ ସବୁବେଳେ ଦିଲ୍ଲୀକୁ ନେଇ ଚିନ୍ତା ପ୍ରକଟ କରୁଥିବା ବେଳେ, ଏବେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରୁ ଆତଙ୍କିତ କଲା ଭଳି ଖବର ବିଭିନ୍ନ ମହଲକୁ ବିଚଳିତ କରିଛି । ଦୀପାବଳି ରାତିରେ ଅତ୍ୟଧିକ ବାଣ ଫୁଟା ଯୋଗୁଁ ସହରର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଏତେ ମାତ୍ରାରେ ବିଷାକ୍ତ ହୋଇପଡିଛି ଯେ, ଏହା ଦେଶର ରାଜଧାନୀ ଦିଲ୍ଲୀକୁ ମଧ୍ୟ ବହୁ ପଛରେ ପକାଇ ଦେଇଛି । ଦିଲ୍ଲୀରେ ଏକ୍ୟୁଆଇ ପ୍ରାୟ ୪ଶହ ଥିବା ବେଳେ ଦୀପାବଳି ରାତିରେ ଭୁବନେଶ୍ୱରରେ ଏକ୍ୟୁଆଇ ସ୍ତର ୧୪୪୪ ରେ ପହଞ୍ଚିଥିଲା । ସାଧାରଣତଃ ୫୦ ରୁ ୧୦୦ ମଧ୍ୟରେ ଥିବା ଏକ୍ୟୁଆଇକୁ ସନ୍ତୋଷଜନକ ଏବଂ ଶ୍ୱାସକ୍ରିୟା ପାଇଁ ସୁରକ୍ଷିତ ବୋଲି ଧରାଯାଏ । କିନ୍ତୁ ଏହା ୧୪୦୦ ଟପିବା ଅର୍ଥ ସହରର ବାୟୁମଣ୍ଡଳ ଏକ ବିଷାକ୍ତ ଗ୍ୟାସ୍ ଚାମ୍ବରରେ ପରିଣତ ହୋଇଛି । ଏହି ପରିସଂଖ୍ୟାନ କେବଳ ଆଶ୍ଚର୍ଯ୍ୟଜନକ ନୁହେଁ, ବରଂ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଦଜନକ ।

ବାଣ ନେଲା ଜୀବନ

ରାଉରକେଲା,୯ ।୧୧: ଭଉଣୀ ଆଗରେ ଭାଇର ଜୀବନ ଦୀପ ଦୀପାବଳିରେ ଲିଭିଯିବା ଘଟଣା ରାଉରକେଲା ରଘୁନାଥପାଲ୍ଲି ଥାନା କୌଶଲ୍ୟା ନଗରରେ ଶୋକର ଛାୟା ଖେଳାଇଦେଇଛି । ରବିବାର ରାତି ପାଖାପାଖି ୧୦ଟା ବେଳେ ଘଟିଥିଲା ଅଘଟଣ । ଦୀପାବଳି ଥିବାରୁ ପିଲାମାନଙ୍କୁ ଘରକୁ ଡାକିଥିଲେ ଟ୍ୟୁସନ ସାର୍ । କାରଣ ଦୀପାବଳି ପାଇଁ ଭୋଜିର ଆୟୋଜନ ହୋଇଥିଲା । ସେହି ଘରଠାରୁ ମାତ୍ର ଆଉ ୩ ଶହ ମିଟର ଦୂରରେ ବାଣ ଫୁଟିଥିଲା । ସେଥିରେ ଗୁରୁତର ଅବସ୍ଥାରେ ଚିନ୍ମୟ ସାହୁଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ ସ୍ଥାନୀୟ ଲୋକେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସାଙ୍ଗରେ ଥିବା ଭଉଣୀ ସହ ଅନ୍ୟ ଛାତ୍ରଛାତ୍ରୀମାନେ ଅଳ୍ପକେ ବର୍ତ୍ତିଥିଲେ ।

କ୍ୟାବିନେଟରେ ୧୩ ପ୍ରସ୍ତାବକୁ ମୋହର

‘ଓଡ଼ିଶା ଶିକ୍ଷାନେଟ’ରେ ମିଳିବ ମାଗଣା ୱାଇ-ଫାଇ ଇଣ୍ଟରନେଟ୍



ଭୁବନେଶ୍ୱର,୯ ।୧୧:ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ୨୦୨୬ ନଭେମ୍ବର ୯ ତାରିଖରେ ଲୋକ ସେବା ଭବନରେ ଓଡ଼ିଶା ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୧୦ଟି ସରକାରୀ ବିଭାଗ ସହ ଜଡ଼ିତ ୧୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ଉଚ୍ଚଶିକ୍ଷା, କୃଷିଜାତ ଦ୍ରବ୍ୟ ସଂଗ୍ରହ, ଜନ ବିତରଣ ବ୍ୟବସ୍ଥା ଏବଂ ଜଳ ସମ୍ପଦ ପରିଚାଳନା କ୍ଷେତ୍ରରେ ବଡ଼ ଧରଣର ନୀତିଗତ ପଦକ୍ଷେପ ଅନ୍ତର୍ଭୁକ୍ତ ରହିଛି । ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ପାଇଁ ମାଗଣା ହାଇ-ସ୍ପିଡ୍ ୱାଇ-ଫାଇ ଡିଜିଟାଲ୍ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ, କ୍ୟାବିନେଟ୍ ଏକ ପ୍ରମୁଖ ଯୋଜନା ‘ଓଡ଼ିଶା ଶିକ୍ଷାନେଟ’ ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ମାଗଣା ୱାଇ-ଫାଇ ଇଣ୍ଟରନେଟ୍ ସୁବିଧା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସଶକ୍ତିକରଣ’କୁ କାର୍ଯ୍ୟକାରୀ କରିବାକୁ ଅନୁମୋଦନ ଦେଇଛି । ରାଜ୍ୟର ସାର୍ବଜନୀନ ବିତରଣ ବ୍ୟବସ୍ଥା ଓଡ଼ିଶାବ୍ୟାପୀ ୧୧,୭୦୬ଟି ଦୋକାନ ମାଧ୍ୟମରେ ପରିଚାଳିତ ହୁଏ ସେଥିରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ରାଜ୍ୟ କ୍ୟାବିନେଟ୍ ‘ଓଡ଼ିଶା ସାର୍ବଜନୀନ ବିତରଣ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ, ୨୦୧୬’ ର ଧାରା ୪(୬) ରେ ଏକ ସଂଶୋଧନକୁ ଅନୁମୋଦନ କରିଛନ୍ତି । ବଲାଙ୍ଗୀର ଜିଲ୍ଲାରେ ନଦୀ ମଧ୍ୟରେ ଜଳ ସଂରକ୍ଷଣ ପ୍ରକଳ୍ପ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ପଥରଲା ଗ୍ରାମ ନିକଟରେ ଇନ୍ଦ୍ର ସୁନ୍ଦର ନଦୀ (ତେଲ ନଦୀର ଏକ ଉପନଦୀ) ଉପରେ ଏକ ଜଳ ସଂରକ୍ଷଣ ଡାଆ ନିର୍ମାଣ ପାଇଁ ଜଳ ସମ୍ପଦ ବିଭାଗ ଏକ ଟେଣ୍ଡରକୁ ଅନୁମୋଦନ ପାଇଛି ।

ଓଡ଼ିଶା ଆସିବେ ଉପରାଷ୍ଟ୍ରପତି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ

ଭୁବନେଶ୍ୱର,୯ ।୧୧:ଓଡ଼ିଶା ଗସ୍ତରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଚଳିତମାସରେ ଆସିବାର କାର୍ଯ୍ୟକ୍ରମ ରହିଛି । ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ୧୬ରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ବିଧାୟକମାନଙ୍କ ସଂସଦୀୟ ଦକ୍ଷତା ବୃଦ୍ଧି ପାଇ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେବେ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଚଳିତମାସ ୨୮ତାରିଖରେ ଆସି ଉଭୟ ସରକାରୀ ଓ ଦଳୀୟ



କାର୍ଯ୍ୟକ୍ରମ ଯୋଗ ଦେବେ ବୋଲି ଜଣାପଡ଼ିଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କ ଏହି ଗସ୍ତର ଚୂଡ଼ାନ୍ତ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ। ତେବେ ସେ ବିଜେପିର ସାଂଗଠନିକ ବୈଠକରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ବିଶେଷକରି ଦକ୍ଷିଣ ଓଡ଼ିଶାରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ଓ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଦଳୀୟ ପ୍ରସ୍ତୁତି ଉପରେ ଏହି ଗସ୍ତ ସମୟରେ ମାନସମନ୍ଥନ ହେବାର ସମ୍ଭାବନା ରହିଛି ।

ଭତ୍ତାରେ ଆଜି ଯୋଡ଼ିହେବେ ୫ଲକ୍ଷରୁ ଅଧିକ

ଭୁବନେଶ୍ୱର,୯ ।୧୧: ମଧୁବାବୁ ପେନସନ୍ ଯୋଜନାରେ ମଙ୍ଗଳବାର ସାମିଲ ହେବେ ରାଜ୍ୟର ଆଉ ୫ ଲକ୍ଷ ୫ ହଜାର ୮୦୦ ହିତାଧିକାରୀ । ଏହାଦ୍ୱାରା ରାଜ୍ୟର ଅନେକ ଗରିବ ଓ ଅସହାୟ ଲୋକ ଉପକୃତ ହେବେ ।ଏହା ଓଡ଼ିଶା ପାଇଁ ଏକ ବଡ଼ ନିଷ୍ପତ୍ତି ବୋଲି କହିଛନ୍ତି ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ପୂର୍ବ ସରକାରଙ୍କ ପେନସନ୍ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ନୂତନ ୫ ଲକ୍ଷ ୫ ହଜାର ୮୦୦ ହିତାଧିକାରୀ ସାମିଲ ହେବା ପରେ ଏହି ସଂଖ୍ୟା ୬୧ ଲକ୍ଷ ୬୫ ହଜାରରେ ପହଞ୍ଚିବ ।୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍‌ରେ ନୂତନ ଭାବେ ୬ ଲକ୍ଷ ହିତାଧିକାରୀଙ୍କୁ ପେନସନ୍ ଦେବା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିଲା । ସେଥିମଧ୍ୟରୁ ଏବେ ୫ ଲକ୍ଷ ୫ ହଜାର ୮୦୦ ଜଣଙ୍କୁ ଚିହ୍ନଟ କରାଯାଇଛି । ଏହି ହିତାଧିକାରୀମାନଙ୍କୁ ଯୋଜନାରେ ସାମିଲ କରିବା ପରେ ଆହୁରି ଅନେକ ଲୋକଙ୍କ ପାଇଁ ପେନସନ୍ ପାଇବାର ସୁଯୋଗ ସୃଷ୍ଟି ହେବ ।

ଜେଲ ଗଲେ ଭାସ୍କର ରାଓ

ରାୟଗଡ଼ା,୯ ।୧୧(ନିପ୍ର): ସୁପ୍ରିମକୋର୍ଟର ନିର୍ଦ୍ଦେଶ ଅନୁଯାୟୀ ରାୟଗଡ଼ାର ବହୁଚର୍ଚ୍ଚିତ ପୂର୍ବତନ କାଉନସିଲର ଭାଗିରଥି ମାଣ୍ଡାଙ୍ଗି ହତ୍ୟା ମାମଲାରେ ସୋମବାର ପୂର୍ବତନ ରାଜ୍ୟସଭା ସାଂସଦ ଏନ୍ ଭାସ୍କର ରାଓ ରାୟଗଡା ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି । ଏସଡିଜେଏମ ସୁଦେଷ୍ଣା ପଟ୍ଟନାୟକ ତାଙ୍କର ଜାମିନ ଆବେଦନ ନାମଞ୍ଜୁର କରି ବିଚାରବିଭାଗୀୟ ହାଜତକୁ ପଠାଇଦେଇଥିବା ଜଣାପଡିଛି । ପୂର୍ବତନ କାଉନସିଲର ଭାଗିରଥି ମାଣ୍ଡାଙ୍ଗି ହତ୍ୟା ଘଟଣାରେ ଓଡ଼ିଶା ହାଇକୋର୍ଟ ଚଳିତ ବର୍ଷ ୨୨ ଜାନୁଆରି ୨୦୨୬ରେ ଅଭିଯୁକ୍ତମାନଙ୍କୁ ଆଗୁଆ ଜାମିନ ପ୍ରଦାନ କରିଥିଲେ । ଏହା ବିରୋଧରେ ମୃତ ଅଭିଯୋଗକାରୀ ଜଗନ୍ନାଥ ମାଣ୍ଡାଙ୍ଗି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ ।

46001/29/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ମଧୁବାବୁ ପେନ୍‌ସନ୍ ଯୋଜନାରେ
ରାଜ୍ୟର ୫,୦୫,୮୧୭ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନର ଶୁଭାରମ୍ଭ
ଓ
ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ୍ (UPMP)ର
ଶୁଭ ଉଦ୍‌ଘାଟନ

ଗରିମାମୟ ଉପସ ସ୍ଥିତି

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର
ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ

ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ
ମନ୍ତ୍ରୀ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି

ଶ୍ରୀ ପ୍ରଦିପ ବଳ ସାମନ୍ତ
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

ଏବଂ
ସାଂସଦ ଓ ବିଧାୟକବୃନ୍ଦ, ବାଲେଶ୍ୱର ଜିଲ୍ଲା

୧୦ ନଭେମ୍ବର ୨୦୨୬ | ସକାଳ ୧୦:୦୦ ଘଟିକା | ରିଜର୍ଭ ପୋଲିସ୍ ପଡ଼ିଆ, ବାଲେଶ୍ୱର

ନିଃଶୁଳ୍କ ସହାୟତା ସେବା: ୧୮୦୦-୩୪୫-୬୭୭୦/ ୧୫୫୩୩୫

OIPR-46001/46001/2/26-27/0010

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ ିକରଣ ବିଭାଗ, ଓଡ଼ିଶା ସରକାର







ହବିଷ୍ୟାଳି, ତୁଳସୀ ଚଉରା ଓ ବୋଇତ ବନ୍ଦାଣ

ଓଡ଼ିଆ ଜନଜୀବନରେ କାର୍ତ୍ତିକ କେବଳ ଏକ ଧାର୍ମିକ ମାସ ନୁହେଁ, ଏହା ଆଧ୍ୟାତ୍ମିକ ଚେତନା, ତ୍ୟାଗ, ସଂଯମ, ନିଷ୍ଠା ଓ ଐତିହାସିକ ଗୌରବର ଏକ ଅପୂର୍ବ ସମନ୍ୱୟ। ଓଡ଼ିଶାର ଗାଁଠାରୁ ସହର ପର୍ଯ୍ୟନ୍ତ କାର୍ତ୍ତିକ ମାସ ଆସିଲେ ପ୍ରତ୍ୟେକ ଘରରେ ଏକ ପବିତ୍ର ଧାର୍ମିକ ପରିବେଶ ସୃଷ୍ଟି ହୁଏ। ଭୋରରୁ ଶଙ୍ଖଧ୍ୱନି, ହରିନାମ, ମନ୍ଦିରର ଘଣ୍ଟନାଦ ଓ ତୁଳସୀ ଚଉରା ମୂଳରେ ଜଳୁଥିବା ଦୀପ ଏହି ମାସର ମହିମାକୁ ଅଧିକ ମହନୀୟ କରିଥାଏ।

ଓଡ଼ିଆ ଜନଜୀବନରେ କାର୍ତ୍ତିକ କେବଳ ଏକ ଧାର୍ମିକ ମାସ ନୁହେଁ, ଏହା ଆଧ୍ୟାତ୍ମିକ ଚେତନା, ତ୍ୟାଗ, ସଂଯମ, ନିଷ୍ଠା ଓ ଐତିହାସିକ ଗୌରବର ଏକ ଅପୂର୍ବ ସମନ୍ୱୟ। ଓଡ଼ିଶାର ଗାଁଠାରୁ ସହର ପର୍ଯ୍ୟନ୍ତ କାର୍ତ୍ତିକ ମାସ ଆସିଲେ ପ୍ରତ୍ୟେକ ଘରରେ ଏକ ପବିତ୍ର ଧାର୍ମିକ ପରିବେଶ ସୃଷ୍ଟି ହୁଏ। ଭୋରରୁ ଶଙ୍ଖଧ୍ୱନି, ହରିନାମ, ମନ୍ଦିରର ଘଣ୍ଟନାଦ ଓ ତୁଳସୀ ଚଉରା ମୂଳରେ ଜଳୁଥିବା ଦୀପ ଏହି ମାସର ମହିମାକୁ ଅଧିକ ମହନୀୟ କରିଥାଏ।ହବିଷ୍ୟାଳି : ତ୍ୟାଗ, ତପସ୍ୟା ଓ ଆତ୍ମଶୁଦ୍ଧିର ପ୍ରତୀକ।

କାର୍ତ୍ତିକ ମାସର ସବୁଠାରୁ ଆକର୍ଷଣୀୟ ଧାର୍ମିକ ପରମ୍ପରା ହେଉଛି ହବିଷ ବ୍ରତ। ବିଶେଷକରି ବିଧବା ଓ ବୟସ୍କ ମହିଳାମାନେ ଏହି ମାସରେ ଅତ୍ୟନ୍ତ ନିଷ୍ଠାର ସହିତ ହବିଷ ବ୍ରତ ପାଳନ କରିଥାନ୍ତି। ସେମାନଙ୍କୁ ହବିଷ୍ୟାଳି କୁହାଯାଏ।ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରି ସ୍ନାନ, ଜପ, ତପ, ପୂଜାପାଠ ଓ ଭଗବାନ ଶ୍ରୀଜଗନ୍ନାଥଙ୍କ ଆରାଧନାରେ ସେମାନେ ନିଜକୁ ସମର୍ପିତ କରିଥାନ୍ତି। ଏହି ସମୟରେ ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ହବିଷ୍ୟ ଭୋଜନ କରାଯାଏ। ଅରୁଆ ଚାଉଳ, ମୁଗ ଡାଲି, ଓଉ, କଦଳୀ ଓ ବିଭିନ୍ନ ନିରାମିଷ ପଦାର୍ଥରେ ପ୍ରସ୍ତୁତ ହବିଷ୍ୟ ଏହି ବ୍ରତର ଏକ ଅଂଶ।



ହବିଷ ବ୍ରତର ପ୍ରକୃତ ଉଦ୍ଦେଶ୍ୟ କେବଳ ଖାଦ୍ୟ ସଂଯମ ନୁହେଁ, ବରଂ ମନର ପବିତ୍ରତା, ଇନ୍ଦ୍ରିୟ ସଂଯମ, ଆତ୍ମନିୟନ୍ତ୍ରଣ ଓ ଈଶ୍ୱରଙ୍କ ପ୍ରତି ସମର୍ପଣ ଭାବନାକୁ ଜାଗ୍ରତ କରିବା। ପୁରୀ ଶ୍ରୀକ୍ଷେତ୍ରରେ ହବିଷ୍ୟାଳିମାନଙ୍କ ପାଇଁ ହେଉଥିବା ବିଶେଷ ବ୍ୟବସ୍ଥା ଓ ମହାପ୍ରଭୁଙ୍କ ଦର୍ଶନ ଏହି ପରମ୍ପରାର ମହତ୍ତ୍ୱକୁ ଅଧିକ ବଢ଼ାଇଥାଏ।ତୁଳସୀ ଚଉରା : ଓଡ଼ିଆ ଘରର ଆଧ୍ୟାତ୍ମିକ ଓ ପ୍ରାକୃତିକ ପରିଚୟ।ଓଡ଼ିଆ ଘରର ଅଗଣାରେ ଥିବା ତୁଳସୀ ଚଉରା କେବଳ ଇଟା, ମାଟି ଓ ଚୂନରେ ନିର୍ମିତ ଏକ ବେଦୀ ନୁହେଁ, ଏହା ଓଡ଼ିଆ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପ୍ରତ୍ୟେକ ଓଡ଼ିଆ ଘରେ ତୁଳସୀ ଗଛକୁ ମାତା ବୃନ୍ଦାବତୀଙ୍କ ପ୍ରତୀକ ଭାବେ ପୂଜା କରିବାର ପରମ୍ପରା ରହିଛି।କାର୍ତ୍ତିକ ମାସରେ ତୁଳସୀ ଚଉରାର ମହତ୍ତ୍ୱ ଅଧିକ ବୃଦ୍ଧି ପାଏ। ପ୍ରତିଦିନ ସକାଳେ ମହିଳାମାନେ ଚଉରା ମୂଳରେ ଜଳ ଅର୍ପଣ କରି ମୁରୁଜରେ ସୁନ୍ଦର ଝୋଟି ଆଙ୍କିଥାନ୍ତି। ସନ୍ଧ୍ୟା ସମୟରେ ଦୀପ ଜାଳି ତୁଳସୀଙ୍କୁ ପ୍ରଣାମ କରିବା ସହିତ ପରିବାରର ମଙ୍ଗଳ କାମନା କରିଥାନ୍ତି। ପୌରାଣିକ ମତ ଅନୁଯାୟୀ, ତୁଳସୀ ଭଗବାନ ବିଷ୍ଣୁଙ୍କର ଅତି ପ୍ରିୟ। ତୁଳସୀ ପତ୍ର ବିନା ଶ୍ରୀବିଷ୍ଣୁଙ୍କ ପୂଜା ଅସମ୍ପୂର୍ଣ୍ଣ ବୋଲି ଧାର୍ମିକ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ବିଜ୍ଞାନ ଦୃଷ୍ଟିରୁ ତୁଳସୀ ଏକ ଔଷଧୀୟ ଗୁଣସମ୍ପନ୍ନ ଉଦ୍ଭିଦ। ଏହାର ପତ୍ରରେ ବିଭିନ୍ନ ଜୈବ ସକ୍ରିୟ ଉପାଦାନ ରହିଛି, ଯାହା ପାରମ୍ପରିକ ଔଷଧ ପ୍ରଣାଳୀରେ ବ୍ୟବହୃତ ହୋଇଆସୁଛି। ତେଣୁ ଆମ ପୂର୍ବପୁରୁଷମାନେ ଧାର୍ମିକ ପରମ୍ପରା ମାଧ୍ୟମରେ ଘର ଅଗଣାରେ ଗଛ ଲଗାଇବା ଓ ତାହାର ଯତ୍ନ ନେବାର ଏକ ସୁନ୍ଦର ଅଭ୍ୟାସ ଗଢ଼ିଥିଲେ।

ବୋଇତ ବନ୍ଦାଣ , ଉତ୍କଳୀୟ ନୌବାଣିଜ୍ୟର ସ୍ୱର୍ଣ୍ଣିମ ଇତିହାସ:କାର୍ତ୍ତିକ ମାସର ଶେଷ ଆକର୍ଷଣ ହେଉଛି କାର୍ତ୍ତିକ ପୂର୍ଣ୍ଣିମା। ଏହି ଦିନ ଓଡ଼ିଶାର ପ୍ରତ୍ୟେକ ଜଳାଶୟ, ନଦୀ ଓ ପୋଖରୀରେ ବୋଇତ ବନ୍ଦାଣର ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳେ।

ଏହା ଓଡ଼ିଆ ଜାତିର ଗୌରବମୟ ସାମୁଦ୍ରିକ ଇତିହାସର ଏକ ଜୀବନ୍ତ ସ୍ମୃତି। ପ୍ରାଚୀନ କଳିଙ୍ଗର ସାଧବପୁଅମାନେ ସମୁଦ୍ର ପଥରେ ବୋଇତ ନେଇ ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ଅନ୍ୟାନ୍ୟ ଦକ୍ଷିଣ-ପୂର୍ବ ଏସୀୟ ଅଞ୍ଚଳକୁ ବାଣିଜ୍ୟ କରିବାକୁ ଯାଉଥିଲେ। ସେମାନେ ମସଲା, ବସ୍ତ୍ର, ମୂଲ୍ୟବାନ ସାମଗ୍ରୀ ଓ ବିଭିନ୍ନ ଦ୍ରବ୍ୟର ଆଦାନପ୍ରଦାନ କରୁଥିଲେ।

ସେହି ସମୟରେ ପବନର ଦିଗ ଓ ଋତୁକାଳୀନ ମୌସୁମୀ ପବନର ଗତିକୁ ଅନୁଧ୍ୟାନ କରି ସାଧବମାନେ ସାମୁଦ୍ରିକ ଯାତ୍ରା କରୁଥିଲେ। ଏହା ସେମାନଙ୍କର ସମୁଦ୍ର ବିଜ୍ଞାନ, ନୌଚାଳନା ଜ୍ଞାନ ଓ ବାଣିଜ୍ୟିକ ଦକ୍ଷତାର ପରିଚୟ ଦିଏ।

ଏହି ଗୌରବମୟ ଅତୀତକୁ ସ୍ମରଣ କରି ଆଜି ମଧ୍ୟ ଓଡ଼ିଆ ଘରର ମହିଳାମାନେ ଭୋରରୁ ସ୍ନାନ କରି କଦଳୀ ପଟୁକା, ସୋଲ ଓ କାଗଜରେ ନିର୍ମିତ ଛୋଟ ଛୋଟ ଡଙ୍ଗାରେ ଦୀପ, ଧୂପ, ଫୁଲ ଓ ପାନଗୁଆ ରଖି ଜଳରେ ଭସାଇଥାନ୍ତି।

ସେହି ସମୟରେ ଗାଁ ଗହଳିରୁ ସହର ପର୍ଯ୍ୟନ୍ତ ଗୁଞ୍ଜରିତ ହୁଏ ଓଡ଼ିଆ ଜାତିର ଚିରପରିଚିତ ଲୋକଗୀତ- 'ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର।'ଏହି ଗୀତର ଶବ୍ଦ ମଧ୍ୟରେ ରହିଛି ଓଡ଼ିଆ ଜାତିର ଇତିହାସ, ବାଣିଜ୍ୟିକ ପରମ୍ପରା ଓ ସାମୁଦ୍ରିକ ଗୌରବର ଅମୂଲ୍ୟ ସ୍ମୃତି। କଟକର ପ୍ରସିଦ୍ଧ ବାଲିଯାତ୍ରା ଏହି ପରମ୍ପରାକୁ ଆହୁରି ଜୀବନ୍ତ କରି ରଖିଛି।



ପରମ୍ପରାରେ ବିଜ୍ଞାନ ଓ ପରିବେଶ ସୁରକ୍ଷାର ବାର୍ତ୍ତା:କାର୍ତ୍ତିକ ମାସର ଏହି ତିନୋଟି ପରମ୍ପରାକୁ ଯଦି ଗଭୀର ଭାବରେ ଅନୁଧ୍ୟାନ କରାଯାଏ, ତେବେ ଏଥିରେ ଏକ ସାମାଜିକ ଓ ପ୍ରାକୃତିକ ଶିକ୍ଷା ଲୁଚି ରହିଛି।

ହବିଷ ବ୍ରତ ମଣିଷକୁ ସଂଯମ ଓ ଶୃଙ୍ଖଳା ଶିଖାଏ। ତୁଳସୀ ଚଉରା ଗଛଲତା ପ୍ରତି ଶ୍ରଦ୍ଧା ଓ ପରିବେଶ ସୁରକ୍ଷାର ଚେତନା ଜାଗ୍ରତ କରେ। ବୋଇତ ବନ୍ଦାଣ ଆମକୁ ଆମର ଐତିହାସିକ ବାଣିଜ୍ୟିକ ଦକ୍ଷତା, ସାହସ ଓ ଉଦ୍ୟମର ସ୍ମୃତି ମନେ ପକାଇଦିଏ।ଆଜିର ଆଧୁନିକ ଯୁଗରେ ଏହି ପରମ୍ପରାଗୁଡ଼ିକୁ ପାଳନ କରିବା ସମୟରେ ପରିବେଶ ଅନୁକୂଳ ସାମଗ୍ରୀ ବ୍ୟବହାର, ଜଳାଶୟର ସ୍ୱଚ୍ଛତା ଓ ବୃକ୍ଷରୋପଣ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।

କାର୍ତ୍ତିକ ମାସର ହବିଷ୍ୟାଳିଙ୍କ ନିଷ୍ଠା, ତୁଳସୀ ଚଉରାର ପବିତ୍ରତା ଓ ବୋଇତ ବନ୍ଦାଣର ଗୌରବ ଏକତ୍ର ହୋଇ ଓଡ଼ିଆ ଜାତିର ଅସ୍ମିତାକୁ ପ୍ରତିପାଦିତ କରେ। ଏହା ଆମକୁ ଆମର ପୂର୍ବପୁରୁଷଙ୍କ ଜୀବନଶୈଳୀ, ଜ୍ଞାନ, ଆସ୍ଥା ଓ ଐତିହ୍ୟ ସହିତ ପରିଚିତ କରାଏ।ଆଜି ଆମେ ଆଧୁନିକତାର ଦୌଡ଼ରେ ଆଗକୁ ବଢ଼ୁଥିବା ବେଳେ ନିଜର ପରମ୍ପରା ଓ ସଂସ୍କୃତିକୁ ଭୁଲିଯିବା ଉଚିତ ନୁହେଁ। କାରଣ ଯେଉଁ ଜାତି ନିଜର ଇତିହାସ, ସଂସ୍କୃତି ଓ ଐତିହ୍ୟକୁ ଭୁଲିଯାଏ, ସେହି ଜାତିର ଭବିଷ୍ୟତ ମଧ୍ୟ ଦିଗହରା ହୋଇପଡ଼େ।କାର୍ତ୍ତିକ ଆମକୁ ଶିଖାଏ- ଆସ୍ଥାରେ ଭକ୍ତି, ଜୀବନରେ ସଂଯମ, ପ୍ରକୃତି ପ୍ରତି ଶ୍ରଦ୍ଧା ଓ ଇତିହାସ ପ୍ରତି ଗର୍ବ ହିଁ ଏକ ସମୃଦ୍ଧ ସମାଜର ପ୍ରକୃତ ପରିଚୟ।

- କୈଳାଶ ଚନ୍ଦ୍ର ପଟନାୟକ
ମୋ: ୯୯୩୭୪୩୩୧୬୬



ଗୋ-ପ୍ରଜାତି ସହିତ ପ୍ରକୃତି ସୁରକ୍ଷାରେ ସର୍ବହିତ

ଭାରତୀୟ ସଂସ୍କୃତି ହେଉଛି ବିଶ୍ୱର ଏପରି ଏକ ଅନନ୍ୟ ସଂସ୍କୃତି ଯେଉଁଠି ପ୍ରତ୍ୟେକଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିବା ସହ ସତ୍କାର ମଧ୍ୟ କରାଯାଇଥାଏ । କାରଣ ଏ ସଂସ୍କୃତି ପୂଜ୍ୟ ପୂଜାରେ ବିଶ୍ୱାସ ରଖେ। ସେ କହେ; ଯେ କେବଳ ନିଜ ପାଇଁ ବଞ୍ଚେ ସେ ସ୍ୱାର୍ଥପର ଏବଂ ଯେ ନିଃସ୍ୱାର୍ଥପର ଭାବେ ସମସ୍ତଙ୍କ ପାଇଁ ବଞ୍ଚେ ସେ ହେଉଛି ମହାନ୍ ବା ମହୀୟସୀ। ଏହି ମହୀୟସୀ ପ୍ରାଣୀଙ୍କ ମଧ୍ୟରେ ଶ୍ରେଷ୍ଠା ହେଉଛନ୍ତି ଆମ ଗୋମାତା। ତେଣୁ ଶାସ୍ତ୍ରରେ କୁହାଯାଇଛି:

'ଗାବୋ ବିଶ୍ୱସ୍ୟ ମାତରଃ। ଗାବୋ ସ୍ୱର୍ବସୁଖପ୍ରଦାଃ'

ଅର୍ଥାତ୍ ଗାଈ ହେଉଛନ୍ତି ସାରା ସଂସାରର ମାତା ଏବଂ ସେ ସମସ୍ତ ପ୍ରକାରର ସୁଖକୁ ପ୍ରଦାନ କରିଥାନ୍ତି। ତେଣୁ ବୈଦିକ କାଳରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଆମ ଭାରତୀୟ ସଂସ୍କୃତିରେ ପ୍ରକୃତିର ଉପାସନା ସହିତ ଗୋମାତାଙ୍କ ପୂଜନର ବିବିଧ ଓ ପର୍ବପର୍ବାଣିରେ ପାଳନ କରାଯାଉଛି। ସେଥି ମଧ୍ୟରୁ ଗୋଟିଏ ପର୍ବ ହେଉଛି ଗୋବର୍ଦ୍ଧନ ଉତ୍ସବ। ଯାହା କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ପ୍ରତିପଦା ତିଥିରେ ପାଳିତ ହୋଇଥାଏ। ଏହି ପୂଜା ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଉକ୍ତ ପର୍ବ ପଛରେ ଥିବା ପୌରାଣିକ କଥାବସ୍ତୁ ଯେତିକି ଚିତ୍ତାକର୍ଷକ, ଏହାର ଆଧ୍ୟାତ୍ମିକ ଓ ଦାର୍ଶନିକ ଦୃଷ୍ଟିକୋଣ ସେତିକି ବ୍ୟାପକ ଏବଂ ପ୍ରାସଙ୍ଗିକ।

ଗୋ ହେଉଛି ଏପରି ଏକ ଶବ୍ଦ ଯାହାର ଅନେକ ଅର୍ଥ ରହିଛି, ଯଥା: ଗୋପ୍ରଜାତି, ପଶୁ, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ଦିଗ, ବାଣୀ, ସ୍ୱର୍ଗ, ଇନ୍ଦ୍ରିୟ ଓ ସମ୍ପଦ ଇତ୍ୟାଦି। ସେଭଳି ଗୋବର୍ଦ୍ଧନ ଶବ୍ଦର ଆକ୍ଷରିକ ଅର୍ଥ 'ଗୋ' ଗୋଜାତି (ଗାଈ ପ୍ରଜାତି) ଏବଂ 'ବର୍ଦ୍ଧନ' ଅର୍ଥାତ୍ ବୃଦ୍ଧି କରିବା। ଏଥିରୁ ଜ୍ଞାତ ହୁଏ ଯେ, ଆମ ପୂର୍ବ ପୁରୁଷର ସୂରିମାନେ କେତେ ଜ୍ଞାନୀ ନ ଥିଲେ ! ସେମାନେ ବିବିଧ ପର୍ବପର୍ବାଣି ମାଧ୍ୟମରେ ଆମକୁ ପ୍ରକୃତି ସହିତ ଜଡିତ ରହିବା ପାଇଁ ଶିକ୍ଷା ଦେଇଯାଇଛନ୍ତି। ଗୋବର୍ଦ୍ଧନ ପୂଜାର ସବୁଠାରୁ ବଡ଼ ଦାର୍ଶନିକ ବାର୍ତ୍ତା ହେଉଛି ପ୍ରକୃତିକୁ ଭଗବାନ ଜ୍ଞାନ କରି ପୂଜା କରିବା। ଦ୍ୱାପର ଯୁଗରେ ବ୍ରଜବାସୀମାନେ ପ୍ରତିବର୍ଷ ବର୍ଷାର ଦେବତା ଇନ୍ଦ୍ରଙ୍କୁ ପୂଜା କରୁଥିଲେ। ଶ୍ରୀକୃଷ୍ଣ ସେମାନଙ୍କୁ ବୁଝାଇଲେ ଯେ, ଯେଉଁ ଗୋବର୍ଦ୍ଧନ ପର୍ବତ ସେମାନଙ୍କ ଗୋରୁଗାଈଙ୍କୁ ଘାସ ଯୋଗାଉଛି, ଶୁଦ୍ଧ ଜଳ ଓ ଅମ୍ଳଜାନ ଦେଉଛି, ସେହି ପ୍ରତ୍ୟକ୍ଷ ପାହାଡ଼ ହିଁ ସେମାନଙ୍କ ପାଇଁ ପୂଜନୀୟ। ଏହା ଆମକୁ ଶିଖାଏ ଯେ ଈଶ୍ୱର କେବଳ କଳ୍ପନାରେ ନାହାନ୍ତି, ବରଂ ନଦୀ, ପର୍ବତ, ଗଛଲତା ଓ ଜଙ୍ଗଲ ମଧ୍ୟରେ ବିଦ୍ୟମାନ। କାରଣ ପରିବେଶକୁ ସନ୍ତୁଳନ ରକ୍ଷା କରିବା ହିଁ ପ୍ରକୃତ ଧର୍ମ। ଯଦି ଆମେ ପ୍ରକୃତିର ସଂରକ୍ଷଣ ନ କରିବା ତେବେ ମାନବ ସମାଜ ମହାବିପଦର ସମ୍ମୁଖୀନ ନିଶ୍ଚିତ ହେବ। ଯାହା ଆଜିର ଯୁଗ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ସଂସ୍କୃତରେ କୁହା ଯାଇଛି 'ଗୋ ବର୍ଦ୍ଧୟତୀତି ଗୋବର୍ଦ୍ଧନଃ' । ଅର୍ଥାତ୍ ଗୋ-ପ୍ରଜାତି ସହିତ ପ୍ରକୃତିର ସୁରକ୍ଷା କରିଲେ, ସମଗ୍ର ମାନବ ସମାଜର ସୁଖ-ସମୃଦ୍ଧି ଘଟିବ। ଏହାହିଁ 'ଗୋବର୍ଦ୍ଧନଃ' ଶବ୍ଦର ଯଥାର୍ଥତା। ଆମ ବେଦ, ପୁରାଣ ଓ ଉପନିଷଦରେ ଗୋମାତାଙ୍କୁ ସର୍ବୋଚ୍ଚ ଆସନ ଦିଆଯିବା ସହ ପାବନୀ ଓ ପୂଜନୀୟା ବୋଲି ବର୍ଣ୍ଣନା କରାଯାଇଛି। କାରଣ ସେ ନିଜର ସମସ୍ତ ଜୀବନ ମାନବ ସମାଜର କଲ୍ୟାଣ ପାଇଁ ଉତ୍ସର୍ଗକରି ଚାଲିଛନ୍ତି। ତେଣୁ ତାଙ୍କୁ ଜନ୍ମଦାତ୍ରୀ ମା' ସହିତ ତୁଳନା କରାଯାଇ ସମଗ୍ର ବିଶ୍ୱର ମାତା ବୋଲି ଆଖ୍ୟା ଦିଆଯାଇଛି:

ସର୍ବଦେବମୟୀ ହି ଗୌଃ ସର୍ବତୀର୍ଥମୟୀ ହି ଗୌଃ ।
ସର୍ବପୁଣ୍ୟମୟୀ ହି ଗୌଃ ସର୍ବପାପହରା ହି ଗୌଃ ।।

ଅର୍ଥାତ୍ ଗୋମାତା ସମସ୍ତ ଦେବଦେବୀଙ୍କର ସ୍ୱରୂପା ଅଟନ୍ତି। ସେ ସମସ୍ତ ପବିତ୍ର ତୀର୍ଥର ସ୍ୱରୂପ ଏବଂ ସମସ୍ତ ପୁଣ୍ୟର ଆଧାର। ତାହାଙ୍କ ସେବା ଓ ଦର୍ଶନ ଦ୍ୱାରା ମନୁଷ୍ୟର ସମସ୍ତ ପାପ ନଷ୍ଟ ହୋଇଯାଏ। ସେଭଳି ଅନ୍ୟ ଏକ ଶ୍ଳୋକରେ କୁହାଯାଉଛି:

ଗାବଃ ସର୍ବଭୂତାନାଂ ଗାବଃ ସର୍ବସୁଖପ୍ରଦାଃ ।
ମାତରଃ ସର୍ବଲୋକାନାଂ ଗାବଃ ପାବନପାବନୀ ।।

ଏହାର ଅର୍ଥ: ଗାଈମାନେ ସମସ୍ତ ଜୀବଙ୍କ ପାଇଁ ସୁଖ ପ୍ରଦାନକାରୀ ଅଟନ୍ତି। ଗୋମାତା ସମଗ୍ର ସଂସାରର ମାତା ସଦୃଶା ଏବଂ ସେ ପବିତ୍ର ବସ୍ତୁମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ପାବନୀ ଅଟନ୍ତି। ସେଭଳି ଗୋବର୍ଦ୍ଧନ ଶବ୍ଦର ବ୍ୟୁତ୍ପତ୍ତି ହେଉଛି ଯେଉଁ ସ୍ଥାନରେ ଗାଈମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଏ, ସେଠାରେ ସେମାନଙ୍କର ସଂଖ୍ୟା ବଢ଼ିଥାଏ। ତେଣୁ ସେହି ସ୍ଥାନ ଅତ୍ୟନ୍ତ ମଙ୍ଗଳମୟ ଏବଂ ସମୃଦ୍ଧିଶାଳୀ ହୋଇଯାଏ।

ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପୁରାଣରେ ଗିରିଧାରୀ ବୋଲି କୁହାଯାଏ। କାରଣ ସେ ନିଜ କନିଷ୍ଠ ଅଙ୍ଗୁଳିରେ ଗୋବର୍ଦ୍ଧନ ପର୍ବତକୁ ଧରିଥିଲେ। ଶ୍ରୀକୃଷ୍ଣ ଯେତେବେଳେ ଗୋବର୍ଦ୍ଧନ ପର୍ବତ ଟେକିଲେ, ସେତେବେଳେ ସେ ସବୁ ଗୋପାଳ ଓ ବ୍ରଜବାସୀମାନଙ୍କୁ ନିଜ ନିଜର ବାଡ଼ି ଲଗାଇ ପର୍ବତକୁ ଟେକିବାରେ ସାହାଯ୍ୟ କରିବାକୁ କହିଥିଲେ। ଭଗବାନ ଚାହିଁଥିଲେ ଏକାକୀ ସବୁ କିଛି କରିପାରିଥାନ୍ତେ, କିନ୍ତୁ ସେ ସମସ୍ତଙ୍କର ସହଯୋଗ ଚାହିଁଲେ। ଏହା ଦର୍ଶାଏ ଯେ ଯେକୌଣସି ବଡ଼ ସଂକଟର ମୁକାବିଲା କରିବା ପାଇଁ ସାମୂହିକ ପ୍ରୟାସ ଓ ଏକତା ଆବଶ୍ୟକ। ତେଣୁ ସମାଜର ପ୍ରତ୍ୟେକ ବ୍ୟକ୍ତିର ଯୋଗଦାନ ଛୋଟ ହେଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏଥିରୁ ପ୍ରତୀୟମାନ ହୁଏ ଯେ, ଗୋବର୍ଦ୍ଧନ ପୂଜା କେବଳ ଏକ ଧାର୍ମିକ ବିଧିବିଧାନ ନୁହେଁ, ବରଂ ଏହା ମାନବ ଜୀବନକୁ ସରଳ, ସୁନ୍ଦର ଓ ସନ୍ତୁଳିତ କରିବାର ଏକ ଜୀବନ୍ତ ଦର୍ଶନ। ଏହା ଆମକୁ ପ୍ରକୃତି ପ୍ରେମୀ ହେବାକୁ, ଅହଂକାର ତ୍ୟାଗ କରିବାକୁ ଏବଂ ସମାଜରେ ମିଳିମିଶି ରହିବାକୁ ପ୍ରେରଣା ଦିଏ। ଆଜିର ବିଜ୍ଞାନ ଓ ବୈଷୟିକ ଯୁଗରେ ଯେତେବେଳେ ପରିବେଶ ପ୍ରଦୂଷଣ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି, ସେତେବେଳେ ଗୋବର୍ଦ୍ଧନ ପୂଜାର ଏହି ଦାର୍ଶନିକ ଚିନ୍ତାଧାରା ସମଗ୍ର ବିଶ୍ୱ ପାଇଁ ଏକ ଦିଗ୍‌ଦର୍ଶନ ସଦୃଶ।

-ହେମନ୍ତ କୁମାର ଗନ୍ତାୟତ
ବରିଷ୍ଠ ଦର୍ଶନ ଅଧ୍ୟାପକ, ଆସିକା , ଗଞ୍ଜାମ
ମୋ: ୯୮୬୧୩୩୪୮୬୮

ମାନବତାର ମହାମାସ କାର୍ତ୍ତିକ

ପ୍ରକୃତି ଯେତେବେଳେ ଶରତର ନିର୍ମଳ ନୀଳ ଆକାଶରୁ ଶୀତର ଶୁଭ୍ର କାକର ସ୍ପର୍ଶ ଆଡ଼କୁ ପାଦ ବଢ଼ାଏ, ଧରାପୃଷ୍ଠରେ କାଶତଣ୍ଡୀର ଧବଳ ହସ ଓ ଗଙ୍ଗଶିଉଳିର ମହକ ଭିତରେ ଆରମ୍ଭ ହୁଏ ଏକ ଅଲୌକିକ ମୁହୂର୍ତ୍ତ। ଭାରତୀୟ ସଂସ୍କୃତି ତଥା ଓଡ଼ିଆ ଜନଜୀବନର ପରମ୍ପରାରେ ଏହି ମୁହୂର୍ତ୍ତର ନାମ 'ପବିତ୍ର କାର୍ତ୍ତିକ ମାସ'।



ପ୍ରକୃତି ଯେତେବେଳେ ଶରତର ନିର୍ମଳ ନୀଳ ଆକାଶରୁ ଶୀତର ଶୁଭ୍ର କାକର ସ୍ପର୍ଶ ଆଡ଼କୁ ପାଦ ବଢ଼ାଏ, ଧରାପୃଷ୍ଠରେ କାଶତଣ୍ଡୀର ଧବଳ ହସ ଓ ଗଙ୍ଗଶିଉଳିର ମହକ ଭିତରେ ଆରମ୍ଭ ହୁଏ ଏକ ଅଲୌକିକ ମୁହୂର୍ତ୍ତ। ଭାରତୀୟ ସଂସ୍କୃତି ତଥା ଓଡ଼ିଆ ଜନଜୀବନର ପରମ୍ପରାରେ ଏହି ମୁହୂର୍ତ୍ତର ନାମ 'ପବିତ୍ର କାର୍ତ୍ତିକ ମାସ'। ଏହା କେବଳ ପାଞ୍ଜିର ଏକ ସାଧାରଣ ପୃଷ୍ଠା ନୁହେଁ କିମ୍ବା କେବଳ ଉପବାସ ଓ ତିଥିପର୍ବର ସମାହାର ନୁହେଁ; ଏହା ହେଉଛି ମଣିଷ ଭିତରେ ଥିବା ସୁପ୍ତ ଦିବ୍ୟତା, ନୈତିକତା ଏବଂ ବିଶ୍ୱଭ୍ରାତୃତ୍ୱର ଜାଗରଣର ମାସ।

ପୁରାଣ ଶାସ୍ତ୍ରରେ କୁହାଯାଇଛି- "ନ କାର୍ତ୍ତିକ ସମୋ ମାସୋ ନ ଶାସ୍ତ୍ରଂ ବେଦ ସଦୃଶମ୍। ନ ଚ ଗଙ୍ଗା ସମଂ ତୀର୍ଥଂ ନ ଦାନଂ କେଶବପ୍ରିୟମ୍।।" କାର୍ତ୍ତିକ ଭଳି ପୁଣ୍ୟ ମାସ, ବେଦ ଭଳି ଶାସ୍ତ୍ର ଏବଂ ଗଙ୍ଗା ଭଳି ତୀର୍ଥ ଆଉ ଦ୍ୱିତୀୟ ନାହିଁ। କିନ୍ତୁ ବାସ୍ତବରେ କାର୍ତ୍ତିକର ପ୍ରକୃତ ମାହାତ୍ମ୍ୟ କେବଳ ପୌରାଣିକ ବିଧିବିଧାନ ମଧ୍ୟରେ ସୀମିତ ନୁହେଁ। ଏହା ଆଧ୍ୟାତ୍ମିକତା, ଦାର୍ଶନିକ ଚିନ୍ତନ, ମାନବୀୟ ସମ୍ବେଦନଶୀଳତା, ଜୀବନଚର୍ଯ୍ୟା ଏବଂ ସାମାଜିକ ସଂହତିର ଏକ ଅପୂର୍ବ ସଙ୍ଗମ।

ଧାର୍ମିକ ମୂଲ୍ୟବୋଧ: ଆତ୍ମସଂଯମ ଓ ଆଲୋକର ଅଭିଯାନ- ଧାର୍ମିକ ଦୃଷ୍ଟିକୋଣରୁ କାର୍ତ୍ତିକ ହେଉଛି ପରମାତ୍ମାଙ୍କ ସହ ଆତ୍ମାର ମିଳନର ଏକ ପବିତ୍ର ସେତୁ। ଏହି ମାସରେ ପ୍ରତ୍ୟୁଷରୁ ସ୍ନାନ, 'ରାଧା-ଦାମୋଦର'ଙ୍କ ଉପାସନା, ହବିଷ୍ୟାନ୍ନ ଭକ୍ଷଣ ଏବଂ ସନ୍ଧ୍ୟାରେ ତୁଳସୀ ଚଉରା ମୂଳରେ ଆକାଶଦୀପ ପ୍ରଜ୍ୱଳନ ପ୍ରତ୍ୟେକଟି କାର୍ଯ୍ୟ ମଣିଷକୁ ଶୃଙ୍ଖଳା ଶିଖାଏ। ଆକାଶଦୀପ ସ୍ଥାପନର ଅର୍ଥ କେବଳ ପୂର୍ବପୁରୁଷଙ୍କୁ ବାଟ ଦେଖାଇବା ନୁହେଁ, ବରଂ ଅନ୍ଧକାରମୟ ହୃଦୟରେ ଜ୍ଞାନର ଦୀପ ଜଳାଇବା। କାର୍ତ୍ତିକର ଶେଷ ପାଞ୍ଚ ଦିନ ବା 'ଭୀଷ୍ମ ପଞ୍ଚକ' ମହାବ୍ରତ ମଣିଷକୁ ତାର ଇନ୍ଦ୍ରିୟ ଉପରେ ବିଜୟ ଲାଭ କରିବାର ପ୍ରେରଣା ଦିଏ। ଧର୍ମ ଏଠାରେ କୌଣସି ଜଟିଳ କର୍ମକାଣ୍ଡ ନୁହେଁ, ବରଂ ନିଜର ଦୈନନ୍ଦିନ ଆଚାର-ବ୍ୟବହାରକୁ ସଂଯତ, ନିର୍ମଳ ଓ ସାତ୍ତ୍ୱିକ କରିବାର ଏକ ସାଧନା।

ଦାର୍ଶନିକ ଓ ଚେତନାର ଉତ୍ତରଣ: ତ୍ୟାଗରୁ ଆନନ୍ଦ । ଦାର୍ଶନିକ ଦୃଷ୍ଟିରୁ ବିଚାର କଲେ କାର୍ତ୍ତିକ ମାସ ଆମକୁ ଜୀବନର ନଶ୍ୱରତା ଓ ସତ୍ୟତାର ବୋଧ କରାଏ। ତୁଳସୀ ପତ୍ରଟିଏ, ଗଣ୍ଡୁଷେ ଜଳ ଏବଂ ସାଧାରଣ କନ୍ଦମୂଳ-ଅରୁଆ ଭାତର ହବିଷ ଭୋଜନ ମାଧ୍ୟମରେ ମଣିଷ ଶିଖେ ଯେ ବସ୍ତୁବାଦୀ ସୁଖ କ୍ଷଣସ୍ଥାୟୀ। ସାଧାରଣତଃ ସଂସାରର ମୋହମାୟା, ଲୋଭ, ଈର୍ଷା ଓ ଅହଂକାରରେ ବୁଡ଼ି ରହୁଥିବା ମଣିଷ ପାଇଁ ଏହି ମାସ ହେଉଛି 'ଡିଟକ୍ସିଫିକେସନ୍' ବା ଆତ୍ମଶୁଦ୍ଧିର ସମୟ। ? 'ତ୍ୟାଗେନୈକେ ଅମୃତତ୍ୱମାନଶୁଃ'— ତ୍ୟାଗ ହିଁ ଅମୃତତ୍ୱର ଏକମାତ୍ର ପଥ। କାର୍ତ୍ତିକ ଶିଖାଏ କିପରି ଅଳ୍ପରେ ସନ୍ତୁଷ୍ଟ ରହିବାକୁ ହୁଏ। ନିଜର ଆହାର, ବିହାର ଓ ବିଚାରକୁ ପରିମାର୍ଜିତ କରିବା ଦ୍ୱାରା ମନ ଭିତରେ ଥିବା ତାମସିକ ଭାବନା ଦୂର ହୁଏ ଏବଂ ସାତ୍ତ୍ୱିକ ଚେତନାର ବିକାଶ ଘଟେ।

ନୈତିକ ଓ ମାନବିକ ମୂଲ୍ୟବୋଧ: ଅନ୍ନଦାନ ଓ କରୁଣାର ବାର୍ତ୍ତା ? କାର୍ତ୍ତିକ ମାସର ସବୁଠାରୁ ମହାନ ଦିଗ ହେଉଛି ଏହାର ମାନବିକତା। ଶାସ୍ତ୍ରରେ କୁହାଯାଇଛି- "ସର୍ବେଷାମେବ ଦାନାନାମନ୍ନଦାନଂ ବିଶିଷ୍ୟତେ"। ଏହି ମାସରେ କ୍ଷୁଧାର୍ତ୍ତକୁ ଅନ୍ନଦାନ, ବସ୍ତ୍ରହୀନକୁ ବସ୍ତ୍ର ଏବଂ ଦୁଃଖୀଜନଙ୍କୁ ସାନ୍ତ୍ୱନା ଦେବାଠାରୁ ବଳି ଅନ୍ୟ କୌଣସି ବଡ଼ ଧର୍ମ ନାହିଁ।

ମଣିଷ କେବଳ ମନ୍ଦିରରେ ଈଶ୍ୱରଙ୍କୁ ନ ଖୋଜି ପ୍ରତ୍ୟେକ ଜୀବ ଭିତରେ ଥିବା ନାରାୟଣଙ୍କୁ ଦେଖିବା ହିଁ କାର୍ତ୍ତିକର ମୂଳ ଲକ୍ଷ୍ୟ- ଅନ୍ୟର ଲୁହ ପୋଛିବା, ଅସହାୟଙ୍କ ହାତ ଧରିବା, ମୂକ ପ୍ରାଣୀମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା ଏବଂ ମନରୁ ପ୍ରତିଶୋଧ ଓ କ୍ରୋଧର ଭାବନାକୁ ବିସର୍ଜନ ଦେବା ହିଁ ପ୍ରକୃତ କାର୍ତ୍ତିକ ବ୍ରତ। ଯେଉଁ ଧର୍ମରେ ମାନବିକତାର କରୁଣା ନାହିଁ, ତାହା କେବଳ ଲୋକାଚାର ମାତ୍ର। ସାମାଜିକ ଓ ଐତିହାସିକ ଚେତନା: ବୋଇତ ବନ୍ଦାଣ ଓ ଐକ୍ୟର ପ୍ରତୀକ । କାର୍ତ୍ତିକ ପୂର୍ଣ୍ଣିମା ଓଡ଼ିଆ ଜାତିର ସ୍ୱାଭିମାନ ଓ ବୀରତ୍ୱର ଅମ୍ଳାନ ସ୍ମୃତି। ଏହା କେବଳ ଧାର୍ମିକ ଦିବସ ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ଇତିହାସର ଏକ ମହାନ ଉତ୍ସବ। 'ଆ-କା-ମା-ବୈ, ପାନ ଗୁଆ ଥୋଇ...' ଗୀତ ଗାଇ କଦଳୀ ପଟୁଆରେ ଡଙ୍ଗା ଭସାଇବା କେବଳ ଏକ ଲୋକନୃତ୍ୟ ବା ପରମ୍ପରା ନୁହେଁ, ଏହା ଅତୀତର ସାଧବ ପୁଅମାନଙ୍କ ସାହସିକ ଯାତ୍ରା, ବିଶ୍ୱ ବାଣିଜ୍ୟ ଏବଂ ସାମାଜିକ ମିଳନର ଏକ ମହାନ ଉଦ୍ଦେଶ୍ୟ। ଏହି ଦିନରେ ନଦୀ କୂଳ କିମ୍ବା ପୁଷ୍କରିଣୀ ତଟରେ ଜାତି, ଧର୍ମ, ବର୍ଣ୍ଣ, ଧନୀ ଓ ଦରିଦ୍ର ନିର୍ବିଶେଷରେ ସମସ୍ତେ ଏକତ୍ର ହୁଅନ୍ତି। ସାମାଜିକ ଭେଦଭାବ ଭୁଲି ସମଗ୍ର ଜନସମାଜ ଏକାକାର ହୋଇଯାଏ। ଏହା ସମାଜକୁ ପାରସ୍ପରିକ ସ୍ନେହ, ପ୍ରେମ, ସହଯୋଗ ଓ ଏକତାର ସୂତ୍ରରେ ବାନ୍ଧି ରଖେ।

ଆଧୁନିକ ଯନ୍ତ୍ରଣାକ୍ଲିଷ୍ଟ ଓ ବ୍ୟସ୍ତବହୁଳ ପୃଥିବୀରେ କାର୍ତ୍ତିକ ମାହାତ୍ମ୍ୟ ସମସ୍ତ ମାନବଜାତି ପାଇଁ କେତେକ ଅମୂଲ୍ୟ ଜୀବନ-ସୂତ୍ର ପ୍ରଦାନ କରେ ?ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ସଚେତନତା: ଋତୁ ପରିବର୍ତ୍ତନ ସମୟରେ ଖାଦ୍ୟପେୟ ଉପରେ ନିୟନ୍ତ୍ରଣ ରଖିବା ଏବଂ ଭୋରରୁ ଉଠି ସ୍ୱଚ୍ଛ ବାୟୁ ଗ୍ରହଣ କରିବା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ। ସହନଶୀଳତା ଓ ସାଧୁତା: ନିଜ ଭାଷାରେ ମଧୁରତା, କାର୍ଯ୍ୟରେ ସ୍ୱଚ୍ଛତା ଏବଂ ସମ୍ପର୍କରେ ନିଷ୍ଠା ବଜାୟ ରଖିବା। ପ୍ରକୃତି ସହ ସମ୍ପର୍କ: ତୁଳସୀ ବୃକ୍ଷର ପୂଜା ଆମକୁ ପରିବେଶ ଓ ଔଷଧୀୟ ଉଦ୍ଭିଦ ଜଗତ ପ୍ରତି କୃତଜ୍ଞ ହେବାକୁ ଶିଖାଏ। ପ୍ରକୃତିର ସୁରକ୍ଷା ହିଁ ମାନବ ଜାତିର ସୁରକ୍ଷା। ନିସ୍ୱାର୍ଥପର କର୍ମ: ଫଳର ଆଶା ନରଖି କେବଳ ସତ୍କର୍ମ କରିଚାଲିବା ଏବଂ ସମାଜର ମଙ୍ଗଳ ପାଇଁ କିଛି ନା କିଛି ଅବଦାନ ରଖିବା। କାର୍ତ୍ତିକ ମାସ କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଗ କିମ୍ବା ବୟସର ଲୋକଙ୍କ ପାଇଁ ନୁହେଁ; ଏହା ପ୍ରତ୍ୟେକ ମାନବ ଆତ୍ମାକୁ ପୁନଃ ଜାଗ୍ରତ କରିବାର ଏକ ମହାନ ସୁଯୋଗ। କାଳିମା ଲିଭାଇ ଆଲୋକ ବିଞ୍ଚିବା, ହିଂସା ଛାଡ଼ି ଶାନ୍ତି ବାଣ୍ଟିବା ଏବଂ ସ୍ୱାର୍ଥପରତାରୁ ଊର୍ଦ୍ଧ୍ୱକୁ ଉଠି ମାନବ କଲ୍ୟାଣରେ ନିଜକୁ ନିୟୋଜିତ କରିବା ହିଁ ଏହି ମାସର ସର୍ବୋଚ୍ଚ ସନ୍ଦେଶ। ଯେଉଁଦିନ ଆମେ ନିଜ ଭିତରର ଈର୍ଷା, ଦ୍ୱେଷ ଓ ଅହଂକାରର ଅନ୍ଧକାରକୁ ପୋଡ଼ି ହୃଦୟରେ ମୈତ୍ରୀ ଓ କରୁଣାର ପ୍ରକୃତ 'ଆକାଶଦୀପ' ଜଳାଇ ପାରିବା, ସେହିଦିନ ହିଁ କାର୍ତ୍ତିକର ମାହାତ୍ମ୍ୟ ସାର୍ଥକ ହେବ ଏବଂ ଏ ଧରାପୃଷ୍ଠ ଏକ ଆନନ୍ଦମୟ ସ୍ୱର୍ଗରେ ପରିଣତ ହେବ।

-ମନୋଜ କୁମାର ଶତପଥି
ଭାପୁର ,ନୟାଗଡ଼
ମୋ: ୯୯୩୮୫୫୯୫୬୮

ଦିନଲିପି

ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ତିଗିରିଆ/ପାରଳାଖେମୁଣ୍ଡି/କାଶୀନଗର/ରାୟଗଡ,(ନିପ୍ର): ତିଗିରିଆ ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ



ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ସମୁଦାୟ ୫୧ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୨୮ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୩ ଟି ସାମୂହିକ ଅଭିଯୋଗ ରହିଥିଲା। ଶୁଣାଣିସ୍ଥଳରେ ଆରକ୍ଷୀ ଅଧୀକ୍ଷକ ବିନୀତ ଆଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କଟକ ପ୍ରଶାନ୍ତ କୁମାର ନାୟକ,ଆଠଗଡ ଉପଜିଲ୍ଲାପାଳ ଅନିମେଶ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ୧୬ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

ସେହିପରି ଗଜପତି ଜିଲ୍ଲା ଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମମୁଖୀ ପ୍ରଶାସନ ଅଧୀନରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ମୋଟ ୩୧ ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ଏବଂ ୧୪ଟି ଗ୍ରାମଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା ସେଥିମଧ୍ୟରୁ ଦୁଇ ଜଣ ହିତାଧିକାରୀଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜାତୀୟ ପରିବାର ମଙ୍ଗଳ ଯୋଜନା ଅଧୀନରେ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣ ଅଭିଯୋଗ ଆସିଥିଲା।

କାଶୀନଗର ବ୍ଲକ ଅଧୀନରେ ଥିବା ଶିଆଳି ପଞ୍ଚାୟତ କାର୍ଯାଳୟ ପରିସରରେ ପଂଚାୟତ ସ୍ତରୀୟ ଗ୍ରାମ୍ୟ ମୁଖ୍ୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ପ୍ରଧାନ, ନିର୍ବାହୀଯନ୍ତ୍ରୀ ଉମା ଶଙ୍କର ପାତ୍ର, ସି ଡ଼ି ପି ଓ କେ. କୋଟେଶ୍ୱରୀ ଦେବୀ , ନାଏବ ସରପଞ୍ଚ ମଂଚାସୀନ ହୋଇ ଅଭିଯୋଗ ଶୁଣାଣି କରିଥିଲେ। ଆସିଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ବିଭଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାଶୀନଗର ବ୍ଲକର ସବୁ ଲାଇନ ଡ଼ିପାର୍ଟମେଣ୍ଟ ଓ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ରାୟଗଡ ବିଷମକଟକ ବ୍ଲକ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱମ୍ଭର ବେହେରା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ବିଷମକଟକ ତହସିଲଦାର କେ ଭେଙ୍କେଟସ୍ୱର ରେଡ୍ଡୀ,



ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୫୭ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୪୩ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ଦରଖାସ୍ତ ଓ ସ୍ୱାସ୍ଥ୍ୟଗତ ୦୪ଟି ପଞ୍ଜିକରଣ ହୋଇଥିଲା। ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଚାରି ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୫୦,୦୦୦ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ୦୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ବଳକା ସମସ୍ତ ଦରଖାସ୍ତ ଜିଲ୍ଲାପାଳ ଗ୍ରହଣ କରି ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପ୍ରେରଣ କରି ସେ ଗୁଡ଼ିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

ଅଭିଯୋଗ ଶୁଣାଣି ଶିବିରରେ ବିଷମକଟକ ଉପଖଣ୍ଡ ଅରକ୍ଷୀ ଅଧିକାରୀ ସନ୍ତୋଷିନୀ ଓରାମ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ସମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତରଣ ଦାବି

ପିପିଲି/ବଳଙ୍ଗା,(ନିପ୍ର): ପିପିଲି ଏସଡିପିଓ କାର୍ଯ୍ୟାଳୟ ଅଧୀନ ବଳଙ୍ଗା ଥାନା ଅନ୍ତର୍ଗତ ଶାଇଁସ ଶାସନ ଗ୍ରାମ ପଞ୍ଚାୟତର ଭଗବତୀପୁର ପ୍ରାଥମିକ ବିଦ୍ୟାଳୟକୁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଭାବେ ଉନ୍ନତ କରିବା ପାଇଁ ଥିବାବେଳେ ଏହି ଯୋଜନାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏନେଇ ଭଗବତୀପୁର ମୌଜା ବାସୀଙ୍କ ସହ ଦୁର୍ଗାପୁର ,ତୋରିହ ବନ୍ଧ, କାଶୀପୁର କୁଁଅର ପୁର ପ୍ରଭୃତି ଗ୍ରାମର ଜନସାଧାରଣଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ,ଉପ ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀ,ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ କରାଯାଇଛି।

ଅଭିଯୋଗ ଅନୁଯାୟୀ ପ୍ରଥମେ ଭଗବତୀପୁର ଜଣାଯାଏ ଯେ ପରବର୍ତ୍ତୀ ସମୟରେ ଏହି ପ୍ରସ୍ତାବ ପରିବର୍ତ୍ତନ ମୌଜାର ଭଗବତୀପୁର ଠାରେ ଥିବା ଭଗବତୀପୁର ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଡିବା ପାଇଁ ପ୍ରଥମରୁ ସ୍ଥିରୀକୃତ ହୋଇଥିଲା। ଫଳରେ ବିଦ୍ୟାଳୟ ସ୍ଥାପନ ପାଇଁ ଆବଶ୍ୟକ ଭିତ୍ତିଭୂମିକୁ ଗ୍ରାମବାସୀଙ୍କ ପକ୍ଷରୁ ସରକାରଙ୍କ ପାଖରେ ଉପଲବ୍ଧ କରଯାଇଥିଲା। ଏହି ସ୍ଥାନଟି ପଞ୍ଚାୟତର କେନ୍ଦ୍ର ସ୍ଥଳୀରେ ରହୁଥିବାରୁ ଏଠାରେ ବିଦ୍ୟାଳୟ ହେଲେ ପଞ୍ଚାୟତର ସମସ୍ତ ଛାତ୍ରଛାତ୍ରୀ ପାଠ ପଢିବାର ସୁବିଧା ପାଇ ପାରିବେ। ସବୁକିଛି ସୁବିଧା ଥାଇ ଶେଷ ପର୍ଯ୍ୟାୟରେ ଏହି ଯୋଜନା ଦକ୍ଷିଣରାଡ଼ସ ନୋଡାଲ ବିଦ୍ୟାଳୟକୁ ସ୍ଥାନାନ୍ତର ହେବା ଜଣା ପଡିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ନିରାଶା ସୃଷ୍ଟି କରିଛି।

ସରକାରଙ୍କ ଦ୍ୱାରା ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ପ୍ରତି ପଞ୍ଚାୟତରେ ହେବାକୁ ଥିବା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ସ୍ଥାପନ ଏକ ଯୁଗାନ୍ତକାରୀ ପଦକ୍ଷେପ । ସରକାରଙ୍କ ଥିବା ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀ ସର୍ବାଧିକ ୧କି.ମି ପର୍ଯ୍ୟନ୍ତ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀ ସର୍ବାଜ ୩ କି.ମି ପର୍ଯ୍ୟନ୍ତ ଯାତ୍ରା କରିପାରିବେ ବୋଲି ଶିକ୍ଷା ବିଭାଗର ବିଭାଗର ଆଇନ ରହିଛି । ବିଦ୍ୟାଳୟଟି ଦକ୍ଷିଣରାଡ଼ସରେ ସ୍ଥାପନ କରାଯାଏ, ତେବେ ଉପରୋକ୍ତ ପାଞ୍ଚଟି ମୌଜାର ଅଧିକାଂଶ ଛାତ୍ରଛାତ୍ରୀଙ୍କୁ ବହୁ ଦୂର ଅର୍ଥାତ୍ ୫ରୁ ୭ କି.ମି ପର୍ଯ୍ୟନ୍ତ ଯିବାକୁ ପଡ଼ିବ। ପଞ୍ଚାୟତର ୮୦ ପ୍ରତିଶତ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେବେ।

ଅନ୍ୟ ପକ୍ଷେ ଦକ୍ଷିଣରାଡ଼ସରେ ପୂର୍ବରୁ ମିନି ଷ୍ଟାଡିୟମ, ୫ଟି ବିଦ୍ୟାଳୟ ଏବଂ ନୋଡାଲ ବିଦ୍ୟାଳୟ ଭଳି ବିଭିନ୍ନ ସରକାରୀ ସୁବିଧା ଉପଲବ୍ଧ ରହିଛି। ଯଦି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'କୁ ମଧ୍ୟ ବକ୍ଷିଣରାଡ଼ସରେ ସ୍ଥାପନ କରାଯାଏ, ତେବେ ଶିକ୍ଷା ସମ୍ବନ୍ଧୀୟ ସମସ୍ତ ସୁବିଧା ଗୋଟିଏ ସ୍ଥାନରେ କେନ୍ଦ୍ରୀଭୂତ ହୋଇଯିବ ବୋଲି ଆଶଙ୍କା ରହିଛି । ଅନ୍ୟପକ୍ଷରେ ଭଗବତୀପୁର, ତୋରିହ ବନ୍ଧ, ଦୁର୍ଗାପୁର, କାଶିପୁର ଏବଂ କୁଅଁରପୁର ମୌଜାର ଛାତ୍ରଛାତ୍ରୀ ଉପଯୁକ୍ତ ଭିତ୍ତି ଭୂମି ଅଭାବରୁ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେବେ।

ତେବେ ସାଧାରଣରେ ପ୍ରଶ୍ନ ଉଠୁଛି ସରକାରୀ ଯୋଜନା କାହା ପାଇଁ । ତେଣୁ ସମସ୍ତ ମୌଜାର ଛାତ୍ରଛାତ୍ରୀଙ୍କ ସମାନ ସୁବିଧା ଓ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଭଗବତୀପୁର ମୌଜାରେ ବିଦ୍ୟାଳୟ ସ୍ଥାପନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ମାଲକାନଗିରି ଜିଲ୍ଲା ଯୋଜନା କମିଟିର ପ୍ରଥମ ସରକାରୀ ବୈଠକ

ସାମଗ୍ରିକ ବିକାଶ ଓ ଜନସମସ୍ୟାର ସମାଧାନ ଉପରେ ଗୁରୁତ୍ୱ

ମାଲକାନଗିରି,(ନିପ): ମାଲକାନଗିରି ଜିଲ୍ଲାର ସାମଗ୍ରିକ ବିକାଶକୁ ନୂତନ ଦିଗ ଦେବା ଲକ୍ଷ୍ୟରେ ଜିଲ୍ଲା ଯୋଜନା କମିଟିର ପ୍ରଥମ ସରକାରୀ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ମାଲକାନଗିରି ବିଧାୟକ ନରସିଂହ ମାଡକାମୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଯୋଜନା କମିଟିଙ୍କ କାର୍ଯ୍ୟାଳୟରେ ବୈଠକ ଆୟୋଜିତ ହୋଇଥିଲା। ୧୫ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏହି ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ବିଧାୟକ ଶ୍ରୀ ନରସିଂହ ମାଡକାମୀ ଏବଂ ସଦସ୍ୟ ସଚିବ ଭାବେ ଜିଲ୍ଲାପାଳ ଦାୟିତ୍ୱ ତୁଲାଉଛନ୍ତି। ନିକଟରେ ନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟଙ୍କ ମଧ୍ୟରୁ ୧୧ ଜଣ ଏହି ବୈଠକରେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମରୁ ଟାଙ୍ଗୁଲୁ ଓ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ ଉପସ୍ଥିତ ଥିଲେ। ଏଥିସହ ବାଲିମେଳା ଏନ୍‌ଏସିରୁ ଜଣେ ସଦସ୍ୟ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଉତ୍ତମ ରାୟ ମନୋନୀତ ସଦସ୍ୟ ଭାବେ କମିଟିରେ ସ୍ଥାନ



ପାଇଛନ୍ତି।

ବୈଠକରେ ଡିଡି ପ୍ଲାନିଂ ପରମେଶ୍ୱର ଏବଂ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ପ୍ରତିନିଧି ନିହାର ରାୟ ମଧ୍ୟ ଯୋଗଦେଇଥିଲେ।

ଏହି ଅବସରରେ ଜିଲ୍ଲାର ସାମଗ୍ରିକ ବିକାଶ, ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସୁପରିଚାଳନା, ଜିଲ୍ଲାର ପ୍ରାଥମିକତା ଭିତ୍ତିକ ଯୋଜନା ପ୍ରସ୍ତୁତି ଓ ତାହାର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳର ସମାନୁପାତିକ ବିକାଶ ସହ ଜନସାଧାରଣଙ୍କ ଆବଶ୍ୟକତା ଓ ସ୍ଥାନୀୟ ସମସ୍ୟାକୁ ସର୍ବାଧିକ ପ୍ରାଥମିକତା ଦେଇ ଯୋଜନା ପ୍ରସ୍ତୁତ ଓ କାର୍ଯ୍ୟକାରୀ କରିବା ଉପରେ ଅଧ୍ୟକ୍ଷ ଶ୍ରୀ ମାଡକାମୀ ଗୁରୁତ୍ୱାରୋପ କରିଥିଲେ।

ଆଜିର ଏହି ବୈଠକ ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିବା ସହ ଦୀର୍ଘଦିନ ଧରି ରହିଥିବା ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଏକ ନୂତନ ଆଶା ସଞ୍ଚାର କରିଛି। ଏହାଦ୍ୱାରା ମାଲକାନଗିରି ଜିଲ୍ଲାର ସାମଗ୍ରିକ ଓ ସମାନୁପାତିକ ବିକାଶରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବ ବୋଲି ଆଶା ପ୍ରକାଶ ପାଇଛି।


ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ'



ନୟାଗଡ,(ନିପ୍ର): କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ' ନୟାଗଡ଼ ଶାଖା ଏବଂ ସେବା ଉତ୍ସବ ସମିତି ଆନୁକୂଲ୍ୟରେ ସ୍ଥାନୀୟ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ – ୨୦୨୭' ଏବଂ ଦେଶର ସଂସଦ ପାଇଁ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଦେଶ ଗଠନରେ ଯୁବଶକ୍ତିର ଦାୟିତ୍ୱ, ସଂଳାପ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୁବ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ' ଏକ ଦେଶ ଏକ ନିର୍ବାଚନ 'ଉପରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ନୟାଗଡ଼ ମାଇଁ ଭାରତ କେନ୍ଦ୍ରର ଯୁବ ଅଧିକାରୀ ସାହିଲ କୁମାର କୁଣ୍ଡୁଙ୍କ ପୌରୋହିତ୍ୟରେ ଏବଂ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାବେଶରେ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଯୋଗଦେଇ ଯୁବପିଢ଼ି ନିଜ ବିଚାର ଓ ଦୃଷ୍ଟିକୋଣ ମାଧ୍ୟମରେ ରାଷ୍ଟ୍ରର ପ୍ରଗତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାମାଜିକ କର୍ମୀ ଅଭିଳାଷ ପଣ୍ଡା ଯୁବ ନେତୃତ୍ୱର ମହତ୍ତ୍ୱ ଓ ବିକଶିତ ଭାରତ ଗଠନରେ ସକ୍ରିୟ ନାଗରିକ ଭାବେ ଛାତ୍ରଛାତ୍ରୀଙ୍କ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ଗୋପାଳପୁର ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ ଏବଂ ନୟାଗଡ଼ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ପ୍ରକାଶ ରାଉତ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ନୟାଗଡ଼ ମାଇଁ ଭାରତର ଜିଲ୍ଲା ଯୁବ ଅଧିକାରୀ ସାହିଲ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ ଅଧିକାରୀ ଅଶୋକ କୁମାର ବେହେରା ଉପସ୍ଥିତ ସମସ୍ତ ଅତିଥି ତଥା ଛାତ୍ରଛାତ୍ରୀମାନଙ୍କୁ 'ନିଶାମୁକ୍ତ ଭାରତ' ପାଇଁ ସାମୂହିକ ଶପଥ ପାଠ କରାଇଥିଲେ । ତିନି କୃତୀ ପ୍ରତିଯୋଗୀ ପରବର୍ତ୍ତୀ ପର୍ଯ୍ୟାୟ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ନୟାଗଡ଼ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି । ରାଜ୍ୟସ୍ତରରେ ବିଜୟୀ ହେବା ପରେ ଏମାନେ ନୂଆଦିଲ୍ଲୀସ୍ଥିତ ସଂସଦରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ସଂଳାପରେ ଅଂଶଗ୍ରହଣ କରିବାର ସୁଯୋଗ ଲାଭ କରିବେ । ପ୍ରତିଯୋଗିତାରେ ବିଚାରକ ଭାବେ ଗବେଷକ ଚନ୍ଦ୍ରବିଜୟୀ ମିଶ୍ର, ମହାବିଦ୍ୟାଳୟର ଅଧ୍ୟାପିକା ଦୀପନିତା କର,ଆଇନଜୀବୀ ସାସ୍ୱତୀ ମୋନାଲି, ମାଇଁ ଭାରତର ନିମନ୍ତ୍ରୀତ ସଦସ୍ୟ କୁଶ ଡାକୁଆ ଏବଂ ଯୁବ ସାମ୍ବାଦିକ ଜୟେନ୍ଦ୍ର ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ଯୁବ ସାମ୍ବାଦିକ ଜୟେନ୍ଦ୍ର ବେହେରା ମଞ୍ଚ ପରିଚାଳନା ସୁଚାରୁରୂପେ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।


ରାଷ୍ଟ୍ରୀୟ ଆଇନ ସେବା ଦିବସ

ରାୟଗଡ,(ନିପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଦାମୋଦର ରଥ ଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅଦ୍ୟ ତା ୦୯.୧୧.୨୦୨୬ ରିଖ ସୋମବାର ସକାଳ ସମୟ ଘ.୯.୩୦ମି ରେ ସ୍ଥାନୀୟ ଶ୍ରୀ ଚୈତନ୍ୟ ଟେକନୋ ସ୍କୁଲ, ରାୟଗଡ ପରିସରରେ "ରାଷ୍ଟ୍ରୀୟ ଆଇନ ସେବା ଦିବସ" ପାଳିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅପର୍ଣ୍ଣା ମହାପାତ୍ର, ଜେ.ଏମ୍.ଏସ୍.ସି ପାୟଲ ଅତା, ରାୟଗଡ ଜିଲ୍ଲା ଆଇନ ସେବା ପ୍ରାଧିକରଣର ପାନେଲ ଓକିଲ ସୀତାରାମ ପଣ୍ଡା, ଶ୍ରୀ ଚୈତନ୍ୟ ଟେକନୋ ସ୍କୁଲର ଅଧ୍ୟକ୍ଷ ଓ ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ ପ୍ରମୁଖ



ଉପସ୍ଥିତ ଥିଲେ । ଉପସ୍ଥିତ ଥିବା ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅପର୍ଣ୍ଣା ମହାପାତ୍ର ନିଜର ବକ୍ତବ୍ୟରେ ୧୯୮୭ ମସିହାରେ ପ୍ରଣୀତ ଆଇନ ସେବା ପ୍ରାଧିକରଣ ଆଇନ ୧୯୯୫ ମସିହା ନଭେମ୍ବର ୯ ତାରିଖରୁ କାର୍ଯ୍ୟକାରୀ ହୋଇଥିଲା । ଏହାକୁ ସ୍ମରଣ କରି ପ୍ରତିବର୍ଷ ନଭେମ୍ବର ୯ ତାରିଖରେ ଦିବସ ପାଳନ କରାଯାଏ ବୋଲି କହିଥିଲେ । ସେହିପରି ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ସମାଜର ଗରିବ, ଅସହାୟ ଓ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କୁ ମାଗଣା ଆଇନଗତ ସହାୟତା ପ୍ରଦାନ ଏବଂ ସମସ୍ତଙ୍କୁ ପାଇ ନ୍ୟାୟ ସୁନିଶ୍ଚିତ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ସର୍ବୋପରି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଛାତ୍ରଛାତ୍ରୀ ଓ ଅତିଥିମାନଙ୍କର ଉପସ୍ଥିତି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି ।

ବିଜୁ ଛାତ୍ର ଜନତାର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କଲେ ବିଧାୟକ



ସାଲେପୁର,(ନିପ୍ର): ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ସମୟରେ ବିଜୁ ଛାତ୍ର ଜନତା ଦଳର ସମର୍ଥିତ ପ୍ରାର୍ଥୀମାନେ କଲେଜ ପରିସରରେ ହାଇସ୍ପିଡ଼ ୱାଇଫାଇ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ନିର୍ବାଚନ ସରିବା ପରେ ଛାତ୍ର ସଂସଦର ନିର୍ବାଚିତ ପ୍ରତିନିଧିମାନଙ୍କ ଅନୁରୋଧ ରକ୍ଷା କରି ବିଧାୟକ ପ୍ରଶାନ୍ତ ବେହେରା କଲେଜ ପରିସରରେ ହାଇସ୍ପିଡ଼ ୱାଇଫାଇ ବ୍ୟବସ୍ଥା କରାଇଛି। ଏହାଦ୍ୱାରା ଛାତ୍ର ଛାତ୍ରୀ ମହଲରେ ଆନନ୍ଦ ପ୍ରକାଶ ପାଇଛି । ପାଠ ପଢ଼ାରେ କ୍ଷେତ୍ରରେ ସୁବିଧା ହେବ ବୋଲି ଛାତ୍ର ସଂସଦର ପ୍ରତିନିଧିମାନେ ପ୍ରକାଶ କରିବା ସହିତ ବିଧାୟକ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଗ୍ରାମ ଉନ୍ନୟନ ବିଭାଗରେ ଚୌକି ରହୁଛି, ଅଫିସର ରହୁନାହାନ୍ତି !

ପିପିଲି,(ନିପ୍ର): ପିପିଲିରେ ଗ୍ରାମ ଉନ୍ନୟନ ବିଭାଗ ଅଛି ହେଲେ ଅଧିକାରୀ ରହୁ ନ ଥିବା ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଏମିତି କାହା ଇଙ୍ଗିତରେ ଏଭଳି ଅରାଜକତା ଚାଲିଛି ତାହାକୁ ନେଇ ଜନସାଧାରଣ ଅଙ୍ଗୁଳି ନିର୍ଦ୍ଦେଶ କଲାଣି। ପିପିଲି ଗ୍ରାମ ଉନ୍ନୟନ ବିଭାଗରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଏବଂ କର୍ମଚାରୀମାନେ ନିଯୁକ୍ତ ଥିବାବେଳେ କିଛି ବାବୁ ସରକାରୀ ନିୟମ ଅନୁଯାୟୀ ସମୟ ମଧ୍ୟରେ କାର୍ଯ୍ୟାଳୟ ମାଟି ନ ମାଡି ମନ ଇଚ୍ଛାରେ ନିଜ ବାସ ଭବନରେ ରହୁଛନ୍ତି। ଏପଟେ ନାମକୁ କାର୍ଯ୍ୟାଳୟ ଭୂତ ଖୋଲା ରଖୁଛି। ବିଭାଗ ଅଞ୍ଚଳରେ କୋଟି କୋଟି ଟଙ୍କାର ରାସ୍ତା ଘାଟ ଓ କୋଠା ନିର୍ମାଣ କରି ଚାଲିଥିବାବେଳେ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ କାର୍ଯ୍ୟରେ ନିୟୋଜିତ ଥିବା ଠିକାଦାର ହାତକୁ ଅର୍ପଣ କରି ଲକ୍ଷ ଲକ୍ଷ ଟଙ୍କା ପିସି ନେଇ ଚୁପ ରହୁଛନ୍ତି । ଏସବୁ ହେବା ଦ୍ୱାରା ଅଞ୍ଚଳରେ ସମ୍ପ୍ରସାରଣ କାର୍ଯ୍ୟ ଅଧାପନ୍ତରିଆ ହୋଇଛି ତ ଅନ୍ୟ କେଉଁଠି ନିମ୍ନ ହୋଇ ଚାଲିଛି। ଏସବୁ କାହା ଇଙ୍ଗିତରେ ହେଉଛି ତାହାକୁ ନେଇ ଜନସାଧାରଣ ମଧ୍ୟରେ ଅସନ୍ତୋଷ ଦେଖାଦେଲାଣି। ସେପଟେ ଜଣେ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି ବାବୁମାନେ ପିପିଲି ଅଞ୍ଚଳରୁ ଲକ୍ଷ ଲକ୍ଷ ଟଙ୍କା ରାସ୍ତାଘାଟରୁ ଲୁଟିବା ଆଶାରେ ଅଫିସ ଜାଣି ଶୁଣି ଆସୁ ନାହାନ୍ତି ସେମାନେ ଘରେ ବସି ଠିକାଦାରମାନଙ୍କୁ ଭୁବନେଶ୍ୱର ଡକାଇ



ସେଠାରେ ପଇସା କାରବାର କରି ବିଲ୍ କରୁଛନ୍ତି। ଏମିତି ଟେଣ୍ଡର କାର୍ଯ୍ୟ ସହ ଅନ୍ୟ କାର୍ଯ୍ୟ ଦର୍ଶାଇ ବିଭାଗକୁ ଆସୁ ଥିବା ନନ୍‌ପ୍ଲାନ ଅର୍ଥ ବ୍ୟାପକ ସ୍ୱିଟପ କରି ଲୁଟିବାରେ ଲାଗିଛନ୍ତି। ଏମିତି ସ୍ୱିଟପ କାର୍ଯ୍ୟର ପ୍ରମାଣ ଉଭାନ କରି ଦେଉଛନ୍ତି। ଏସବୁ କାହା ଇଙ୍ଗିତରେ ହେଉଛି କିଏ ଖାଉଛି ଏନେଇ ଭିଜିଲାନ୍ସ ତଦନ୍ତ ସାକ୍ଷେପ ବୋଲି କର୍ମଚାରୀ ଜଣକ କହିଛନ୍ତି। ଏମିତି ହେବାଦ୍ୱାରା ଅଞ୍ଚଳରେ ବ୍ୟାପକ ଦୁର୍ନୀତି ଚାଲିଛି। ଯାହାକି ଏଥିପ୍ରତି ଲଗାମ ଲଗାଇବାକୁ କେହିନାହାନ୍ତି। ଆଉ ପୁଣି କହିଛନ୍ତି କାର୍ଯ୍ୟ ନିମ୍ନମାନର ହେଉଥିବା ବା ଅଧାପନ୍ତରିଆ ଥିବାବେଳେ ଜନସାଧାରଣ ଅଭିଯୋଗ ନେଇ ଆସୁଥିବାରୁ କାର୍ଯ୍ୟାଳୟରେ ଅଧିକାରୀ ନ ରହିବାରୁ ଦୈନିକ ୨୦/୩୦ ଲୋକ ଫେରୁଛନ୍ତି। ଏଭଳି ସଙ୍ଗୀନ ଅଭିଯୋଗ ଆସିବା ପରେ ଏହି ପ୍ରତିନିଧି ଉକ୍ତ କାର୍ଯ୍ୟାଳୟରେ ପହଞ୍ଚି ଦେଖିବାରେ ଅଫିସରେ ଚୌକି ବ୍ୟତୀତ ଅଧିକାରୀ ଦେଖିବାକୁ ପାଇ ନ ଥିଲେ। ତେଣୁ ଏଦିଗରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ନଜର ଦେବାକୁ ଦାବି ହେଉଛି।

ଓଜନ ହ୍ରାସ, ସାଇକେଲ୍ ହେଲା ସାଥୀ

ମାଲକାନଗିରି,(ନିପ୍ର): ଅନ୍ୟ ବନ୍ଧୁ ଏମ୍. ରମେଶଙ୍କ କାହାଣୀ ମଧ୍ୟ କିଛି କମ୍ ପ୍ରେରଣାଦାୟକ ନୁହେଁ। ପୂର୍ବରୁ ତାଙ୍କ ଓଜନ ପ୍ରାୟ ୧୧୫ କିଲୋଗ୍ରାମ୍ ଥିଲା। ବ୍ୟକ୍ତିଗତ ବ୍ୟବସାୟ ସମ୍ଭାଳିବା ସହ ପ୍ରତିଦିନ ୧୦ କିଲୋମିଟରରୁ ଅଧିକ ସାଇକେଲ୍ ଚାଳନା ତାଙ୍କ ଜୀବନରେ ଏକ ବଡ଼ ମୋଡ଼ ଆଣିଛି। ନିୟମିତ ସାଇକେଲ୍ ଚାଳନା ଦ୍ୱାରା ତାଙ୍କ ଓଜନ ମଧ୍ୟ ଯଥେଷ୍ଟ ହ୍ରାସ ପାଇଛି। ପୂର୍ବରୁ ସେ ଚାଲିବା ବା ୱାକିଂ କରୁଥିଲେ ମଧ୍ୟ ଆଶାନୁରୂପ ପରିବର୍ତ୍ତନ ଅନୁଭବ କରିନଥିଲେ। କିନ୍ତୁ ନିୟମିତ ସାଇକେଲ୍ ଚାଳନା ତାଙ୍କ ଶରୀର ଓ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିଛି। ତେଣୁ ସେ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇ କହୁଛନ୍ତି, "ରିଲ୍‌ସରୁ ରିଅଲ୍ ଜୀବନକୁ ଆସନ୍ତୁ, ପ୍ରତିଦିନ ସାଇକେଲ୍ ଚଳାନ୍ତୁ।"

ଅନୁଭୂତିରେ ଭରା ବନ୍ଧୁତ୍ୱ, ସୁସ୍ଥତାର ସନ୍ଦେଶ

ଦୁଇ ବନ୍ଧୁ ପୂର୍ବରୁ ମୋଟରସାଇକେଲ୍‌ଠାରୁ ଆରମ୍ଭ କରି ବିମାନ ଯାତ୍ରା ପର୍ଯ୍ୟନ୍ତ ବିଭିନ୍ନ ମାଧ୍ୟମରେ ଓଡ଼ିଶା ଓ ରାଜ୍ୟ ବାହାରର ଅନେକ ମନ୍ଦିର, ପର୍ଯ୍ୟଟନସ୍ଥଳୀ ବୁଲିବା ସହ ବିଦେଶ ମଧ୍ୟ ଗସ୍ତ କରିଛନ୍ତି। ଦୀର୍ଘଦିନର ଏହି ବନ୍ଧୁତ୍ୱ ଆଜି ସେମାନଙ୍କୁ ୧୪୦୦ କିଲୋମିଟରର ଏକ ନିଆରା ସାଇକେଲ୍ ଯାତ୍ରାରେ ଏକାଠି କରିଛି। ଯାତ୍ରା ସମୟରେ ଓଡ଼ିଶାବାସୀଙ୍କ ଆତିଥ୍ୟ ଓ ସ୍ନେହପୂର୍ଣ୍ଣ ବ୍ୟବହାର



ସେମାନଙ୍କ ମନକୁ ବେଶ୍ ଛୁଇଁଛି। ହସ୍ପିଟାଲ୍‌ରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ ନିଜ ସ୍ୱାସ୍ଥ୍ୟ ପାଇଁ ପ୍ରତିଦିନ ଏକ ଘଣ୍ଟା ସମୟ ଦେବାର ମହତ୍ତ୍ୱକୁ ସେମାନେ ଲୋକଙ୍କୁ ବୁଝାଉଛନ୍ତି। ସେମାନଙ୍କ ମତରେ, ନିୟମିତ ସାଇକେଲ୍ ଚାଳନା ଦ୍ୱାରା ଯାତାୟାତ ଖର୍ଚ୍ଚ ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖର୍ଚ୍ଚ ମଧ୍ୟ କମାଇବାରେ ସହାୟତା ମିଳିପାରେ। ଦୁଇ ବନ୍ଧୁଙ୍କ ଏହି ଯାତ୍ରାର ମୂଳ ଲକ୍ଷ୍ୟ ହେଉଛି ପ୍ରଦୂଷଣମୁକ୍ତ ସମାଜ ଗଠନ, ପରିଣତ ବୟସରେ ମଧ୍ୟ ସୁସ୍ଥ ଜୀବନ ବଞ୍ଚିବା ଏବଂ ନିଜେ ଉଦାହରଣ ସୃଷ୍ଟି କରି ଅନ୍ୟମାନଙ୍କୁ ପ୍ରେରିତ କରିବା। "ଆସନ୍ତୁ, ଆମେ ସମସ୍ତେ ମିଶି ସାଇକେଲ୍ ଚଳାଇବା। ସୁସ୍ଥ ରହିବା, ପରିବେଶକୁ ସୁରକ୍ଷା ଦେବା ଏବଂ ଓଡ଼ିଶାକୁ ସୁସ୍ଥତାର ଆଉ ଏକ ପାଦ ଆଗକୁ ନେବା।" ଦୁଇ ବନ୍ଧୁଙ୍କ ଏହି ଆହ୍ୱାନ ଆଜି ସମାଜ ପାଇଁ ଏକ ସୁନ୍ଦର ସନ୍ଦେଶ ପାଲଟିଛି।

'ସଂସଦ ଗରିମା ରକ୍ଷା ନିର୍ବାଚିତ ପ୍ରତିନିଧିଙ୍କ ଦାୟିତ୍ୱ'

ପୁରୀ,(ନିପ୍ର): ସଂସଦ ଆମ ଗଣତନ୍ତ୍ରର ଆତ୍ମା। ଏହାର ଗରିମା ରକ୍ଷା ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କ ଦାୟିତ୍ୱ। ପାର୍ଲିଆମେଣ୍ଟର କାର୍ଯ୍ୟାବଳୀ, ପରିଚାଳନା,ଶୃଙ୍ଖଳା ଓ ସମ୍ମାନ ରକ୍ଷା ବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀଙ୍କୁ ଏଭଳି ଛାୟା ସଂସଦ ମାଧ୍ୟମରେ ଅବଗତ କରାଗଲେ ସେମାନେ ଦେଶର



ଆଇନକାନୁନ,ସମ୍ବିଧାନ, ଶାସନ ବ୍ୟବସ୍ଥା ସମ୍ପର୍କରେ ସଚେତନ ହେବେ ବୋଲି କହିଛନ୍ତି ପୁରୀ ଲୋକ ସଭା ସାଂସଦ ଡା ସମ୍ବିତ ପାତ୍ର। ଆଜି ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଟାଉନ ହଲ ଠାରେ ମଡେଲ ପାର୍ଲିଆମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ୨୭ ଗୋଟି ପିଏମଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ଡା ପାତ୍ର ଏହି ଛାୟା ସଂସଦର ପିଲାମାନଙ୍କ ମଧ୍ୟରେ ବସି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସାମଗ୍ରିକ ଭାବେ ଅଧିବେଶନକୁ ଦେଖିଥିଲେ। ଶେଷରେ ପିଲାମାନଙ୍କ ଅଭିନୟ, ଉପସ୍ଥାପନା ଓ ଶୃଙ୍ଖଳାକୁ ଅତ୍ୟନ୍ତ ପ୍ରଶଂସା କରିବା ସହ ଏହାଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ତଥା ପ୍ରଶାସନିକ ବିଧି ବ୍ୟବସ୍ଥା ବିଷୟରେ ଜ୍ଞାନ ଆହରଣ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୨୭ ଗୋଟି ପି ଏମ୍ ଶ୍ରୀ ବିଦ୍ୟାଳୟ ମାନଙ୍କରୁ ସମୁଦାୟ ୧୦୮ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ପିଲାମାନେ ସେମାନଙ୍କ ମଧ୍ୟରେ ବାଚସ୍ପତି, ପ୍ରଧାନମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ,କୃଷିମନ୍ତ୍ରୀ ଓ ବିରୋଧୀଦଳ ନେତା ପ୍ରଭୃତି ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଡ କାର୍ତ୍ତିକେଶ୍ୱର ରାଉଳ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ । ଅଲକା ନନ୍ଦା ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷା, କୃଷି, ପ୍ରତିରକ୍ଷା, ପରିବେଶ ଆଦି ଷୟରେ ଆଲୋଚନା କରାଯାଇଥିଲା । ପୁରୀ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ବିଭିନ୍ନ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବରେ ପରିଚାଳିତ ହୋଇଥିଲା । ପରେ ଅତିଥିମାନେ ପିଲାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

10. 11.2026.pmd 1 11/9/2026, 6:39 PM

ତିଥି :(ପ୍ରତିପଦ): (ବିଶାଖା ବିଛା)
ଅମୃତ ବେଳା: ଦିବା ଘ ୬।୪୩ ମଧ୍ୟେ ଘ୭ ।୩୧ ଗତେ

ଆଜିର ଅନୁଚିନ୍ତନ

ସମସ୍ତ ପ୍ରାଣୀ ଅନ୍ନରୁ ଉତ୍ପନ୍ନ ହୁଅନ୍ତି ।। - ଶ୍ରୀମଦ୍ ଭଗବଦ୍ ଗୀତା

ଉଦ୍‌ଭ୍ରାନ୍ତ ଆମ ସମାଜ !

କୌରବ-ପାଣ୍ଡବଙ୍କ ମଧ୍ୟରେ ମହାଭାରତ ଯୁଦ୍ଧ ଚାଲିଥାଏ । ଏପରି ସମୟରେ ପ୍ରତ୍ୟହ ରାତ୍ରିକାଳରେ ଧର୍ମରାଜ ଯୁଧିଷ୍ଠିର ବେଶ ବଦଳାଇ କୁଆଡ଼େ ଯାଉଥିଲେ । ଉତ୍ସୁକତାବଶତଃ କନିଷ୍ଠ ଭ୍ରାତାମାନେ ପଶ୍ଚାତ୍‌ଧାବନ କରି ଜାଣିବାକୁ ପାଇଲେ ବାଛବିଚାର ନ କରି ଶତ୍ରୁ ଓ ସ୍ୱପକ୍ଷର ଆହତମାନଙ୍କୁ ଭେଟି କାହାର ସେବା କରୁଥାଆନ୍ତି ତ କାହା ପ୍ରତି ସମବେଦନା ଜଣାଉଥାଆନ୍ତି ଅବା କାହାରି କାହାରି ଅବସ୍ଥା ବୁଝୁଥାଆନ୍ତି । ଭୀମ ପଚାରିଲେ - ଭାଇ, ଶତ୍ରୁପକ୍ଷ ଆହତଙ୍କୁ ସହାୟତା କରିବା ଉଚିତ କି ? ଏହା ଶୁଣି ଯୁଧିଷ୍ଠିର ଯେଉଁ ଉତ୍ତର ଦେଇଥିଲେ ତାହାର ନିର୍ଯାସ ଥିଲା ଈଶ୍ୱରଙ୍କ ଉପାସନା କେବଳ ଜପତପ, ଧ୍ୟାନଧାରଣା କି ପ୍ରାର୍ଥନା ମାଧ୍ୟମରେ ହୋଇନଥାଏ । ଆହତଙ୍କ ସେବା ମାଧ୍ୟମରେ ହିଁ ହୋଇଥାଏ । ତାଙ୍କର ଉତ୍ତର ଥିଲା- ମଣିଷର ଅସଲ ଶତ୍ରୁ, ମଣିଷ ନୁହେଁ । ବରଂ ତାହାଦ୍ୱାରା କରାଯାଉଥିବା ଅନ୍ୟାୟ କର୍ମ ଓ ସ୍ୱକୃତ ପାପ ହେଉଛି ଶତ୍ରୁ । କର୍ମ ମାଧ୍ୟମରେ ଭଗବାନଙ୍କ ଉପାସନା କରାଯାଇପାରେ, ତାହା ହେଉଛି ସତ୍‌କର୍ମ ଓ ପରୋପକାର । ଜ୍ୟେଷ୍ଠ ଭ୍ରାତଙ୍କ ଏ ଉତ୍ତର ଶୁଣି ତାଙ୍କ ଧର୍ମପରାୟଣତା ନିକଟରେ ନତମସ୍ତକ ହୋଇଥିଲେ ଅନ୍ୟ ଚାରି ଭାଇ ।

ଦୀପାବଳି ଆଲୋକର ପର୍ବ । ଏହା ପ୍ରଦୂଷଣର ପର୍ବ ନୁହେଁ । ବିଡ଼ମ୍ବନା ଯେ ପ୍ରଦୂଷଣ ଜରିଆରେ ଆମେ କାହାରି ଉପକାର କରିପାରୁଛେ କି ? ନା , ବରଂ ସାମୂହିକ ଭାବରେ ଅପକାର କରୁଛେ । ଯେଭଳି ଭାବରେ ଦୀପାବଳି ବା ଆଲୋକର ପବିତ୍ରତା ରକ୍ଷା କରାଯିବା ଆବଶ୍ୟକ ସେପରି ଅନୁଭୂତ ହେଉନାହିଁ । ଅଧିକ ଭାବରେ ଉଚ୍ଚ ଧ୍ୱନି ଓ ଅଧିକ ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାର ପ୍ରତିଯୋଗିତା ଚଳାଉଛେ । ଫଳରେ ଦୀପାବଳି ରାତିର ଆକାଶ ବହଳ ଧୂଆଁ ଆସ୍ତରଣରେ ଛାଇ ହୋଇଯାଉଛି । ଏପରିକି ସକାଳେ ସେହି ଆସ୍ତରଣର ପ୍ରଭାବ ଏତେ ମାତ୍ରାରେ ରହୁଛି ଯେ ସୂର୍ଯ୍ୟକିରଣ ଭେଦ କରିବା ବେଳକୁ ବିଳମ୍ବ ଘଟୁଛି । ଏ ପ୍ରଦୂଷଣରେ କେତେ କିଏ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ କ୍ଷତିଗ୍ରସ୍ତ ବା ପ୍ରଭାବିତ ହେଲେ ତାହାର ହିସାବ ରଖିଛି କିଏ ? କେତେ ଜଣ ଯୁଧିଷ୍ଠିର ସାଜି ଦେଖୁଛନ୍ତି ପ୍ରଭାବିତଙ୍କ ଦୁର୍ଦ୍ଦଶା ? କେତେ ଜଣ ସମବେଦନା ପ୍ରକାଶ କରୁଛନ୍ତି ? ବା ଏହାର ନିରାକରଣ ଦିଗରେ ପଦକ୍ଷେପ ନେଉଛନ୍ତି । ଏହା ଜଣାଶୁଣା ଯେ ଶ୍ୱାସରୋଗୀ, ଶିଶୁ, ବୃଦ୍ଧବୃଦ୍ଧା ଏମାନଙ୍କ ପ୍ରତି ପ୍ରଦୂଷିତ ବାୟୁ କେତେ କ୍ଷତିକାରକ । ପ୍ରଦୂଷିତ ବାୟୁ କାରଣରୁ ପ୍ରତି ୪ ମିନିଟରେ ଜଣଙ୍କର ମୃତ୍ୟୁ ଦେଶରେ ଘଟିବା ଠାରୁ ଆଉ କିଏ ଅବା ଦୃଷ୍ଟାନ୍ତ ଆବଶ୍ୟକ । ପବନରେ କେବଳ ଜହର ଭରିଯାଏ ଦୀପାବଳିରେ । ରାଜଧାନୀ ଦିଲ୍ଲୀରେ ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ଉଲ୍ଲେଖ କଲା ଯେ ଗତ ଦୀପାବଳି ରାତି ୧୧.୫ ବେଳକୁ ଏକ୍ୟୁଆଇ ୩୭୩ ଥିଲା । ମାତ୍ର ସକାଳ ସମୟରେ ଏକ୍ୟୁଆଇ ୪୮୩ ଛୁଇଁବା କଥା ସାମ୍ନାକୁ ଆସୁଛି । ହିସାବରେ କିଛି ଗଡ଼ବଡ଼ ଦିଲ୍ଲୀ ସରକାରଙ୍କ ଦ୍ୱାରା ଦୀପାବଳି ରାତିରେ କରାଯାଇଥିବା ମନେ ହେଉଛି । ଆପ୍‌ର ଅଭିଯୋଗ ଯେ ଏକ୍ୟୁଆଇ ୩ ହଜାର ପାର୍ କରିଛି । ଏଥର ଭୁବନେଶ୍ୱର କଥା ଦେଖାଯାଉ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ଦୁଇ ଘଣ୍ଟା ବାଦ୍ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନଇଚ୍ଛା ବାଣ ଫୁଟାଗଲା । ତାହାଦ୍ୱାରା ଯେଉଁ ପ୍ରଦୂଷଣ ହେଲା ସେଥିଲାଗି କିଏ ଦାୟୀ ହେବେ ?

ସୁପ୍ରିମକୋର୍ଟ ଗତ ଅକ୍ଟୋବର ୧୨ ତାରିଖରେ ବାଣ ନିଷିଦ୍ଧ ମାମଲା ନେଇ ଟିପ୍ପଣୀ ଦେଇଥିଲେ ଲୋକଙ୍କ ସ୍ୱାସ୍ଥ୍ୟ ଓ ଧାର୍ମିକ ଭାବନା ମଧ୍ୟରେ ସନ୍ତୁଳନ ରକ୍ଷା ଜରୁରୀ । କମ୍ ପ୍ରଦୂଷଣ ସୃଷ୍ଟି କରୁଥିବା ଉପାୟରେ ଲୋକେ ପର୍ବପର୍ବାଣି ପାଳନ କରିବା ଉଚିତ । ବାଣ ଦ୍ୱାରା ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ନେଇ ଲୋକଙ୍କୁ ସଚେତନ କରାଇବା ଉପରେ ଗୁରୁତ୍ୱ ଦିଅ । ଶୁଣାଣି ସମୟରେ ଜଣେ ବରିଷ୍ଠ ଓକିଲ ତଥା ନ୍ୟାୟମିତ୍ର ଟିପ୍ପଣୀ ଦେଲେ- ଯଦି ଭଗବାନ ଜାଣିବେ ତାଙ୍କ ନାମରେ ପିଲାମାନେ କଷ୍ଟ ପାଉଛନ୍ତି, ଅସୁସ୍ଥ ହେଉଛନ୍ତି ତେବେ ସେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବେ । ତାଙ୍କୁ ପ୍ରଧାନ ବିଚାରପତି କହିଲେ - ଲୋକଙ୍କୁ ବୁଝାଇବା ସହ ସଚେତନ କରିବାକୁ ହେବ, କେଉଁ କେଉଁ ପ୍ରକାରର ବାଣ ଅଧିକ କ୍ଷତିକାରକ । ଲୋକେ ନିଜ ମୂଳ ସଂସ୍କୃତିକୁ ଫେରିବା ପାଇଁ ପ୍ରେରଣା ଯୋଗାଯିବା ଉଚିତ । ନ୍ୟାୟମିତ୍ର ଉତ୍ତର ଦେଇଥିଲେ- ଆଗେ ଦୀପାବଳିରେ କେବଳ ଝୁରିଝୁରି ଓ ଦୀପ ଜଳାଯାଉଥିଲା । ତେଣୁ କଟକଣାକୁ ଠିକ୍ ଭାବରେ କାର୍ଯ୍ୟକାରୀ ନ କଲେ ତାହା ପ୍ରଭାବଶାଳୀ ହେବନାହିଁ ।

ଏସବୁକୁ ଲକ୍ଷ୍ୟ କଲେ ସରକାର , ପ୍ରଶାସନ ଓ ପୋଲିସ ଅଦ୍‌ଭୂତ ସ୍ଥିତିରେ ପହଞ୍ଚିଛନ୍ତି ବୋଲି କହିବାକୁ ହେବ । ତେଣେ ଲୋକେ ଯେତେ ଅଧିକ ଧ୍ୱନି ସୃଷ୍ଟିକାରୀ ଓ ପ୍ରଦୂଷଣକାରୀ ବାଣ ଫୁଟା ଯାଉ ବୋଲି ଚାହାନ୍ତି । ଅର୍ଥାତ୍, ଭସ୍ମାସୁର ସାଜିବାକୁ ସାଧାରଣ ଜନତାଙ୍କ ବଡ଼ ଭାଗ ପଛାଉନାହାନ୍ତି, କି ଉଦ୍‌ଭ୍ରାନ୍ତ ଆମ ସମାଜ !

ବାୟୁ ଓ ଧ୍ୱନି ପ୍ରଦୂଷଣ ନିୟନ୍ତ୍ରଣ ହେଲା କି ?

ବିଷ୍ଣୁ ପ୍ରସାଦ ଦାସ

ଦୀପାବଳି ଆଲୋକର ପର୍ବ, ଆନନ୍ଦ ଓ ଉତ୍ସାହର ପର୍ବ । କିନ୍ତୁ ଏହା ଯଦି ଅନ୍ୟମାନଙ୍କ ପାଇଁ ଯନ୍ତ୍ରଣା, ଅସୁସ୍ଥତା ଓ ଅସହ୍ୟ ପରିବେଶ ପ୍ରଦୂଷଣର କାରଣ ହୁଏ, ତେବେ ତାହାର ଉଦ୍ଦେଶ୍ୟ ଓ ମାନବିକତା ଉଭୟ ପ୍ରଶ୍ନବାଚୀ ହୋଇପଡ଼େ । ଗତ ୮ ନଭେମ୍ବର ୨୦୨୬ ଦୀପାବଳି ଅବସରରେ ଦ୍ୱୈତ ମହାନଗରୀ କଟକ ଓ ଭୁବନେଶ୍ୱରରେ ବାୟୁ ଏବଂ ଧ୍ୱନି ପ୍ରଦୂଷଣ ନିୟନ୍ତ୍ରଣ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟ ତଥା ସରକାରଙ୍କ ନିର୍ଦ୍ଦେଶକୁ ଯେପରି ଅବମାନନା କରାଗଲା, ତାହା ଅତ୍ୟନ୍ତ ଉଦ୍‌ବେଗଜନକ । ଏହା ସରକାରୀ ନିର୍ଦ୍ଦେଶ ପ୍ରତି ଏକ ଖୋଲା ଆହ୍ୱାନ ବୋଲି ମନେହୁଏ । ସନ୍ଧ୍ୟା ୫ଟାରୁ ରାତି ୨ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ଧ୍ୱନି ଏବଂ ବାଣରୁ ନିର୍ଗତ ଧୂଆଁ ଯୋଗୁଁ ସାଧାରଣ ଜୀବନ ଅତିଷ୍ଠ ହୋଇପଡ଼ିଥିଲା । (ଯଦିଓ ସରକାରଙ୍କ ନିୟମ ଥିଲା ସନ୍ଧ୍ୟା ୭ ଟାରୁ ରାତ୍ରୀ ୯ ଟା ପର୍ଯ୍ୟନ୍ତ ସର୍ବସାଧାରଣ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନର ଆତସବାଜି ଫୁଟାଇପାରିବେ)

ଏହି ଅବାଧ ବାଣ ଫୁଟା ଏବଂ ପ୍ରତିଯୋଗିତାମୂଳକ ଆତସବାଜିର ପ୍ରଭାବରେ କେତେ ବୟସ୍କ ବ୍ୟକ୍ତି, ରୋଗୀ, ଶିଶୁ ଓ ହୃଦ୍‌ରୋଗୀ ଶାରୀରିକ ତଥା ମାନସିକ ଯନ୍ତ୍ରଣା ଭୋଗିଲେ, ତାହାର ହିସାବ କିଏ ରଖୁଛି ? ଯେଉଁମାନେ ଶାନ୍ତିରେ ନିଜ ଘରେ ରହିବାକୁ ଚାହୁଁଥିଲେ, ସେମାନଙ୍କ ପାଇଁ ସେହି ରାତି ଏକ ଯନ୍ତ୍ରଣାଦାୟକ ରାତ୍ରି ବୋଲି ପ୍ରତୀୟମାନ ହୋଇଥିଲା । ଗତ ଆଠ ନଭେମ୍ବର ୨୦୨୬ ସନ୍ଧ୍ୟାରୁ ରାତ୍ରି ୨ ଟା ମଧ୍ୟରେ ଏକ୍ୟୁଆଇ ସ୍ତର ୨୦୦ରୁ ୧୩୬୬ ପହଞ୍ଚି ଯାଇଥିଲା, ଯାହାକି ବିଗତ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ ତଥା ଉଦ୍‌ବେଗଜନକ ଥିଲା ।

ଭାଇଚାରାର ସହର କଟକ ଏବଂ ମନ୍ଦିରମାଳିନୀ ସହର ଭୁବନେଶ୍ୱରର ଗୌରବ କେବଳ ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରାରେ ନୁହେଁ, ବରଂ ଏଠାକାର ମାନବିକ ମୂଲ୍ୟବୋଧରେ ମଧ ରହିଛି । କିନ୍ତୁ ଦୀପାବଳିରେ ବାଣ ଫୁଟାଇବାର ପ୍ରତିଯୋଗିତା ଏହି ମୂଲ୍ୟବୋଧକୁ ଯେପରି ଆଘାତ କଲା, ତାହା ଚିନ୍ତାଜନକ । ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏଥିପାଇଁ ଦାୟୀ କିଏ ? କେବଳ ଜନସାଧାରଣଙ୍କୁ ଦୋଷ ଦେଇ ସରକାରୀ ବିଭାଗ ନିଜ ଦାୟିତ୍ୱରୁ ମୁକ୍ତ ହୋଇପାରିବେ କି ? ଦୀପାବଳି ପୂର୍ବରୁ ଡାକବାଜି ଯନ୍ତ୍ର, ଟେଲିଭିଜନ, ସାମାଜିକ ଗଣମାଧ୍ୟମ, ଖବରକାଗଜ ମାଧ୍ୟମରେ ସରକାରୀ ନିର୍ଦ୍ଦେଶ ସହିତ ପ୍ରଦୂଷଣର କୁପ୍ରଭାବ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉଚିତ ଥିଲା । କିନ୍ତୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କିମ୍ବା ଅନ୍ୟ ସମ୍ପୃକ୍ତ ସରକାରୀ ବିଭାଗ ପକ୍ଷରୁ ସେପରି ଦୃଷ୍ଟାନ୍ତମୂଳକ ପ୍ରଚାର କିମ୍ବା ସଚେତନତାମୂଳକ ପଦକ୍ଷେପ ନେଲେନାହିଁ । କେବଳ ନିର୍ଦ୍ଦେଶ ଜାରି କରିଦେଲେ ପ୍ରଶାସନିକ ଦାୟିତ୍ୱ ସମାପ୍ତ ହୁଏ ନାହିଁ । ନିୟମର କାର୍ଯ୍ୟକାରିତା, ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଏବଂ ନିରନ୍ତର ତଦାରଖ ମଧ ଅତ୍ୟନ୍ତ ଆବଶ୍ୟକ । ଜନସଚେତନତା ଦ୍ୱାରା ଅନେକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ସମ୍ଭବ । ତେଣୁ ଆଗାମୀ ଦିନରେ ସରକାର ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକ ପର୍ବପର୍ବାଣି ପୂର୍ବରୁ ବ୍ୟାପକ ପ୍ରଚାର, ନିୟମିତ ନିରୀକ୍ଷଣ, ଧ୍ୱନି ଏବଂ ବାୟୁ ପ୍ରଦୂଷଣର ମାପ ସହିତ ଅଭ୍ୟାସଗତ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରନ୍ତୁ ।

ପ୍ରଶାସନ ନିଜ ଦାୟିତ୍ୱ ପାଳନ କରୁ ଏବଂ ଜନସାଧାରଣ ନିଜର ସାମାଜିକ କର୍ତ୍ତବ୍ୟ ବୁଝନ୍ତୁ । ତେବେ ହିଁ ସଂସ୍କୃତି ଏବଂ ପରିବେଶର ପ୍ରକୃତ ସୁରକ୍ଷା ସମ୍ଭବ ହେବ ।

କଟକ, ମୋ: ୯୯୩୭୧୭୪୦୯୭

ଓବିସି ସ୍ତମ୍ଭ ଉଭାନ

ଅଧ୍ୟାପକ ଗୋପବନ୍ଧୁ

“ ଭାରତବର୍ଷରେ ମୁଖ୍ୟ ସମସ୍ୟା ହେଉଛି ଓବିସି ପରିସଂଖ୍ୟାନକୁ ନେଇ । ସ୍ୱାଧୀନତା ପରେ ଜାତିଭିତ୍ତିକ ଜନଗଣନା ହୋଇନଥିବା ଯୋଗୁଁ ଏମାନଙ୍କ ସଂଖ୍ୟା କେତେ ଏବଂ ଆର୍ଥିକ ଓ ଶିକ୍ଷାଗତ ସ୍ଥିତି କ’ଣ, ଚାକିରି ଓ ପ୍ରଶାସନରେ ଭାଗୀଦାରିତା କେତେ, ତାହାର ତଥ୍ୟ ଉପଲବ୍ଧ ନୁହେଁ । ଦେଶରେ ଶେଷଥର ପାଇଁ ଜାତିଭିତ୍ତିକ ଜନଗଣନା ହୋଇଥିଲା ବ୍ରିଟିଶ୍ ରାଜ ସମୟରେ ୧୯୩୧ ମସିହାରେ । ଏହାପରେ ୨୦୧୧ ମସିହାରେ ଅନ୍ୟାନ୍ୟ ପଛୁଆବର୍ଗଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିର ଅନୁଧ୍ୟାନ ହୋଇଥିଲା । କିନ୍ତୁ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସାର୍ବଜନୀନ କରାଗଲା ନାହିଁ । ମଣ୍ଡଳ ଆୟୋଗ ୧୯୩୧ ମସିହାର ପରିସଂଖ୍ୟାନ ଆଧାରରେ ୧୯୮୦ ମସିହାରେ ତାଙ୍କ ରିପୋର୍ଟରେ ଓବିସିଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୫୨% ବୋଲି ଦର୍ଶାଇ ଥିଲେ ।

୨୦୧୧ ମସିହା ପରେ ୨୦୨୧ ମସିହାରେ ହେବାକୁ ଥିବା ଜନଗଣନା ବିଭିନ୍ନ କାରଣ ପାଇଁ ଘୁଞ୍ଚି ୨୦୨୬ ମସିହାରେ ଆରମ୍ଭ ହୋଇଛି । ଏହା ୨୦୨୭ ମସିହାରେ ସମାପ୍ତ ହେବ । ଏହାପରେ କେତେଦିନ ପରେ ସମ୍ପୂର୍ଣ୍ଣ ପରିସଂଖ୍ୟାନ ପ୍ରକାଶ ପାଇବ ତାହା ଏବେଠାରୁ କହିହେବ ନାହିଁ । ଏହା ଜାତିଭିତ୍ତିକ ଜନଗଣନା ହେବ । ଦେଶରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ଦାବି ହୋଇ ଆସୁଥିଲା । ବିଶେଷ କରି ଓବିସି ସଂଗଠନ ଓ ସମର୍ଥିତ ରାଜନୈତିକ ଦଳମାନେ ଦାବି କରି ଆସୁଥିଲେ । ଜନମତ ସମ୍ମୁଖରେ ମୁଣ୍ଡ ନୂଆଁଇ କେନ୍ଦ୍ର ସରକାର ଦେଶରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ତଦନୁଯାୟୀ ବିଭିନ୍ନ ବିନ୍ଦୁକୁ ନେଇ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ଜନଗଣନା ଫର୍ମରେ ଥିବା ପ୍ରଶ୍ନାବଳୀକୁ ନେଇ ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ସନ୍ଦେହରେ ଅଛନ୍ତି । କାରଣ ଏହି ଫର୍ମର ସୂଚୀରେ ଓବିସି ସ୍ତମ୍ଭ ନାହିଁ । ଓଡ଼ିଶାରେ ଏହା ଏସ୍‌ଇବିସି ହେବା କଥା । ତେଣୁ ଜନଗଣନା ପରେ ଦେଶରେ କିମ୍ବା ରାଜ୍ୟରେ ଓବିସି/ଏସ୍‌ଇବିସିଙ୍କ ସାମଗ୍ରିକ ସଂଖ୍ୟା କେତେ ତାହା ହଠାତ ଜଣାପଡିବ ନାହିଁ । ବିଭିନ୍ନ ମହଲରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି । ଓବିସି ସ୍ତମ୍ଭ ରଖିବାକୁ ଦାବି ହେଉଛି ।

ସଂଶୟ ପ୍ରକାଶ ପାଉଛି ଯେ ତଥ୍ୟ ସଂଗ୍ରହ ଫର୍ମରେ ଓବିସି ସ୍ତମ୍ଭ ନ ରଖିବା ପଛରେ କିଛି ଚକ୍ରାନ୍ତ ନାହିଁ ତ ? ୨୦୧୧ ମସିହାରେ ହୋଇଥିବା ଜନଗଣନାରେ ତଥ୍ୟଗତ ତ୍ରୁଟି ଦର୍ଶାଇ ଜାତି ସମ୍ବନ୍ଧିତ ପରିସଂଖ୍ୟାନକୁ ପ୍ରକାଶ କରାଗଲା ନାହିଁ । ସେହିପରି ବିଭିନ୍ନ ଆଳ ଓ ତ୍ରୁଟି ଦର୍ଶାଇ ଓବିସି/ଏସଇବିସିଙ୍କ ସଂଖ୍ୟା ଅପ୍ରକାଶିତ ରଖିବାର ଚକ୍ରାନ୍ତ ନାହିଁ ତ ? କୁହାଯାଉଛି ଜନଗଣନା ପରେ ଓବିସି/ଏସଇବିସି ଅନ୍ତର୍ଗତ ଜାତିମାନଙ୍କ ସଂଖ୍ୟାକୁ ସମ୍ମିଶ୍ରିତ କରି ଏମାନଙ୍କ ସାମଗ୍ରିକ ସଂଖ୍ୟା ତାଲିକା ପ୍ରସ୍ତୁତ କରାଯିବ । କିନ୍ତୁ ପ୍ରଶ୍ନ ହେଉଛି ଏହା କେତେଦୂର ପାରଦର୍ଶୀ ହେବ ? ଏହା ଯଦି କରିବାର ଅଛି ତେବେ ମୂଳରୁ ଓବିସି/ଏସଇବିସି ସ୍ତମ୍ଭ ରଖିଲେ ଅସୁବିଧା କେଉଁଠି ? ତଥ୍ୟ ସଂଗ୍ରହ ଫର୍ମରେ ଏସଟି ଓ ଏସସିଙ୍କ କ୍ରମ ରହିଛି । ତେଣୁ ଜନଗଣନା ପରେ ଏମାନଙ୍କ ସଂଖ୍ୟା ସ୍ପଷ୍ଟ ଜଣାପଡ଼େ । କିନ୍ତୁ ଓବିସି/ଏସଇବିସିଙ୍କ ସଂଖ୍ୟା ଜଣାପଡିବ ନାହିଁ । ଏଥିପାଇଁ ଅପେକ୍ଷା କରିବାକୁ ପଡ଼ିବ । ପୁଣି ଏହି ବର୍ଗର ସାମଗ୍ରିକ ଆର୍ଥିକ, ଶିକ୍ଷାଗତ ଓ ଚାକିରି କ୍ଷେତ୍ରରେ ଭାଗୀଦାରୀ ମଧ ସ୍ପଷ୍ଟ ହୋଇପାରିବ ନାହିଁ । ଜାଣିଶୁଣି ଏସବୁ ତଥ୍ୟକୁ ଲୁଚାଇବାର ପ୍ରଚେଷ୍ଟା ହେଉ ନାହିଁ ତ ?

ଦେଶରେ ଜାତିଭିତ୍ତିକ ଜନଗଣନା ସାମାଜିକ ବିକାଶ ପାଇଁ ଅପରିହାର୍ଯ୍ୟ । ଏହା ଦ୍ୱାରା ପ୍ରତ୍ୟେକ ଜାତି ଓ ଜାତିକୁ ନେଇ ଗଠିତ ହୋଇଥିବା ବର୍ଗ ସମ୍ବନ୍ଧରେ ସଠିକ ତଥ୍ୟ ମିଳିପାରିବ । ଏହା କେବଳ ପରିସଂଖ୍ୟାନକୁ ସୂଚିତ କରିବ ତାହା ନୁହେଁ, ଏହା ସହିତ ପ୍ରତ୍ୟେକ ବର୍ଗ ଓ ଜାତିର ଆର୍ଥିକ ଓ ଶିକ୍ଷାଗତ ସ୍ଥିତିକୁ ମଧ ସୂଚିତ କରିବ । ଫଳରେ ବିକାଶର ଦୌଡରେ କେଉଁ ଜାତି ଓ କେଉଁ ବର୍ଗ କେତେ ଆଗେଇଛି ଓ କେଉଁ ଜାତି ଓ କେଉଁ ବର୍ଗ କେତେ ପଛରେ ପଡିଯାଇଛି ତାହା ତଥ୍ୟ ସହିତ ଉପଲବ୍ଧ ହେବ । ଏପରି କ୍ଷେତ୍ରରେ ତୁଳାନାତ୍ମକଭାବେ ପଛରେ ପଡ଼ିଥିବା ଜାତି ଓ ବର୍ଗଗୁଡିକର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇ ପାରିବେ । ଏହି ଜନଗଣନା ଦ୍ୱାରା ବିଭିନ୍ନ ବର୍ଗର ତଥ୍ୟଭିତ୍ତିକ ସ୍ଥିତି ଉପଲବ୍ଧ ହେବା ଜରୁରୀ । ଜନଗଣନା ଫର୍ମରେ ଓବିସି/ଏସଇବିସି ସ୍ତମ୍ଭ ନଥିବା ଯୋଗୁଁ ଏହି ବର୍ଗର ସାମଗ୍ରିକ ସ୍ଥିତି ଉପଲବ୍ଧ ହେବ ନାହିଁ । ଫଳରେ ଏହି ବର୍ଗର ସଂରକ୍ଷଣ ବୃଦ୍ଧି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ ନାହିଁ । କାରଣ ଓବିସି ସମ୍ବନ୍ଧିତ ବିଭିନ୍ନ କେଶରେ ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ଗୁରୁତ୍ୱ ଦେବାର ଦେଖାଯାଇଛି ।

ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଦେଶରେ ଚାରୋଟି ବର୍ଗ ରହିଛି । ଅନୁସୂଚିତ ଜାତି (ଏସସି), ଅନୁସୂଚିତ ଜନଜାତି (ଏସଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଓ ସାଧାରଣ ବର୍ଗ । ଓଡ଼ିଶାରେ ସାମାଜିକ ଓ ଆର୍ଥିକ ଭାବେ ପଛୁଆ ବର୍ଗ(ଏସଇବିସି) ଓବିସିର ଏକ ପରିବର୍ଦ୍ଧିତ ରୂପ । ଜାତିଭିତ୍ତିକ ଜନଗଣନା ହେଲେ କେଉଁ ବର୍ଗର ସଂଖ୍ୟା କେତେ ଓ ସେମାନେ ଚାକିରି ଓ ପ୍ରାଶାସନିକ ସେବାରେ କେତେ ଅଛନ୍ତି, ଜମି ମାଲିକାନା ଓ ବାଣିଜ୍ୟ ବ୍ୟବସାୟରେ କେତେ ଅଛନ୍ତି ଏବଂ ଶିକ୍ଷା ଦୃଷ୍ଟିକୋଣରୁ କେତେ ଆଗେଇଛନ୍ତି ତାହାର ସ୍ପଷ୍ଟ ଚିତ୍ର ମିଳିପାରିବ । କୌଣସି ବର୍ଗ ନିଜର ସଂଖ୍ୟା ଅନୁପାତ ଠାରୁ ତଳେ ଥିଲେ ଆନୁପାତିକ ପ୍ରତିନିଧିତ୍ୱ ପାଇଁ ପଦକ୍ଷେପ ନିଆଯାଇ ପାରିବ । ପ୍ରଚଳିତ ଜନଗଣନା ପ୍ରଶ୍ନ ସମ୍ବଳିତ ଫର୍ମରେ ଯେହେତୁ ଓବିସି/ଏସଇବିସ କଲମ ବା ସ୍ତମ୍ଭ ନାହିଁ, ତେଣୁ ଏମାନେ କେତେ ଶତାଂଶ ଶାସନ ଓ ପ୍ରଶାସନରେ ଏବଂ କେତେ ଶତାଂଶ ବାଣିଜ୍ୟ-ବ୍ୟବସାୟ ଓ କୌଳିକ ବୃତ୍ତିରେ ଅଛନ୍ତି ତାହା ଉପଲବ୍ଧ ହେବ ନାହିଁ । ଫଳରେ ଦୁର୍ବଳ ଥିବା କ୍ଷେତ୍ରରେ ଏମାନଙ୍କୁ ଆଗକୁ ଆଣିବା ଯୋଜନା କାର୍ଯ୍ୟକାରୀ ହୋଇ ପାରିବ ନାହିଁ ।

ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତିଙ୍କ ପରିସଂଖ୍ୟାନ ନିର୍ଣ୍ଣୟ ହୋଇଆସିଛି । ଅର୍ଥାତ୍ ତାଙ୍କ ସାମଗ୍ରିକ ସଂଖ୍ୟା କେତେ ପ୍ରତି ଜନଗଣନାରେ ତାହାର ହିସାବ ମିଳୁଛି । କିନ୍ତୁ ସାମଗ୍ରିକ ଭାବେ ଏମାନେ ଉଚ୍ଚଶିକ୍ଷା, ପ୍ରଶାସନିକ ସେବା, ବାଣିଜ୍ୟ ବ୍ୟବସାୟ, ଜମିଜମା ମାଲିକାନା ଇତ୍ୟାଦି କ୍ଷେତ୍ରରେ କେତେ ଭାଗୀଦାରିତା ଅଟନ୍ତି ତାହାର ପରିସଂଖ୍ୟାନ ନାହିଁ । ପ୍ରସ୍ତାବିତ ଜାତିଭିତ୍ତିକ ଜନଗଣନାରେ ଏହା ଉପରେ ଏକ ସ୍ପଷ୍ଟ ଚିତ୍ର ଉପଲବ୍ଧ ହେବ । ସବୁଠାରୁ ବଡକଥା ହେଉଛି ଏସଟି ଓ ଏସସି ଅନ୍ତର୍ଭୁକ୍ତ ପ୍ରତ୍ୟେକ ଜାତିର ଏ ଦୃଷ୍ଟିରୁ ସ୍ଥିତିଗତ ଅବସ୍ଥା କ’ଣ ତାହାର ପ୍ରାଞ୍ଜଳ ରୂପ ସମ୍ମୁଖ୍ୟକୁ ଆସିବ । ଦେଖାଯାଉଛି ଏହି ବର୍ଗ ଅନ୍ତର୍ଗତ ଜାତିମାନଙ୍କ ମଧ୍ୟରେ ବିକାଶର ତାରତମ୍ୟ ରହିଛି । କିଛି ଜାତି ତୁଳନାତ୍ମକ ଭାବେ ବହୁ ଆଗକୁ ଆଗେଇ ଯାଇଥିବା ବେଳେ, ଆଉ କେତେକ ଜାତି ପୂର୍ବବତ୍ ତଳେ ପଡ଼ିଛନ୍ତି । ତେଣୁ ତଳେ ପଡିଥିବା ଜାତିମାନଙ୍କର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ଜାତିଭିତ୍ତିକ ଜନଗଣନା ସହାୟକ ହେବ । ଦେଶରେ ସଂଖ୍ୟାଲଘୁମାନଙ୍କ ପରିସଂଖ୍ୟାନ ଜନଗଣନା ସମୟରେ କରାଯାଉଛି । କିନ୍ତୁ ତାଙ୍କ ସ୍ଥିତିଗତ ଅବସ୍ଥିତି ଉପରେ ତଥ୍ୟ ସଂଗ୍ରହ ହୁଏ ନାହିଁ ।

ଜାତିଭିତ୍ତିକ ଜନଗଣନା ହେଲେ ଏହା ଉପଲବ୍ଧ ହେବ ଓ ଆବଶ୍ୟକ ସ୍ଥଳେ ବିକାଶର ଯୋଜନା ପ୍ରସ୍ତୁତ ହେବ । ଏହା ବାଦେ ଦେଶରେ ଅଗ୍ରସର ବା ସାଧାରଣ ବର୍ଗଙ୍କ ସଂଖ୍ୟା କେତେ ତାହାର ମଧ୍ୟ ତଥ୍ୟ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ଏମାନଙ୍କ ଭାଗିଦାରୀ କେତେ ତାହାର ମଧ ସ୍ପଷ୍ଟ ଚିତ୍ର ନାହିଁ । ଜାତିଭିତ୍ତିକ ଜନଗଣନାରେ ଏହା ମଧ ସ୍ପଷ୍ଟ ହେବ । ଅବଶ୍ୟ ଇଡବ୍ଲୁଏସ ସଂରକ୍ଷଣର ଯଥାର୍ଥତା ଉପରେ ରାୟ ଦେବା ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ଅଗ୍ରସର ବର୍ଗର ସଂଖ୍ୟା ଓ ତାଙ୍କ ସ୍ଥିତିଗତ ତଥ୍ୟ ମାଗିବାକୁ ଆବଶ୍ୟକ ମନେକରି ନାହାନ୍ତି ।

ଭାରତବର୍ଷରେ ମୁଖ୍ୟ ସମସ୍ୟା ହେଉଛି ଓବିସି ପରିସଂଖ୍ୟାନକୁ ନେଇ । ସ୍ୱାଧୀନତା ପରେ ଜାତିଭିତ୍ତିକ ଜନଗଣନା ହୋଇନଥିବା ଯୋଗୁଁ ଏମାନଙ୍କ ସଂଖ୍ୟା କେତେ ଏବଂ ଆର୍ଥିକ ଓ ଶିକ୍ଷାଗତ ସ୍ଥିତି କଣ, ଚାକିରି ଓ ପ୍ରଶାସନରେ ଭାଗୀଦାରିତା କେତେ, ତାହାର ତଥ୍ୟ ଉପଲବ୍ଧ ନୁହେଁ । ଦେଶରେ ଶେଷଥର ପାଇଁ ଜାତିଭିତ୍ତିକ ଜନଗଣନା ହୋଇଥିଲା ବ୍ରିଟିଶ୍ ରାଜ ସମୟରେ ୧୯୩୧ ମସିହାରେ । ଏହାପରେ ୨୦୧୧ ମସିହାରେ ଅନ୍ୟାନ୍ୟ ପଛୁଆବର୍ଗଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିର ଅନୁଧ୍ୟାନ ହୋଇଥିଲା । କିନ୍ତୁ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସାର୍ବଜନୀନ କରାଗଲା ନାହିଁ । ମଣ୍ଡଳ ଆୟୋଗ ୧୯୩୧ ମସିହାର ପରିସଂଖ୍ୟାନ ଆଧାରରେ ୧୯୮୦ ମସିହାରେ ତାଙ୍କ ରିପୋର୍ଟରେ ଓବିସିଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୫୨% ବୋଲି ଦର୍ଶାଇ ଥିଲେ । କିନ୍ତୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଓବିସି ସମ୍ବନ୍ଧିତ କେଶରେ ଏହି ପରିସଂଖ୍ୟାନକୁ ଗ୍ରହଣ କରୁନାହାଁନ୍ତି । ନିର୍ଦ୍ଦିଷ୍ଟ ସଂଖ୍ୟା ସହିତ ସ୍ଥିତିଗତ ତଥ୍ୟ ମାଗୁଛନ୍ତି । ତେଣୁ ଜାତିଭିତ୍ତିକ ଜନଗଣନାରେ ଓବିସି/ଏସଇବିସିଙ୍କ ସଂଖ୍ୟା ଓ ସ୍ଥିତି ଉପଲବ୍ଧ ହେବା ଜରୁରୀ ହୋଇପଡ଼ିଛି । ଏହା ଅପରିହାର୍ଯ୍ୟ ମଧ୍ୟ ।

ବାରିପଦା, ମୟୂରଭଞ୍ଜ,
ମୋ- ୯୪୩୮୨୪୮୮୫୪

କୋଟିଆ: ଓଡ଼ିଆ ଅସ୍ମିତାର ଦର୍ପଣ

କିଶୋର ଚନ୍ଦ୍ର ବେହେରା

“ କୋଟିଆର ସୁରକ୍ଷା ଲାଗି ଓଡ଼ିଶା ପକ୍ଷରୁ ସମସ୍ତ ଉଦ୍ୟମ ହୋଇଥିଲା । ସବୁ ଦଳର ନେତାମାନେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ମା’ ମାଟିର ସୁରକ୍ଷା ପାଇଁ ଏକାଠି ହୋଇଥିଲେ ସର୍ବଦଳୀୟ ନେତା, ପ୍ରଶାସନ , ଆଇନଜୀବୀ ଓ ସ୍ଥାନୀୟ ଜନସାଧାରଣ । ଓଡ଼ିଶାର କଡ଼ା ବିରୋଧ ଓ ସୀମାନ୍ତରେ ରାତିସାରା ପହରା ପରେ ନରେଡ଼ିଓ୍ୱାଲ୍ସାରୁ ପୋଲିଂ ବୁଥ୍ ଘୁଞ୍ଚାଇ ଆନ୍ଧ୍ର ସରକାର ନିଜ ସୀମା ସାରିକିରେ ମତଦାନ କେନ୍ଦ୍ର କରିବାକୁ ବାଧ ହୋଇଥିଲା ।

ସାମାଜିକ ସଂସ୍କାର ହେଉ ଅଥବା ସ୍ୱାଧୀନତା ସଂଗ୍ରାମ ହେଉ କିମ୍ବା କୌଣସି ପ୍ରାକୃତିକ ବିପର୍ଯ୍ୟୟ , ଯେପରିକି ବାତ୍ୟା କିମ୍ବା ମହାମାରୀ ଭଳି ଦୈବ ଦୁର୍ବିପାକ ଓଡ଼ିଶା ତଥା ସାରା ଭାରତର ଲୋକେ ସର୍ବଦା ଏକାଠି ହୋଇ ଲଢ଼ିବା ଏବଂ ଜିତିବାର ଉଦାହରଣ ସୃଷ୍ଟି କରିଛନ୍ତି ।

ଏହି ସାହସୀ ଏବଂ ସକାରାତ୍ମକ ଭାବନା ଆମ ସମାଜକୁ ଆହୁରି ମଜଭୁତ କରେ । ‘ମା ମାଟି ପାଇଁ ଏକାଠି ହେବା’ ଏହି ଧାଡ଼ିଟି କେବଳ କେତୋଟି ଶବ୍ଦ ନୁହେଁ, ବରଂ ଏହା ଆମ ଓଡ଼ିଆ ଜାତିର ସ୍ୱାଭିମାନ, ଏକତା ଓ ନିଜ ଜନ୍ମମାଟି ପ୍ରତି ଥିବା ଗଭୀର ଭକ୍ତିର ପ୍ରତୀକ । ଆମ ମା’ ଏବଂ ଆମ ଜନ୍ମମାଟିର ସୁରକ୍ଷା, ଉନ୍ନତି ଓ ଗୌରବ ରକ୍ଷା ପାଇଁ ସମସ୍ତ ଭେଦଭାବ ଭୁଲି ଏକାଠି ହେବା ହେଉଛି ପ୍ରତ୍ୟେକ ଓଡ଼ିଆଙ୍କର ପରମ କର୍ତ୍ତବ୍ୟ । ଭ୍ରାତୃଭାବ ଓ ଏକତା ଆମ ମଧ୍ୟରେ ଥିବା ସବୁ ବିବାଦ ଓ ପାର୍ଥକ୍ୟକୁ ଦୂର କରି ଓଡ଼ିଶାର ପ୍ରଗତି ପାଇଁ ସମସ୍ତେ ହାତ ମିଳାଇ ଚାଲିବା । ମହାନ ଓଡ଼ିଆ ସଂସ୍କୃତି, ଭାଷା ଏବଂ ଐତିହ୍ୟକୁ ବିଶ୍ୱ ଦରବାରରେ ଆହୁରି ଉଚ୍ଚ ସ୍ଥାନରେ ପହଞ୍ଚାଇବା । ପରିବେଶ ସୁରକ୍ଷା, ଚାଷୀ ଭାଇଙ୍କୁ ସହଯୋଗ ଏବଂ ନିଜ ଅଞ୍ଚଳର ବିକାଶ ପାଇଁ ସଂକଳ୍ପବଦ୍ଧ ହେବା । ବର୍ତ୍ତମାନ ସମୟ ଆସିଛି ନିଜ ଭିତରେ ଥିବା ଓଡ଼ିଆତ୍ୱକୁ ଜାଗ୍ରତ କରି ଦେଶ ଓ ମାଟିର କଲ୍ୟାଣ ପାଇଁ ମିଳିତ ଭାବେ କାର୍ଯ୍ୟ କରିବା । ଭୋଟ ସରିଲା କୋଳାହଳ କମିଲା, ଉଭୟ ରାଜ୍ୟର ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ସମସ୍ତ ଘର ଘର ବାହୁଡ଼ା । ୧୫ ଦିନର ଛକାପଞ୍ଝା ପରେ ସରିଛି ଆନ୍ଧ୍ର ପ୍ରଦେଶର ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ । କେତେ ପ୍ରତିଶତ କୋଟିଆବାସୀ କଲେ ମତଦାନ ତା’ର ଚାଲିଛି ହିସାବନିକାଶ ।

କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଲାଗି ରହିଥିବା ବିବାଦ ବହୁ ପୁରୁଣା । ଏହାର ୨୮ ଗାଁ ମଧ୍ୟରୁ ୨୧ଟି ଗ୍ରାମକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଅନେକ ସମୟରେ ମୁହାଁମୁହିଁ ହେଉଛନ୍ତି । ଓଡ଼ିଶା ସମ୍ପୃକ୍ତ ଅଞ୍ଚଳକୁ କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କହୁଥିବା ବେଳେ ଆନ୍ଧ୍ରପ୍ରଦେଶ ତାହାକୁ ପାର୍ବତୀପୁରମ୍ ମାନ୍ୟମ୍ ଜିଲାର ସାଲୁର ବ୍ଲକ ଅଧୀନରେ ଆସୁଥିବା ଦର୍ଶାଇ ଚାଲୁଛି । ୧୯୬୮ ମସିହାରେ ଓଡ଼ିଶା ସରକାର କୋଟିଆ ଗ୍ରାମପୁଞ୍ଜର ସାର୍ବଭୌମତ୍ୱ ଦାବି କରି ଆନ୍ଧ୍ରପ୍ରଦେଶ ବିରୋଧରେ ସୁପ୍ରିମକୋର୍ଟରେ ଏକ ମୂଳ ମାମଲା ସଂଖ୍ୟା ବା ଅରିଜିନାଲ ସୁଟ୍ ନଂ ୧୦/୧୯୬୮ରେ ଦାୟର କରିଥିଲେ । ୩୭ ବର୍ଷର ଦୀର୍ଘ ଶୁଣାଣି ପରେ ଅର୍ଥାତ୍ ୩୦ ମାର୍ଚ୍ଚ ୨୦୦୬ରେ ସର୍ବୋଚ୍ଚ ଅଦାଲତ ଏହି ମାମଲାର ପ୍ରଥମ ଚୂଡ଼ାନ୍ତ ନିଷ୍ପତ୍ତି ଶୁଣାଇଥିଲେ ସମ୍ବିଧାନର ଧାରା ୧୩୧ ଅନୁସାରେ ସମ୍ବିଧାନ ଗଠନ ପୂର୍ବରୁ ଥିବା ଚୁକ୍ତି କିମ୍ବା ସୀମା ନିର୍ଦ୍ଧାରଣ ବିବାଦ ଉପରେ ସୁପ୍ରିମକୋର୍ଟଙ୍କ ସିଧାସଳଖ ନ୍ୟାୟିକ ଅଧିକାର କ୍ଷେତ୍ର ନାହିଁ । ଦ୍ୱିତୀୟରେ ଦୁଇ ରାଜ୍ୟ ମଧ୍ୟରେ ଥିବା ଏହି ସୀମା ବିବାଦର ସମାଧାନ କେବଳ ଭାରତୀୟ ସଂସଦ ଦ୍ୱାରା ହିଁ କରାଯାଇପାରିବ । ତୃତୀୟଟି ସର୍ତ୍ତାବଳୀ ଯେପର୍ଯ୍ୟନ୍ତ ସଂସଦ କୌଣସି ସ୍ଥାୟୀ ନିଷ୍ପତ୍ତି ନେଇନାହିଁ, ସେପର୍ଯ୍ୟନ୍ତ କୋଟିଆ ଅଞ୍ଚଳରେ ୨୦୦୬ ପୂର୍ବରୁ ଯେଉଁ ସ୍ଥିତି ଥିଲା ତାହା ବଜାୟ ରହିବ ଏବଂ କୌଣସି ରାଜ୍ୟ ସେଠାରେ ସୀମା ପରିବର୍ତ୍ତନ କରିପାରିବେ ନାହିଁ । ସେହି ଆଧାରରେ ଓଡ଼ିଶା ପକ୍ଷରୁ ପରବର୍ତ୍ତୀ ସମୟରେ ଦାୟର ହୋଇଥିବା ରିଭ୍ୟୁ ପିଟିସନ ମଧ ସର୍ବୋଚ୍ଚତମ ନ୍ୟାୟାଳୟ ଖାରଜ କରିଥିଲେ ।

ସର୍ବୋଚ୍ଚତମ ନ୍ୟାୟାଳୟଙ୍କ ୨୦୦୬ ସ୍ଥିତାବସ୍ଥା ନିର୍ଦ୍ଦେଶ ସତ୍ତ୍ୱେ, ଆନ୍ଧ୍ରପ୍ରଦେଶ ସରକାର କୋଟିଆର କେତେକ ଗ୍ରାମରେ ନିଜର ପ୍ରଶାସନିକ କାର୍ଯ୍ୟକଳାପ ଚଳାଇଛନ୍ତି, ଯାହାକୁ ନେଇ ଓଡ଼ିଶା ସରକାର ବାରମ୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି । ୨୦୨୧ ମସିହାରେ ଆନ୍ଧ୍ରପ୍ରଦେଶ ସରକାର ସର୍ବୋଚ୍ଚ



ନ୍ୟାୟାଳୟର ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଅବମାନନା କରି ପ୍ରଥମ ଥର କୋଟିଆ ଅଞ୍ଚଳରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ କରିଥିଲେ । ଏହା ସୁପ୍ରିମକୋର୍ଟଙ୍କ ୨୦୦୬ର ସ୍ଥିତାବସ୍ଥା ଆଦେଶର ସ୍ପଷ୍ଟ ଉଲ୍ଲଂଘନ ଦର୍ଶାଇ ତତ୍କାଳୀନ ବିଜେଡି ଶାସିତ ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତରେ ଏକ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ, ଯାହା ବର୍ତ୍ତମାନ ସୁଦ୍ଧା ବିଚାରାଧୀନ ରହିଛି । ଆନ୍ଧ୍ରପ୍ରଦେଶ ସରକାର ପୁଣିଥରେ କୋଟିଆର ବିବାଦୀୟ ଗ୍ରାମଗୁଡ଼ିକରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ କରିବା ପାଇଁ ୨୦୨୬ ସେପ୍ଟେମ୍ବର ୨୧ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିଲେ । ନଭେମ୍ବର ୫ରେ ବିବାଦୀୟ ଅଞ୍ଚଳର ୩ଟି ଗାଁ ଯଥା ଫଗୁଣସିନେରି, ଫାଟୁସିନେରି ଏବଂ ଓଡ଼ିଶାର ରାଜସ୍ୱ ଗ୍ରାମ ଗଞ୍ଜେଇପଦର (ଆନ୍ଧ୍ର ପଞ୍ଚାୟତ ଅଧୀନରେ ରହିଥିବା ନେରେଡିବାଲ୍‌ସା ଗ୍ରାମ)ରେ ଜିଲା ପରିଷଦ ଓ ସମିତି ସଭ୍ୟ ନିର୍ବାଚନ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲେ ।

ଓଡ଼ିଶାର ରାଜସ୍ୱ ବିଭାଗ ଓ କୋରାପୁଟ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ପାର୍ବତୀପୁରମ ମାନ୍ୟମ ଜିଲ୍ଲାପାଳଙ୍କ ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ନୂତନ ସ୍ପଷ୍ଟ ଅଦାଲତ ଅବମାନନା ମାମଲା ରୁଜୁ କରିଛନ୍ତି । ଅନ୍ୟପଟେ କୋଟିଆର ସୁରକ୍ଷା ଲାଗି ଓଡ଼ିଶା ପକ୍ଷରୁ ସମସ୍ତ ଉଦ୍ୟମ ହୋଇଥିଲା । ସବୁ ଦଳର ନେତାମାନେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ମା’ ମାଟିର ସୁରକ୍ଷା ପାଇଁ ଏକାଠି ହୋଇଥିଲେ ସର୍ବଦଳୀୟ ନେତା, ପ୍ରଶାସନ , ଆଇନଜୀବୀ ଓ ସ୍ଥାନୀୟ ଜନସାଧାରଣ । ଓଡ଼ିଶାର କଡ଼ା ବିରୋଧ ଓ ସୀମାନ୍ତରେ ରାତିସାରା ପହରା ପରେ ନରେଡ଼ିଓ୍ୱାଲ୍ସାରୁ ପୋଲିଂ ବୁଥ୍ ଘୁଞ୍ଚାଇ ଆନ୍ଧ୍ର ସରକାର ନିଜ ସୀମା ସାରିକିରେ ମତଦାନ କେନ୍ଦ୍ର କରିବାକୁ ବାଧ ହୋଇଥିଲା ।

କୋରାପୁଟ ପ୍ରଶାସନର ତୀବ୍ର ବିରୋଧ ପରେ ସାଲୁର ପଞ୍ଚାୟତ ସମିତି ଅନ୍ତର୍ଗତ ସାରିକା ଗ୍ରାମରେ ମତଦାନ କେନ୍ଦ୍ର କରିଥିଲା । କୋରାପୁଟ ପ୍ରଶାସନର ବାରଣ ସତ୍ତ୍ୱେ ଆନ୍ଧ୍ରର ପ୍ରଞ୍ଚାୟତ ନିର୍ବାଚନରେ କୋଟିଆ ଗ୍ରାମପୁଞ୍ଜର କିଛି ଲୋକ ଭାଗ ନେଇଥିଲେ । କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦ ପ୍ରତିଶତରୁ କମ୍ ମତଦାନ ହୋଇଥିବାର ସୂଚନା ପ୍ରଦାନ କରିଥିବା ବେଳେ ଆନ୍ଧ୍ରପ୍ରଦେଶ ସରକାର ୩୫ ପ୍ରତିଶତ ମତଦାନ ହୋଇଥିବାର କହୁଛି ।

ଅନ୍ୟପକ୍ଷରେ କୋଟିଆ ବିବାଦ ସର୍ବୋଚ୍ଚତମ ନ୍ୟାୟାଳୟର ଶୁଣାଣି ବେଳେ ବଳିଷ୍ଠ ପ୍ରମାଣ ରୂପେ ସହଯୋଗ କରିବ ବୋଲି ଆଲୋଚନା ଆଇନଜୀବୀମାନେ ମତପୋଷଣ କରନ୍ତି । ସାରିକା ଗ୍ରାମରେ ମତଦାନ କେନ୍ଦ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ଅନୁମାନ କରାଯାଉଛି । ମତଦାନକୁ ନେଇ ଭିନ୍ନ ଭିନ୍ନ ଦାବି ଓ ସାମାଜିକ ଗଣମାଧ୍ୟମର ପ୍ରଚାରିତ ଖବରର ସତ୍ୟତା ଉପରେ ପ୍ରଶ୍ନ ଉଠିଥିବା ବେଳେ ଆଜି କୋରାପୁଟ ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ସାମ୍ନାରେ ଏହାର ଉତ୍ତର ରଖିଛନ୍ତି । କୋଟିଆର ଇତିହାସକୁ ବିଶ୍ଳେଷଣ କଲେ ତିନିଟି କାମର ଆବଶ୍ୟକତା ସ୍ପଷ୍ଟ ହୁଏ । ପ୍ରଥମେ, ପୁରୁଣା ଅଧିସୂଚନା, ନକ୍ସା, ରାଜସ୍ୱ ଦଲିଲ୍ ଓ ତର୍ଜମା ବିବରଣୀକୁ ଏକାଠି କରି ଗାଁ ଅନୁଯାୟୀ ଦାବି ଯାଞ୍ଚ କରିବା । ଦ୍ୱିତୀୟରେ, ଦୁଇ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସ୍ପଷ୍ଟ କାର୍ଯ୍ୟସୂଚୀ ସହ ଆଲୋଚନା କରିବା । ତୃତୀୟରେ, ସୀମା ବିବାଦ ଚାଲିଥିଲେ ମଧ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ମୌଳିକ ସେବାକୁ ଅନିଶ୍ଚିତତାରୁ ଦୂରେଇ ରଖିବା । ଏହା ସହ ସ୍ଥାନୀୟ ଗ୍ରାମସଭା ଓ ବାସିନ୍ଦାଙ୍କ କଥା ଶୁଣିବା ଆବଶ୍ୟକ ।

ପ୍ରଶାସନିକ ଦାବି ରଖୁଥିବା ସରକାରମାନେ ସେଠାରେ ନିରନ୍ତର ସେବା ପହଞ୍ଚାଇବା ଓ ଲୋକଙ୍କ ଆସ୍ଥା ଅର୍ଜନ କରିବାର ଦାୟିତ୍ୱ ମଧ ନେବା ଦରକାର । ମଣିଷର ଚରିତ୍ରରେ ଲୋଭ ଥିବାରୁ ସେ ଯେଉଁଆଡୁ ସୁବିଧା ପାଉଛି ସେହି ଆଡ଼କୁ ଢଳୁଛି । ତେଣୁ କେବଳ କୋଟିଆ ନୁହେଁ, ଓଡ଼ିଶାର ସମସ୍ତ ସୀମାନ୍ତ ଅଞ୍ଚଳରେ ଓଡ଼ିଶା ସରକାର ଅଧିକ ଲୋକାଭିମୁଖୀ ହୋଇ ସ୍ଥାନୀୟ ଲୋକଙ୍କୁ ସାଥିରେ ରଖିବାର ସମୟ ଆସିଲାଣି ।

ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋ- ୯୪୩୭୯୫୫୫୬୮

ଜିଲ୍ଲାପାଳ ଓ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ 'ଫୁଁ'

- ସଂଗ୍ରାମପୁର ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏକଚ୍ଛତ୍ରବାଦ
- ଅନ୍ଧକାରରେ ବୀରମହାରାଜପୁରର ୨୫୦ ବାଳିକାଙ୍କ ଭବିଷ୍ୟତ
- ପ୍ରଶାସନର ତିନି ତିନିଟି ଅର୍ଡର ଫେଲ୍: ବାଳିକା ଉଚ୍ଚ ବିଦ୍ୟାଳୟରେ ବନ୍ଦ ପଡ଼ିଛି ଜୀବ ବିଜ୍ଞାନ ପାଠ !

ସୋନପୁର,୯।୧୧(ନିପ୍ର):ସୁବର୍ଣ୍ଣପୁର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶର କିଛି ମୂଲ୍ୟ ଅଛି କି ନାହିଁ, ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନର ଉପର ମହଲରୁ ବାରମ୍ବାର ନିର୍ଦ୍ଦେଶ ଆସୁଥିଲେ ମଧ୍ୟ ତଳ ସ୍ତରରେ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ତାହାକୁ ବେଖାତିର କରି ନିଜର ଏକଚ୍ଛତ୍ରବାଦୀ ମନୋଭାବ ପୋଷଣ କରିଛନ୍ତି। ଯାହାର ସିଧାସଳଖ ପ୍ରଭାବ ବୀରମହାରାଜପୁର ଉପଖଣ୍ଡର ସର୍ବବୃହତ୍ ତଥା ସର୍ବପୁରାତନ 'ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ'ର ୨୫୦ ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କ ଭବିଷ୍ୟତ ଉପରେ ପଡ଼ିଛି। ମୁଣ୍ଡ ଉପରେ ମାଟ୍ରିକ ପରୀକ୍ଷା ଥିବା ବେଳେ ଶିକ୍ଷକ ଅଭାବରୁ ସ୍କୁଲରେ ଜୀବ ବିଜ୍ଞାନ ଶିକ୍ଷାଦାନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ପ୍ରଶାସନିକ ପଙ୍ଗୁତା ହେତୁ ଉକ୍ତ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟରେ ଜୀବ ବିଜ୍ଞାନ ଶିକ୍ଷକ ନଥିବାରୁ ଛାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ନୈରାଶ୍ୟ ଖେଳିଯାଇଥିଲା। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷାଧିକାରୀ ଗତ ୦୫.୦୯.୨୦୨୬ ରିଖରେ ପତ୍ର ସଂଖ୍ୟା ୪୬୧୧ ଅନୁଯାୟୀ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ନିର୍ଦ୍ଦେଶ ବଳରେ ସଂଗ୍ରାମପୁର ୟୁ.ଜି.ଏଚ୍.ଏସ୍ ର ଜୀବ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ବାଳିକା ଉଚ୍ଚ ବିଦ୍ୟାଳୟକୁ ଡେପୁଟେସନରେ ପଠାଯାଇଥିଲା। ମାତ୍ର ଆଶ୍ଚର୍ଯ୍ୟର ବିଷୟ, ସଂଗ୍ରାମପୁରର କିଛି ଅଧିବାସୀ ତାଙ୍କୁ ସ୍କୁଲରୁ ରିଲିଭ୍ (ଅବ୍ୟାହତି) କରାଇଦେଲେ ନାହିଁ। ନିର୍ଦ୍ଦେଶ ଉପରେ ନିର୍ଦ୍ଦେଶ, ତଥାପି ଫଳ ଶୂନ: ପ୍ରଥମ ନିର୍ଦ୍ଦେଶ ଫେଲ୍ ମାରିବା ପରେ, ଡିଇଓ ପୁଣିଥରେ ଗତ ୧୪.୧୦.୨୦୨୬ ରିଖରେ ପତ୍ର ସଂଖ୍ୟା ୫୫୭୯ ଅନୁଯାୟୀ ଏକ ବିକଳ୍ପ ବ୍ୟବସ୍ଥା ଗ୍ରହଣ କଲେ। ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ସଂଗ୍ରାମପୁର ସ୍କୁଲକୁ ଡେପୁଟେସନରେ ପଠାଇଲେ, ଯାହାଫଳରେ ପୂର୍ବୋକ୍ତ ରିଲିଭ୍ ହୋଇ ବାଳିକା ଉଚ୍ଚ ବିଦ୍ୟାଳୟକୁ ଆସିପାରିବେ।



ହେଲେ ଗାଁ ଲୋକେ ଜନୈକା ସେଠ୍‌ଙ୍କୁ ସ୍କୁଲରୁ ତଡ଼ି ଦେଇଥିଲେ। ଗାଁ ଲୋକଙ୍କ ଜିଦ୍ ଥିଲା ଯେ, ସେମାନଙ୍କ ସ୍କୁଲରେ ପ୍ରାଥମିକ ଶିକ୍ଷକଙ୍କ ଅଭାବ ଅଛି, ତେଣୁ ପ୍ରଥମେ ପ୍ରାଥମିକ ଶିକ୍ଷକ ନଦେଲେ ପୂର୍ବୋକ୍ତ ମହିଳାଙ୍କୁ ଛଡ଼ାଯିବ ନାହିଁ। ଏହି ଘଟଣାକୁ ଗୁରୁତର ସହ ନେଇ ବୀରମହାରାଜପୁର ବିଇଓ ଗତ ୨୮.୧୦.୨୦୨୬ ରିଖରେ ପତ୍ର ସଂଖ୍ୟା ୧୯୯୩ ମାଧ୍ୟମରେ ଆଲୋକ କୁମାର ପ୍ରଧାନଙ୍କୁ ସଂଗ୍ରାମପୁର ସ୍କୁଲକୁ ଡେପୁଟେସନରେ ପଠାଇଥିଲେ। ସେ ସେଠାରେ ଯୋଗଦାନ ମଧ୍ୟ କଲେ ଏବଂ ଗ୍ରାମବାସୀଙ୍କ ଦାବି ପୂରଣ ହେଲା। ବଡ଼ବାବୁଙ୍କ ନିର୍ଦ୍ଦେଶକୁ ବେଖାତିର କରୁଛନ୍ତି କିଏ? ଗ୍ରାମବାସୀଙ୍କ ସମସ୍ତ ଦାବି ପୂରଣ ହେବା ଏବଂ ବିକଳ୍ପ ଶିକ୍ଷକଙ୍କ ଯୋଗଦାନ ପରେ ମଧ୍ୟ ସଂଗ୍ରାମପୁର ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଆଜି ପର୍ଯ୍ୟନ୍ତ କାହିଁକି ରିଲିଭ୍ କରୁନାହାନ୍ତି, ତାହା ସମଗ୍ର ଅଞ୍ଚଳରେ ବିସ୍ମୟ ସୃଷ୍ଟି କରିଛି। ଜିଲ୍ଲାପାଳ ଓ ଶିକ୍ଷାଧିକାରୀଙ୍କ ସିଧାସଳଖ ନିର୍ଦ୍ଦେଶକୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀ କିପରି ଏତେ ସାହସର ସହ ଉଲ୍ଲଂଘନ କରିପାରୁଛନ୍ତି ? ଏହା ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏକଚ୍ଛତ୍ରବାଦୀ ମନୋଭାବ ନୁହେଁ ତ ଆଉ କ'ଣ ବୋଲି ବୁଦ୍ଧିଜୀବୀ ମହଲରେ ତୀବ୍ର ସମାଲୋଚନା ହେଉଛି। ଅନ୍ୟପଟେ ଏହି ଛକାପଞ୍ଝା ଏବଂ ପ୍ରଶାସନିକ ଟାଳଟୁଳ ନୀତି ଯୋଗୁଁ ଶିକ୍ଷୟିତ୍ରୀ ଘୋର ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ସ୍ୱାସ୍ଥ୍ୟଗତ ଦୁର୍ବଳତା ଥିବା ସତ୍ତ୍ୱେ ତାଙ୍କୁ ଏଭଳି ଏକ ଅସହଜ ପରିସ୍ଥିତିରେ ଛନ୍ଦି ଦିଆଯାଇଥିବାରୁ ସେ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା କୁହାଯାଉଛି। ପ୍ରଶାସନର ନିର୍ଦ୍ଦେଶ ଯଦି କାଗଜପତ୍ରରେ ସୀମିତ ରହିବ ଏବଂ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ନିଜର ଜିଦ୍‌ରେ ଅଟଳ ରହିବେ, ତେବେ ବାଳିକା ଉଚ୍ଚ ବିଦ୍ୟାଳୟର ୨୫୦ ଛାତ୍ରୀଙ୍କ ଭବିଷ୍ୟତ ପାଇଁ ଦାୟୀ ରହିବ କିଏ? ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସଂପୃକ୍ତ ଖାମଖିଆଲି ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କଲେ ଭଏସ୍ ଅଫ୍ ମିଡିଆ କେନ୍ଦୁଝର ଜିଲ୍ଲା ଟିମ୍

କେନ୍ଦୁଝର,୯।୧୧ (ନିପ୍ର); ଭଏସ୍ ଅଫ୍ ମିଡିଆର ବାର୍ଷିକ ଉତ୍ସବ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦୁଝର ଜିଲ୍ଲା ଟିମ୍ ପକ୍ଷରୁ କେନ୍ଦୁଝରର ସର୍କିଟ୍ ହାଉସ୍‌ରେ ରବିବର ଆସନ୍ତା ୧୩ ଡିସେମ୍ବର ୨୦୨୬ ରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଏହି ଅବସରରେ କେନ୍ଦୁଝର ଜିଲ୍ଲା ସଭାପତି ସୁଜଳ କୁମାର ସେଠୀଙ୍କ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ଶଶୀଭୂଷଣ ସିଂହ ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ ପତ୍ର ଗ୍ରହଣ କରି ସଂଗଠନର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

ଶିଶୁମାନଙ୍କ ସହ ଦୀପାବଳି ପାଳିଲେ ଜିଲ୍ଲାପାଳ

ପାରଳାଖେମୁଣ୍ଡି,୯।୧୧ (ନିପ୍ର); ପବିତ୍ର ଦୀପାବଳି ଅବସରରେ ଗଜପତି



ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ୍ ଉତ୍କଳ ବାଳାଶ୍ରମକୁ ପରିଦର୍ଶନରେ ଯାଇ ସେଠାରେ ଥିବା ସମସ୍ତ ଶିଶୁ ମାନଙ୍କ ସହ କଥାବାର୍ତ୍ତା କରିଥିଲେ ଏବଂ ସେମାନେ କିପରି ଆଗକୁ ବାଢିପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ । ପରେ ଜିଲ୍ଲାପାଳ ଶିଶୁମାନଙ୍କୁ ମିଠା ବାଣ୍ଟିବା ସହ ଶିଶୁମାନଙ୍କ ନୃତ୍ୟ ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ସୁଶ୍ରୀ ଭଗବତ ସାମଲ କଲ୍ୟାଣ ରାଓ, ବାତ୍ୟା ପରବର୍ତ୍ତି କାର୍ଯ୍ୟକୁ ନିରୀକ୍ଷଣ ନିମନ୍ତେ ଜିଲ୍ଲାର ଅତିରିକ୍ତ ଦାୟିତ୍ୱରେ ଥିବା ପଓ୍ୱନ କୁମାର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶିଶୁ ମଙ୍ଗଳ ସମିତିର ସଭ୍ୟ/ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

ହରିପୁର ବୁଲାଣିଆ ରାସ୍ତା ଦୁର୍ଘଟଣା, ଚାଳକଙ୍କ ମୃତ୍ୟୁ

କାଶୀନଗର,୯।୧୧ (ନିପ୍ର); କାଶୀନଗର ଥାନା ଅନ୍ତର୍ଗତ ଜରିପୁର ଗ୍ରାମ ବୁଲାଣିଆ ରାସ୍ତାରେ ଏକ ମୋଟର ସାଇକେଲ ଦୁର୍ଘଟଣା ଘଟିଛି। ଦୀପାବଳି ଉପଲକ୍ଷେ ବାଣ ଆଣିବା ପାଇଁ ଗୁଣୁପୁର ବାସିନ୍ଦା ହରିପାଲ ପାରଳାଖେମୁଣ୍ଡି ଗସ୍ତ କରି ଫେଉଥିବା ବେଳେ ହରିପୁର ବୁଲାଣିଆ ରାସ୍ତାରେ ନିଜ ମୋଟର ଗାଡିର ଭାରସାମ୍ୟ ହରେଇ ଦୁର୍ଘଟଣା ଗସ୍ତ ହୋଇଥିଲେ। ସ୍ଥାନୀୟ ବାସିନ୍ଦା ସେଠାରୁ ଉଦ୍ଧାର କରି କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ। ଦୁର୍ଘଟଣାରେ ପୀଡିତ ସ୍ୱାସ୍ଥ୍ୟ ଅବସ୍ଥା ଉଦବେଗ ଜନିତ ଥିବାରୁ ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ନେବା ପାଇଁ ସୁପାରିସ କାଶୀନଗର ଡାକ୍ତର କରିଥିଲେ। ମୁଖ୍ୟ ଚିକିତ୍ସାଳୟ ଠାରେ ଚିକିତ୍ସା ଧୀନ ଅବସ୍ଥାରେ ହରିପାଲଙ୍କ ମୃତ ହୋଇଥିବା ସୂଚନା ହସ୍ତଗତ ହୋଇଛି। କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀ ଦୁର୍ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଥିବା ସୂଚନା ମିଳିଛି।

ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

କୃଷ୍ଣପ୍ରସାଦ,୯।୧୧(ନିପ୍ର); ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ଗ୍ରାମରେ ତାଲା ଭାଙ୍ଗି ଚୋରି ହୋଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗ୍ରାମର କେଦାରନାଥ ବିଶ୍ୱାଳଙ୍କ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଓ ଅନ୍ୟାନ୍ୟ ଅଳଙ୍କାର ଚୋରି କରି ନେଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, କେଦାରନାଥ କିଛିଦିନ ହେବ ତୀର୍ଥଯାତ୍ରାରେ ଯାଇଥିବାରୁ ଘରେ କେହି ନଥିଲେ। ଶନିବାର ରାତି ପ୍ରାୟ ୯ଟା ସମୟରେ କେଦାରନାଥଙ୍କ ମାଆ ଘରେ ତାଲା ପକାଇ ପୁରୁଣା ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ପରେ ଆଲମିରା ଭାଙ୍ଗି ସେଥିରେ ଥିବା ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିବା ଜଣାପଡ଼ିଛି।ଏ ସମ୍ପର୍କରେ କେଦାରନାଥଙ୍କ ପକ୍ଷରୁ କୃଷ୍ଣପ୍ରସାଦ ଥାନାରେ ଏତଲା ଦିଆଯାଇଛି। ଏତଲା ପାଇବା ପରେ ଥାନା ଅଧିକାରୀ ଜୟନ୍ତ କୁମାର ସେଠୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଚୋରିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଠାବ କରିବା ସହ ଲୁଟ୍ ସାମଗ୍ରୀ ଉଦ୍ଧାର କରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ବ୍ୟାଙ୍କିଂ ସେବା ପାଇଁ ସ୍ୱତନ୍ତ୍ର ଶିବିର

ଭାପୁର,୯।୧୧ (ନିପ୍ର)ଭାପୁର ବ୍ଲକ ପଦ୍ମାବତୀ ଗ୍ରାମରେ ଅବସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କପକ୍ଷରୁ ଏକ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପରିପୂର୍ଣ୍ଣ ଶିବିର ପଦ୍ମାବତୀ ଗ୍ରା.ପ.ପରିସର ମଧ୍ୟରେ ଚଳିତ ମାସ ୧୦ ତାରିଖ ମଙ୍ଗଳବାର ସକାଳ ୧୦ ଟା ରୁ ଅନୁଷ୍ଠିତ ହେବ। ଏହି ଶିବିରରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ,ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏବଂ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟାଙ୍କିଂ ଷ୍ଟଲ୍ ମାନ ଖୋଲାଯିବ। ଷ୍ଟଲଗୁଡ଼ିକରେ ଗ୍ରାହକମାନେ ନିଜନିଜ ବ୍ୟାଙ୍କ ଖାତାର ରି-କେୱାଇସି ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ବ୍ୟାଙ୍କ ସମସ୍ୟା ଗୁଡିକର ଅନ ଦି ସ୍ପଟ ସମାଧାନ କରାଯିବା ସହିତ ଅନ୍ୟାନ୍ୟ ବ୍ୟାଙ୍କିଂ ସେବା ଓ ଆର୍ଥିକ ସୁବିଧା ସମ୍ପର୍କରେ ସୂଚନା ପାଇପାରିବେ।ତେଣୁ, ଭାପୁର ବ୍ଲକର ସମସ୍ତ ବ୍ୟାଙ୍କ ଗ୍ରାହକ ମାନେ ଏହି ସୁଯୋଗର ସଦୁପଯୋଗ କରିବା ସହ ନିର୍ଦ୍ଧାରିତ ଦିନ ଓ ସମୟରେ ଅଭିଯାନ ସ୍ଥଳରେ ଉପସ୍ଥିତ ରହି ନିଜର ବ୍ୟାଙ୍କିଂ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦନ କରିବାକୁ ପିଏନବି,ପଦ୍ମାବତୀ ଶାଖା ପରିଚାଳକ ଲୋକନାଥ ବେହେରାଙ୍କ ଠାରୁ ପ୍ରକାଶ।

ଆଲୋକ ପର୍ବ ଦୀପାବଳିରେ ଛିନ୍ନ ଭିନ୍ନ ହାତ ପାପୁଲି

ଧର୍ମଗଡ,୯।୧୧(ନିପ୍ର);ଆଲୋକର ପର୍ବ ଦୀପାବଳି ଜୀବନରେ ଖୁସି,ଆନନ୍ଦ ଓ ନୂତନ ଆଶାର ସଞ୍ଚାର କରୁଥିବା ବେଳେ ଅସାବଧାନତାର ଗୋଟିଏ ମୁହୂର୍ତ୍ତ କିନ୍ତୁ ସେହି ଖୁସିକୁ ନିମିଷକ ମଧ୍ୟରେ ଦୁଃଖର ଅନ୍ଧକାରକୁ ଠେଲିଦେଇପାରେ। ଏହାର ଏକ ହୃଦୟବିଦାରକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ଉପଖଣ୍ଡ ଅନ୍ତର୍ଗତ ଗୋଡ଼ଭଞ୍ଜା ଗ୍ରାମରେ। ଦୀପାବଳି ଉତ୍ସବର ଉତ୍ସାହ ମଧ୍ୟରେ ବାଣ ବିସ୍ଫୋରଣ ଘଟି ଜଣେ ଯୁବକ ନିଜ ହାତ ପାପୁଲି ହରାଇଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇ ଚିକିତ୍ସାଧୀନ ହେବା ଘଟଣା ସମଗ୍ର ଅଞ୍ଚଳରେ ଶୋକ ଓ ଉଦ୍‌ବେଗର ବାତାବରଣ ସୃଷ୍ଟି କରିଛି। ମିଳିଥିବା ସୂଚନାନୁଯାୟୀ, ଗୋଡ଼ଭଞ୍ଜା ଗ୍ରାମର ପିଣ୍ଟୁ ପଟେଲ ନାମକ ଜଣେ ଯୁବକ ବାଣ ଫୁଟାଉଥିବା ସମୟରେ ଏକ ଶକ୍ତିଶାଳୀ ବାଣ ଅକସ୍ମାତ ତାଙ୍କ ହାତରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣର ଭୟାବହତା ଏତେ ତୀବ୍ର ଥିଲା ଯେ ତାଙ୍କ ହାତ ପାପୁଲି ଛିନ୍ନଭିନ୍ନ ହୋଇଯାଇଥିଲା ଏବଂ ସେ ଗୁରୁତର ଭାବେ ରକ୍ତାକ୍ତ ହୋଇପଡ଼ିଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତି ତାଙ୍କ ସମେତ ଅନ୍ୟ ଆହତମାନଙ୍କୁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ପିଣ୍ଟୁଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭବାନୀପାଟଣା ମେଡିକାଲ କଲେଜ ଓ ହସ୍ପିଟାଲକୁ ଏବଂ ପରବର୍ତ୍ତୀ ସମୟରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ତରଭା ଡାକ୍ତରଖାନାର ବହୁବିଧ ସମସ୍ୟା ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଦାବିପତ୍ର

ତରଭା,୯।୧୧ (ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ଡାକ୍ତରଖାନାରର ବିଭିନ୍ନ ସମସ୍ୟା ନେଇ ତରଭା ଆମ୍ବେଦକର ସାମଜିକ ସେବା ସଂଘ ତରଫରୁ ନଅ ଦଫା ବିଶିଷ୍ଟ ଏକ ଦାବିପତ୍ର ଓଡିଶା ସରକାର ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉଦ୍ଦେଶ୍ୟରେ ବିଡିଓ ତରଭାଙ୍କ ଜରିଆରେରେ ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ତରଭା ଡାକ୍ତରଖାନା ଏକ ବହୁ ପୁରାତନ ଡାକ୍ତର ଖାନାର ଏହି ଡାକ୍ତରଖାନାରେ ୧୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରିଥାନ୍ତି । ବିଭିନ୍ନ ସମୟରେ ଡାକ୍ତର ଖାନାରେ



ଡାକ୍ତର ସମସ୍ୟା , ଷ୍ଟାଫର ଅଭାବ, ବିପି ମାପକ ଯନ୍ତ୍ର ନ ଥିବା , ଡ୍ରେସିଂ ସମୟ ଷ୍ଟିଚ୍ ସାମଗ୍ରୀ ନଥିବା, ଅଲଟ୍ରା ସାଉଣ୍ଡ ଟେକନିସିଆନ ନ ଥିବା , ଦନ୍ତ , ଆଖି ଡାକ୍ତର ନ ଥିବା, ରୋଗୀଙ୍କ ପାଇଁ ଖାଦ୍ୟ ଦିଆଯାଉ ନ ଥିବା, ଅକ୍ସିଜେନ ସିଲିଣ୍ଡର ନ ଥିବା, ଡାକ୍ତରଖାନା ପରିସରରେ ସୋଲାର ଲାଇଟ୍ ବ୍ୟବସ୍ଥା ନ ଥିବା ଏଭଳି ବିଭିନ୍ନ ଅତ୍ୟାବଶ୍ୟକ ଔଷଧ ଆଦିର ଅଭାବକୁ ଦୃଷ୍ଟିରେ ରଖି ତୁରନ୍ତ ଏଦିଗରେ ବିହିତ ପଦକ୍ଷେପ ପୂର୍ବକ ଉପରୋକ୍ତ ଦାବି ପୂରଣ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ସଂଘର କୁଶୁଳେ ସୁନା, ବୈକୁଣ୍ଠ ବାରିକ୍, ପ୍ରକାଶ ହରିପାଲ, ତ୍ରିନାଥ ସୁନା, ପ୍ରଦୀପ ନାଏକ, ପ୍ରେମଲାଲ ନାଗ, ପ୍ରମୋଦ ନାଗ, ରତ୍ନାକର ତାଣ୍ଡି, କାର୍ତ୍ତିକ ଜାଲ, ଗଣ ପତି ହରିପାଲ, ସମେତ ବହୁ ସଦସ୍ୟ ଦାବିପତ୍ର ପ୍ରଦାନ ସମୟରେ ସାମିଲ ଥିଲେ।

ଭଦ୍ରକ ଚରମ୍ପା ରେଳ ଷ୍ଟେସନ ଫିଡ଼ର୍ ରୋଡର ଶୁଭ ଉଦ୍ଘାଟନ

ଭଦ୍ରକ,୯।୧୧ (ନିପ୍ର); ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଭଦ୍ରକ ଚରମ୍ପା ରେଳ ଷ୍ଟେସନ ଫିଡ଼ର୍ ରୋଡର ଶୁଭ ଉଦ୍ଘାଟନ ସନ୍ଧ୍ୟା ସମୟରେ ଚରମ୍ପା ଷ୍ଟେସନ ରୋଡ୍ ଠାରେ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମନମୋହନ ସାମଲ ଉଦ୍ଘାଟକ ଭାବେ ଯୋଗଦେଇଥିଲେ । ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି, ଲୋକସଭା ସାଂସଦ, ଭଦ୍ରକ ଅଭିମନ୍ୟୁ ସେଠୀ ସ୍ୱତନ୍ତ୍ର ଅତିଥି , ମ ବିଧାୟକ, ଭଦ୍ରକ ତଥା ଅଧକ୍ଷ, ଜିଲ୍ଲା ଯୋଜନା ବୋର୍ଡ ସୀତାଂଶୁ ଶେଖର ମହାପାତ୍ର ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହା ସହ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ, ଭଦ୍ରକ ସୋମେଶ କୁମାର ଉପାଧ୍ୟାୟ, ଅନ୍ୟତମ ଅତିଥି ଭାବେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅଧୀକ୍ଷଣ ଯନ୍ତ୍ରୀ ଦେବୀ ପ୍ରସନ୍ନ ଘୋଷ ଉପସ୍ଥିତ ରହିଥିଲେ । ଏହି ନୂତନ ରାସ୍ତା ଦ୍ୱାରା ଚରମ୍ପା ଷ୍ଟେସନକୁ ଯାତାୟତ ସୁଗମ ହେବା ସହ ସ୍ଥାନୀୟ ଅଞ୍ଚଳର ବ୍ୟବସାୟ, ବାଣିଜ୍ୟ ଓ ସାମାଜିକ ବିକାଶ ତ୍ୱରାନ୍ୱିତ ହେବ। ଭଦ୍ରକ ସହରର ଯାତାୟାତ ବ୍ୟବସ୍ଥାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ।

ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ସମସ୍ତଙ୍କୁ ନିଶାମୁକ୍ତ ଶପଥ ପାଠ

ଭବାନୀପାଟଣା,୯/୧୧ (ନି.ପ୍ର)ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ଦ୍ୱାରା ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଆଞ୍ଚଳିକ ନିର୍ଦ୍ଦେଶାଳୟ ଜାତୀୟ ସେବା ଯୋଜନା ଭୁବନେଶ୍ୱରର ପ୍ରଯୋଜିତ ଦୀପାବଳି ସ୍ନେହ ମିଳନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବଶକ୍ତିର ଏହି ୧୦୦ ସପ୍ତାହସୂତ୍ରୀ କାର୍ଯ୍ୟକ୍ରମରୁ ଦୀପାବଳୀ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନ୍ୟତମ ପ୍ରମୁଖ। ଜାତୀୟ ସେବାଯୋଜନା ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ରଙ୍ଗୋଲୀ, ସ୍ଲୋଗାନ ଲିଖନ, ସମାଜର ଦୁର୍ବଳ ଶ୍ରେଣୀଙ୍କୁ ଦୀପାବଳିର ଦୀପ ଯୋଗାଇବା କାର୍ଯ୍ୟକ୍ରମ, ନିଶାମୁକ୍ତ ସମାଜ ଗଠନର ଶପଥ ପାଠ, ସଚେତନତା ସଭା, ନିଶାମୁକ୍ତ ଗାନ ଓ ନାଟକ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରଓ୍ୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସାମାଜିକ ସଂଗଠକ ଜୟନ୍ତ କୁମାର ବେହେରା, ଶିକ୍ଷାବିତ ଡ. ଅଜୟ ମିଶ୍ର, ସଂସ୍କୃତି ସଂଗଠକ ତଥା ମହାବୀର ସାଂସ୍କୃତିକ ଅନୁଷ୍ଠାନର ସାଧାରଣ ସଂପାଦକ ସତ୍ୟନାରାୟଣ ସିଂହ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଜୟନ୍ତ ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜାତୀୟ ସେବାଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ଦୀପାବଳି ସ୍ନେହ ମିଳନ ପାଳନର ଉଦ୍ଦେଶ୍ୟ ଆଲୋକପାତ କରିଥିବା ବେଳେ, ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପରମେଶ୍ୱର ମୁଣ୍ଡ ନିଶାମୁକ୍ତ ଅଭିଯାନ ଓ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରଓ୍ୱାନ ସମସ୍ତଙ୍କୁ ନିଶାମୁକ୍ତ ସପଥ



ପାଠ କରାଇ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଥିବା ବେଳେ ଅଧ୍ୟାପକ ସୁଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପୁରୀତ ରଣା, ଅନୁକୁଳ ସାହାଣି, ଦୀନବନ୍ଧୁ ନାଗ, ସୁନୀଲ କୁମାର ଗହୀର ପ୍ରମୁଖ ଏହାର ସଫଳତା ପାଇଁ ସହଯୋଗ କରିଥିଲେ।

ସବୁଜ ଓ ସମୃଦ୍ଧ ଗ୍ରାମ ଗଠନ ଦିଗରେ ଭଦ୍ରକର ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ

ଭଦ୍ରକ,୯।୧୧ (ନିପ୍ର): ଭଦ୍ରକ ଜିଲ୍ଲାରେ ପୁଷ୍ଟି ବାଟିକା ଓ ନଡ଼ିଆ ଚାରା ରୋପଣ ଅଭିଯାନକୁ ନୂତନ ଗତି ମିଳିଛି। ଭଦ୍ରକ ବ୍ଲକ୍ ଅନ୍ତର୍ଗତ ୧୧୪ଟି ପୁଷ୍ଟି ବାଟିକା (କିଚେନ୍ ଗାର୍ଡେନ୍) ଏବଂ ୨୫ଟି ନଡ଼ିଆ ଚାରା ରୋପଣ ପ୍ରକଳ୍ପକୁ ଅନୁମୋଦନ ମିଳିଛି, ଯେଉଁଥିରେ ଝମୋଟ ୨୮୭୫ ଗୋଟି ନଡ଼ିଆ ଚାରା ରୋପଣ କରାଯିବ। ସେହିପରି ଭଦ୍ରକ ଜିଲ୍ଲାର ସମସ୍ତ ୭ ଗୋଟି ବ୍ଲକ ପାଇଁ ମୋଟ ୬୫୮ ଗୋଟି ପୁଷ୍ଟି ବାଟିକା ଏବଂ ୯୦୧ଟି ନଡ଼ିଆ ଚାରା ରୋପଣ ପ୍ରକଳ୍ପକୁଞ୍ଚ ଅନୁମୋଦନ ମିଳିଛି, ଯେଉଁଥିରେ ମୋଟ ୧୩୭୭୫ ଗୋଟି ନଡ଼ିଆ ଚାରାଞ୍ଚ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ପଡ଼ିଆ, ରାସ୍ତା ପାର୍ଶ୍ୱ ଓ ଅନ୍ୟାନ୍ୟ ସ୍ଥାନରେ ରୋପଣ କରାଯିବ। ଏହି ଅବସରରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ,ଜଗଦଳପୁର ଗ୍ରାମ ପଞ୍ଚାୟତର କୁଣ୍ଡାପଡ଼ିଆ ଆଦିବାସୀ ସାହିଠାରେ ନଡ଼ିଆ ଚାରା ରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିବା ବେଳେ, ରମ୍ବିଳା ଗ୍ରାମ ପଞ୍ଚାୟତର ଖଜୁରୀପୋଖରୀ ଅଙ୍ଗନବାଡ଼ି କେନ୍ଦ୍ରଠାରେ ପୁଷ୍ଟି ବାଟିକାର ମଧ୍ୟ ଶୁଭ ଉଦ୍‌ଘାଟନ କରିଛନ୍ତି।ପୁଷ୍ଟି ବାଟିକାରେ ଲେମ୍ବୁ, କଦଳୀ, ଅମୃତଭଣ୍ଡା, ସଜନା, ସପେଟା, ଡାଳିମ୍ବ, ଫୁଲ କୋବି, ବାଇଗଣ, ଟମାଟୋ ଓ ବିଭିନ୍ନ କିସମର ଶାଗ ଇତ୍ୟାଦି ଫଳ ଓ ପୁଷ୍ଟିକର ଚାରା ରୋପଣ କରାଯାଇଛି । ଏହି ପଦକ୍ଷେପ କେବଳ ବୃକ୍ଷରୋପଣ ମଧ୍ୟରେ ସୀମିତ ନୁହେଁ; ବରଂ ଶିଶୁମାନଙ୍କର ପୋଷଣ, ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ତଥା ଜୀବିକାର ସୁଯୋଗ ସୃଷ୍ଟି ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ।

କର୍କଟ ରୋଗର କାରଣ, ଲକ୍ଷଣ, ପ୍ରତିରୋଧ ଏବଂ ଚିକିତ୍ସା ସମ୍ପର୍କରେ ସଚେତନ

ରାୟଗଡ଼ା,୯।୧୧ (ନିପ୍ର); ଜାତୀୟ କର୍କଟ ସଚେତନତା ଦିବସ ଅବସରରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସେଣ୍ଟୁରିଅନ୍ ବିଶ୍ୱବିଦ୍ୟାଳୟ, ରାୟଗଡ଼ାର ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ଏକ କର୍କଟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବି.ଏସ୍.ସି. ନର୍ସିଂ ତୃତୀୟ ସେମିଷ୍ଟରର ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସାଧାରଣ ଜନତାଙ୍କୁ କର୍କଟ ରୋଗର କାରଣ, ଲକ୍ଷଣ, ପ୍ରତିରୋଧ ଏବଂ ଚିକିତ୍ସା ସମ୍ପର୍କରେ ସଚେତନ କରିଥିଲେ। ଚଳିତ ବର୍ଷର କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା (ବିବିଧତା ମଧ୍ୟରେ ଏକତା)। କାର୍ଯ୍ୟକ୍ରମରେ ସ୍ତନ କର୍କଟ, ଗର୍ଭାଶୟ ଗ୍ରୀବା କର୍କଟ, ମୁଖ ଗହ୍ୱର କର୍କଟ, ଫୁସ୍‌ଫୁସ୍ କର୍କଟ ଆଦି ବିଭିନ୍ନ ପ୍ରକାରର କର୍କଟ ରୋଗ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହା ସହିତ ତମାଖୁ ଓ ମଦ୍ୟପାନରୁ ଦୂରେଇ ରହିବା, ସୁସ୍ଥ ଜୀବନଶୈଳୀ ଆପଣେଇବା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଏବଂ ରୋଗର ପ୍ରାରମ୍ଭିକ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରୀ ପରାମର୍ଶ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷ କରି ଗର୍ଭାଶୟ ଗ୍ରୀବା କର୍କଟର ପ୍ରତିରୋଧ ପାଇଁ ଟିକାକରଣ ଏବଂ ନିୟମିତ ସ୍କ୍ରିନିଂର ଆବଶ୍ୟକତା ବିଷୟରେ ମଧ୍ୟ ସଚେତନ କରାଯାଇଥିଲା। କର୍କଟ ରୋଗ ସମ୍ପର୍କିତ ଅନ୍ଧବିଶ୍ୱାସ, ଭୟ ଓ ସାମାଜିକ କୁସଂସ୍କାର ଦୂର କରିବା ସହ ଏହାର ଶୀଘ୍ର ଚିହ୍ନଟ ଓ ସମୟୋଚିତ ଚିକିତ୍ସା ଦ୍ୱାରା ରୋଗୀଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ଛାତ୍ରଛାତ୍ରୀମାନେ ବାର୍ତ୍ତା ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ କର୍କଟ ରୋଗ ପ୍ରତି ସଚେତନତା ବୃଦ୍ଧି କରିବା ସହ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାର ଓ ସମାଜରେ ଏହି ସଚେତନତାର ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା। ସ୍କୁଲ୍ ଅଫ୍ ନର୍ସିଂ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ରାୟଗଡ଼ା ପକ୍ଷରୁ ଏଭଳି ଜନସଚେତନତାମୂଳକ ପଦକ୍ଷେପ ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଏବଂ କର୍କଟ ରୋଗର ପ୍ରତିରୋଧ ଦିଗରେ ଏକ ସକାରାତ୍ମକ ପ୍ରୟାସ ଭାବେ ପରିଗଣିତ ହୋଇଥିଲା।

ସେବକ ପୁର ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ କ୍ଲଷ୍ଟରସ୍ତରୀୟ ବୈଠକ

କୃଷ୍ଣପ୍ରସାଦ,୯।୧୧ (ନିପ୍ର); ପୁରୀଜିଲ୍ଲା କୃଷ୍ଣ ପ୍ରସାଦ ବ୍ଲକ ଅନ୍ତର୍ଗତ ହରିହର ନୋଡାଲ ବିଦ୍ୟାପୀଠ, ପଣସପଦା କ୍ଲଷ୍ଟର ପଞ୍ଚମ କ୍ଲଷ୍ଟରସ୍ତରୀୟ ବୈଠକ ନିକଟସ୍ଥ ସେବକପୁର ପ୍ରକଳ୍ପପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସି ଧ୍ରୁବ ଚରଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି। ସର୍ବ ପ୍ରଥମେ ସେବକ ପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପିନି କୁମାର ଜେନା କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଫୁଲ ତୋଡା ସହିତ ଉତ୍ତରୀୟ ଚନ୍ଦନ ଟିପା ଓ ରସଗୋଲା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସିଆରଜି ଅଭିରାମ କେଇ ପଞ୍ଚମ କ୍ଲଷ୍ଟର୍ ସ୍ତରୀୟ ଅଧିବେଶନ ସମ୍ପର୍କରେ ଅବଗତ କରାଇ ଥିଲେ। ଏଥିରେ ସର୍ବ ମୋଟ ଦଶଗୋଟି ଅଧିବେଶନ ସମ୍ପର୍କରେ ପୁଙ୍ଖାନପୁଙ୍ଖ ପୁଙ୍ଖ ଆଲୋଚନା କରାଯାଇ ବିଧି ବଧ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମୁଖ୍ୟତଃ, ମୌଳିକ ସାଖରତା ର ପଠନ ଦକ୍ଷଯତାର ବିକାଶ ଓ ମୌଳିକ ସଂଖ୍ୟାଜ୍ଞାନ ର ଏକାଠି କରିବା ଓ ବାଣ୍ଟିବା ଗୁଣ ନ ପ୍ରକ୍ରିୟା ଶିକ୍ଷଣ କାର୍ଯ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା।

ଡାକ୍ତର ଅଭାବରେ ରୋଗୀସେବା ବିପର୍ଯ୍ୟସ୍ତ: କିର୍ମିରା ସିଏଚ୍‌ସିରେ ୧୧ ପଦ ଖାଲି, ପୂରଣ ଦାବିରେ ଗଣଧାରଣା

ଝାରସୁଗୁଡ଼ା,୯।୧୧(ନିପ୍ର): ଡାକ୍ତରଖାନା ଅଛି, ଭିତ୍ତିଭୂମି ରହିଛି, ହେଲେ ଆବଶ୍ୟକ ଡାକ୍ତର ନାହାନ୍ତି। ଏଭଳି ଅବ୍ୟବସ୍ଥା ଦେଇ ଗତି କରୁଛି କିର୍ମିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏଠାରେ ଦୀର୍ଘଦିନ ଧରି ୧୧ଟି ଡାକ୍ତର ଓ ବିଶେଷଜ୍ଞ ପଦ ଖାଲି ପଡ଼ିଥିବାରୁ ସାଧାରଣ ରୋଗୀସେବାଠାରୁ ଆରମ୍ଭ କରି ଜରୁରୀକାଳୀନ ଚିକିତ୍ସା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଏହାର ପ୍ରଭାବ ପଡୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଆଞ୍ଚଳିକ ବିକାଶ ପରିଷଦ (ଲଇକେରା, କୋଲାବିରା ଓ କିର୍ମିରା) ପକ୍ଷରୁ କିର୍ମିରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଛି। ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୨୩ଟି ଡାକ୍ତର ଓ ବିଶେଷଜ୍ଞ ପଦ ମଞ୍ଜୁର ହୋଇଥିବାବେଳେ ୧୧ଟି ପଦ ଖାଲି ରହିଛି। ଚାରିଟି ବିଶେଷଜ୍ଞ ପଦ ମଧ୍ୟରୁ ତିନୋଟି ଖାଲି ଥିବାରୁ ଶଲ୍ୟ



ଚିକିତ୍ସା, ପ୍ରସୂତି ଓ ସ୍ତ୍ରୀରୋଗ ତଥା ଶିଶୁରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରୋଗୀଙ୍କୁ ଉପଯୁକ୍ତ ପରାମର୍ଶ ଓ ଚିକିତ୍ସା ମିଳିବା କଷ୍ଟକର ହୋଇପଡ଼ିଛି। ସେହିପରି ମଞ୍ଜୁରୀପ୍ରାପ୍ତ ୧୬ଟି ଏମ୍‌ବିବିଏସ୍ ଡାକ୍ତର ପଦ ମଧ୍ୟରୁ ମାତ୍ର ଚାରିଜଣ କାର୍ଯ୍ୟରତ ଅଛନ୍ତି। ଆଠଟି ପଦ ଖାଲି ଥିବାବେଳେ ଅନ୍ୟ ଚାରିଜଣ ଉଚ୍ଚଶିକ୍ଷା ପାଇଁ ଛୁଟିରେ ରହିଛନ୍ତି। ଏହାବ୍ୟତୀତ ତିନୋଟି ମଞ୍ଜୁରୀପ୍ରାପ୍ତ ଫାର୍ମାସିଷ୍ଟ ପଦରୁ ଦୁଇଟି ଖାଲି ରହିଛି। ବିପିଏମ୍ ପଦ ମଧ୍ୟ ଖାଲି ପଡ଼ିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନାଗତ ସମସ୍ୟା ବଢ଼ିଛି। କିର୍ମିରା ଓ ଲଇକେରା ବ୍ଲକର ବହୁ ଗ୍ରାମର ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ମାତ୍ର ଡାକ୍ତର ଅଭାବ ଯୋଗୁଁ ଓପିଡିରେ ରୋଗୀଙ୍କ ଚିକିତ୍ସା ବାଧାପ୍ରାପ୍ତ ହେବା ସହ ଜରୁରୀକାଳୀନ ସେବା ମଧ୍ୟ ଠିକ୍ ? ଭାବେ ମିଳିପାରୁନାହିଁ। ଗୁରୁତର ରୋଗୀ ଓ ଦୁର୍ଘଟଣାରେ ଆହତଙ୍କୁ ଅନ୍ୟ ଡାକ୍ତରଖାନା, ବିଶେଷକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାକୁ ପଡୁଛି। ଏହି ସ୍ଥିତିରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା ସବୁଠାରୁ ଅଧିକ ପ୍ରଭାବିତ ହେଉଛି। ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ତଥା ନିଶ୍ଚେତକ ବିଶେଷଜ୍ଞଙ୍କ ଅଭାବ ଯୋଗୁଁ ଜଟିଳ ପ୍ରସବ କ୍ଷେତ୍ରରେ ଗର୍ଭବତୀଙ୍କୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ହେଉଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଗରିବ ଓ ଅସହାୟ ପରିବାର ଅତିରିକ୍ତ ଆର୍ଥିକ ବୋଝ ସହ ନାନା ହଇରାଣର ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ଥିତିରେ ଖାଲି ପଡ଼ିଥିବା ୧୧ଟି ଡାକ୍ତର ଓ ବିଶେଷଜ୍ଞ ପଦ ତୁରନ୍ତ ପୂରଣ, ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସୁଦୃଢ଼ୀକରଣ ସହ ଆବଶ୍ୟକ ଔଷଧ ଓ ଚିକିତ୍ସା ଉପକରଣ ଯୋଗାଣ ପାଇଁ ପରିଷଦ ଦାବି କରିଛି। ଗଣଧାରଣାରେ ପରିଷଦର ସଭାପତି ଜିତେନ୍ଦ୍ରୀୟ ଧୁରୁଆ, ସାଧାରଣ ସମ୍ପାଦକ ସମ୍ପିତ ନାଏକ, ସମ୍ପାଦକ ପ୍ରଶାନ୍ତ ମହାନନ୍ଦିଆ, ସଦସ୍ୟ ବାପି ନାଏକ, ଗଜେନ୍ଦ୍ର କୁଆ, ସମିତି ସଭ୍ୟ ଦୀନବନ୍ଧୁ ଧୁରୁଆଙ୍କ ସମେତ ବହୁ ସଦସ୍ୟ ଓ ଅଞ୍ଚଳବାସୀ ଯୋଗଦେଇଥିଲେ।

କାମରେ ବିଳମ୍ବ ହେଲେ କର୍ମଚାରୀଙ୍କୁ ଦେବାକୁ ହେବ ଜରିମାନା



ନୂଆଦିଲ୍ଲୀ,୯।୧୧: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏକ ବଡ଼ ଘୋଷଣା କରିଛନ୍ତି। ରାଜ୍ୟ ଅମଲାତନ୍ତ୍ରର ଦାୟିତ୍ୱ ବୃଦ୍ଧି କରିବା ଏବଂ ସାର୍ବଜନୀନ ସେବା ପ୍ରଦାନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ, ଦିଲ୍ଲୀ ସରକାର 'ଦିଲ୍ଲୀ (ନାଗରିକ ମାନଙ୍କୁ ସମୟାନୁସାରେ ଏବଂ ଶୀଘ୍ର ସେବା ପ୍ରଦାନ କରିବାର ଅଧିକାର) ଆଇନ, ୨୦୨୬' କୁ ଅଧିସୂଚିତ କରିଛନ୍ତି । ଏହି ନୂତନ ଆଇନର ବ୍ୟବସ୍ଥା ଅନୁଯାୟୀ, ଯେଉଁ ସରକାରୀ ଅଧିକାରୀମାନେ ଯୁକ୍ତିଯୁକ୍ତ କାରଣ ବିନା ସାର୍ବଜନୀନ ସେବା ପ୍ରଦାନରେ ବିଳମ୍ବ କରନ୍ତି ସେମାନଙ୍କୁ ପ୍ରତିଦିନ ୨୫୦ ଟଙ୍କା ଜରିମାନା କରାଯିବ, ଯାହା ସର୍ବାଧିକ ୫୦୦୦ ଟଙ୍କା ଜରିମାନା ହୋଇପାରେ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ସେୟାର କରି, ଦିଲ୍ଲୀ ସରକାର ବ୍ୟାଖ୍ୟା କରିଛନ୍ତି ଯେ ଏହି ଆଇନ ପ୍ରଶାସନିକ କାର୍ଯ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରେ ଏବଂ ସ୍ପଷ୍ଟ ଭାବରେ ଉତ୍ତରଦାୟିତ୍ୱର ଏକ ବ୍ୟବସ୍ଥା ସ୍ଥାପନ କରେ। ଦିଲ୍ଲୀ ସରକାର ଏକ୍ସରେ ତାଙ୍କର ପୋଷ୍ଟରେ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ନେତୃତ୍ୱରେ ଦିଲ୍ଲୀ ସରକାର 'ଦିଲ୍ଲୀ (ସମୟରେ ଏବଂ ନାଗରିକଙ୍କୁ ସୁଗମ ସେବା ପ୍ରଦାନ କରିବାର ଅଧିକାର) ଆଇନ, ୨୦୨୬'କୁ ଅଧିସୂଚିତ କରିଛନ୍ତି । ଏହି ଆଇନ ସରକାରୀ ସେବା ପାଇଁ ସମୟସୀମା ସୁନିଶ୍ଚିତ କରିବ ଏବଂ ଦାୟୀ ଅଧିକାରୀମାନଙ୍କୁ ଚିହ୍ନଟ କରିବ। ଅନାବଶ୍ୟକ ବିଳମ୍ବ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ପାଇଁ ପ୍ରତିଦିନ ୨୫୦ ଟଙ୍କା ଜରିମାନା, ସର୍ବାଧିକ ୫୦୦୦ ଟଙ୍କା ପର୍ଯ୍ୟନ୍ତ ହେବ। ଅନ୍ୟାୟ ଭାବରେ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଜରିମାନା ପାଇଁ ମଧ୍ୟ ବ୍ୟବସ୍ଥା ଅଛି ।' ଦିଲ୍ଲୀ ସରକାର ପୋଷ୍ଟରେ ଆହୁରି କହିଛନ୍ତି, 'ଏହି ଆଇନ ପ୍ରଶାସନରେ ସ୍ୱଚ୍ଛତା ଏବଂ ଦାୟିତ୍ୱ ସୁନିଶ୍ଚିତ କରିବା ସହିତ ନାଗରିକ ମାନଙ୍କୁ ସମୟସୀମାରେ ସେବା ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

କାଶ୍ମୀରରେ ଲାଗିଲା ୪ ଆତଙ୍କବାଦୀଙ୍କ ପୋଷ୍ଟର: ଅନୁପ୍ରବେଶ ନେଇ ଆଶଙ୍କା

ନୂଆଦିଲ୍ଲୀ,୯।୧୧: ପାକିସ୍ତାନ ଅଧିକୃତ କାଶ୍ମୀର (ପୋକ)ରେ ରହି ଜାମ୍ମୁ-କାଶ୍ମୀରରେ ଆତଙ୍କୀ କାର୍ଯ୍ୟକଳାପ ଚଳାଉଥିବା ୪ ଜଣ ଆତଙ୍କବାଦୀଙ୍କୁ ନେଇ ସୁରକ୍ଷା ଏଜେନ୍ସି ହୋଇଛନ୍ତି ସତର୍କ। ଏହି ଆତଙ୍କୀମାନେ ପୁଣି ଥରେ କାଶ୍ମୀର ଉପତ୍ୟକାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିପାରନ୍ତି ବୋଲି ଆଶଙ୍କା କରାଯାଉଛି। ଏହି ୪ ଜଣଙ୍କ ମଧ୍ୟରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ଲସ୍କର-ଇ-ତୋଇବା କମାଣ୍ଡର ମହମ୍ମଦ ଲତିଫ ଭଟର ନାମ ମଧ୍ୟ ରହିଛି। ରବିବାର ଶ୍ରୀନଗରର ପ୍ରସିଦ୍ଧ ଲାଲଚୌକ ଅଞ୍ଚଳର ପ୍ରତାପ ପାର୍କ ଏବଂ ଏମ୍‌ଏ ରୋଡରେ ଏହି ୪ ଆତଙ୍କବାଦୀଙ୍କ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ତେବେ ଏହି ପୋଷ୍ଟର ଜାମ୍ମୁ-କାଶ୍ମୀର ପୋଲିସ ଲଗାଇଛି ନା ଅନ୍ୟ କୌଣସି ସୁରକ୍ଷା ଏଜେନ୍ସି, ସେନେଇ ଏପର୍ଯ୍ୟନ୍ତ କୌଣସି ଅଧିକାରିକ ବୟାନ ଆସିନାହିଁ। ତଥାପି ସୁରକ୍ଷା ଏଜେନ୍ସି ସୂତ୍ରରୁ ପୋଷ୍ଟର ସମ୍ପର୍କିତ ଖବରକୁ ସମର୍ଥନ ମିଳିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ପାକିସ୍ତାନର ମହିଳା ଟିଭି ଆଙ୍କରଙ୍କୁ ଗୁଳିକରି ହତ୍ୟା

ରାୱାଲପିଣ୍ଡି,୯।୧୧: ପାକିସ୍ତାନର ରାୱାଲପିଣ୍ଡିର ଜଣେ ମହିଳା ଟିଭି ଆଙ୍କରଙ୍କୁ ତାଙ୍କ ଘରେ ଗୁଳି ମାରି ହତ୍ୟା କରି ଦିଆଯାଇଛି। ମୃତକଙ୍କ ପରିଚୟ ରାବିୟା ଏହସାନ, ଯିଏକି ଜଣେ ସ୍ଥାନୀୟ ଘରୋଇ ଟିଭି ଚ୍ୟାନେଲ ଆଙ୍କର ଓ ପୋଗ୍ରାମ ହୋଷ୍ଟ ଥିଲେ। ଘଟଣାଟି ସହରର ଗୁଲଶନବାଦ ଅଞ୍ଚଳରେ ଘଟିଛି। ପୋଲିସ ଏହି ମାମଲାରେ ତାଙ୍କ ସ୍ୱାମୀଙ୍କୁ କଷ୍ଟଡିରେ ନେଇଛି ଓ ସନ୍ଦିଗ୍ଧ ହତିଆର ଜବତ କରି ନେଇଛି। ପୁଲିସର କହିବା ଅନୁସାରେ, ଘରେ କାମ କରୁଥିବା ଜଣେ କର୍ମଚାରୀ କହିଛନ୍ତି ତାଙ୍କ ସ୍ୱାମୀ ଭୁଲ ଭାବରେ ଗୁଳି ଚଳାଇଥିବା କଥା କହିଛନ୍ତି। ବର୍ତ୍ତମାନ ପୁଲିସ ମାମଲାର ଯାଞ୍ଚ କରୁଛି। ସ୍ୱାମୀ କଷ୍ଟଡିରେ, ଫରେନସିକ୍ ଟିମ୍ ପ୍ରମାଣ ଏକାଠି କରିବା ଚେଷ୍ଟାରେ। 'ଡନ୍' ଖବରକାଗଜର ରିପୋର୍ଟ ଅନୁସାରେ, ସିଟି ପୁଲିସ ଅଫିସର (ସିପିଓ) ହସନ ମୁସ୍ତାକ୍ ସୁଖେର କହିଛନ୍ତି ରାବିୟା ଅହସାନଙ୍କ ସ୍ୱାମୀଙ୍କୁ କଷ୍ଟଡିରେ ନେଇ ସନ୍ଦିଗ୍ଧ ହତିଆର ଜବତ କରି ନିଆଯାଇଛି। ମାମଲାରେ ଯାଞ୍ଚ ପାଇଁ ସିପିଓ ଏସଏସପି ଅପରେସନ୍ ଓ ଏସଏସପି ଇନଭେଷ୍ଟିଗେସନ୍ ସହିତ ଘଟଣାସ୍ଥଳ ଗସ୍ତ କରିଥିଲେ। ଏହି ସମୟରେ ଫରେନସିକ୍ ବିଶେଷଜ୍ଞଙ୍କ ଟିମ୍ ମଧ୍ୟ ଉପସ୍ଥିତ ଥିଲେ।

ଚୀନ ଗୁପ୍ତଚରଙ୍କ ସହ ଏନଭିଡିଆ ସିଇଓଙ୍କ ସମ୍ପର୍କ: ତଦନ୍ତ ଆରମ୍ଭ

ନ୍ୟୁୟର୍କ,୯।୧୧: ବିଶ୍ୱର ପ୍ରମୁଖ ଚିପ୍ ନିର୍ମାତା କମ୍ପାନି ଏନଭିଡିଆର ସିଇଓ ତଥା ସହପ୍ରତିଷ୍ଠାତା ଜେନସେନ୍ ହୁଆଙ୍ଗଙ୍କ ବିରୋଧରେ କମ୍ପାନି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଚୀନର ଗୁପ୍ତଚର ସଂସ୍ଥା ସହ ସମ୍ପର୍କ ଥିବା ସନ୍ଦେହ କରାଯାଉଥିବା ଜଣେ ମହିଳା ବ୍ୟବସାୟୀଙ୍କ ସହ ହୁଆଙ୍ଗଙ୍କ ବ୍ୟକ୍ତିଗତ ସମ୍ପର୍କକୁ ନେଇ ଏହି ତଦନ୍ତ ହେଉଛି। ଏହାଦ୍ୱାରା ଆମେରିକାର ଜାତୀୟ ସୁରକ୍ଷା ଏବଂ କମ୍ପାନିର ଗୋପନୀୟ ବ୍ୟବସାୟିକ ତଥ୍ୟ ବିପଦରେ ପଡ଼ିଛି କି ନାହିଁ, ତାହା ଯାଞ୍ଚ କରାଯିବ। ଏହି ମହିଳାଙ୍କ ନାମ ଆଲିସ୍ ହୁଆଙ୍ଗ। ସେ ଚୀନର ଜଣେ ବ୍ୟବସାୟୀ ଏବଂ ସିଙ୍ଗାପୁରର ଡାଟା ସେଣ୍ଟର କମ୍ପାନି ମେଗାସ୍ପିଡ୍ ସହ ତାଙ୍କର ସମ୍ପୃକ୍ତି ରହିଛି। ଆମେରିକାର ଗୁପ୍ତଚର ଅଧିକାରୀମାନେ ସନ୍ଦେହ କରୁଛନ୍ତି ଯେ, ସେ ଚୀନର ଗୁପ୍ତଚର ସଂସ୍ଥା ପାଇଁ କାମ କରୁଥିଲେ ଏବଂ ଜେନସେନ୍ ହୁଆଙ୍ଗଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରୁଥିଲେ। ତେବେ ଏହି ଅଭିଯୋଗ ଏଯାଏଁ ପ୍ରମାଣିତ ହୋଇନାହିଁ। ଆମେରିକାର ଖବରକାଗଜ 'ଦି ନ୍ୟୁୟର୍କ ଟାଇମ୍ସ'ର ଏକ ରିପୋର୍ଟ ଅନୁସାରେ, ଆଲିସ୍ ହୁଆଙ୍ଗ ଚୀନ୍ ରାଷ୍ଟ୍ରୀୟ ସୁରକ୍ଷା ମନ୍ତ୍ରଣାଳୟ (ଏମ୍‌ଏସ୍‌ଏସ୍) ସହ ଜଡ଼ିତ ଥିବା ଆମେରିକୀୟ ଗୁପ୍ତଚର ସଂସ୍ଥାଗୁଡ଼ିକ ସନ୍ଦେହ କରୁଛନ୍ତି।

ମରିବା ପର୍ଯ୍ୟନ୍ତ ଶତ୍ରୁଙ୍କୁ କ୍ଷମା କରିବି ନାହିଁ : ଟ୍ରମ୍ପ

ୱାଶିଂଟନ,୯।୧୧: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ତାଙ୍କ ମନ୍ତବ୍ୟ ପାଇଁ ଖବରରେ ଅଛନ୍ତି। ଏଥର ସେ ତାଙ୍କର ରାଜନୈତିକ ବିରୋଧୀମାନଙ୍କ ବିଷୟରେ ଏକ ମନ୍ତବ୍ୟ ଦେବା ସହିତ ମୃତ୍ୟୁ ପରେ ତାଙ୍କ ସହ କ'ଣ ହେବ ସେ ସମ୍ପର୍କରେ କହିଛନ୍ତି। ତାଙ୍କ ମନ୍ତବ୍ୟ ବିବାଦ ସୃଷ୍ଟି କରିଛି। ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ସେ ତାଙ୍କର କିଛି ଶତ୍ରୁଙ୍କୁ କେବେ କ୍ଷମା କରିପାରିବେ ନାହିଁ । ଯଦି ସେମାନଙ୍କୁ ତାଙ୍କ ମୃତ୍ୟୁ ପୂର୍ବରୁ କ୍ଷମା ମାଗିବା କିମ୍ବା କାହାକୁ କ୍ଷମା କରିବାର ସୁଯୋଗ ଦିଆଯାଏ, ତଥାପି ତାଙ୍କର ଉତ୍ତର ନା ହେବ ବୋଲି ସେ କଡ଼ା ସ୍ୱରରେ ସ୍ପଷ୍ଟ କରିଛନ୍ତି।

ହେପାଜତରେ ୪୮ ଘଣ୍ଟାରୁ ଅଧିକ ରହିଲେ ସରକାରୀ କର୍ମଚାରୀ ହେବେ ନିଲମ୍ବିତ

ନୂଆଦିଲ୍ଲୀ,୯।୧୧: ସୁପ୍ରିମକୋର୍ଟ ସୋମବାର ସରକାରୀ କର୍ମଚାରୀଙ୍କ ନିଲମ୍ବନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ସର୍ବୋଚ୍ଚ ଅଦାଲତ କହିଛନ୍ତି, ଯଦି କୌଣସି ସରକାରୀ କର୍ମଚାରୀ ଗିରଫ ହେବା ପରେ ୪୮ ଘଣ୍ଟାରୁ ଅଧିକ ସମୟ ନ୍ୟାୟିକ ହେପାଜତରେ ରୁହନ୍ତି, ତେବେ ତାଙ୍କୁ ସ୍ୱତଃ ନିଲମ୍ବିତ ବୋଲି ଧରାଯିବ। ଏଥିପାଇଁ ସରକାରଙ୍କ ପକ୍ଷରୁ କୌଣସି ନିଲମ୍ବନ ଆଦେଶ ଜାରି କରିବାର ଆବଶ୍ୟକତା ନାହିଁ । ଜଷ୍ଟିସ୍ ଜେ.ବି.ପାରଦୀୱାଲା ଏବଂ ଜଷ୍ଟିସ୍ ମନମୋହନଙ୍କ ଖଣ୍ଡପୀଠ ବିହାରର ସମସ୍ତିପୁର ସଦର ହସ୍ପିଟାଲର ପ୍ରଶାସକ ବିଶ୍ୱଜିତ ସିଂହଙ୍କ ଜାମିନ ମାମଲାର ଶୁଣାଣି ସମୟରେ ଏହି ଟିପ୍ପଣୀ ଦେଇଛନ୍ତି। ବିଶ୍ୱଜିତ ସିଂହଙ୍କ ବିରୋଧରେ ଜଣେ ଠିକା କର୍ମଚାରୀଙ୍କ ୩୬ ହଜାର ୪୨୧ ଟଙ୍କାର ବକେୟା ଦରମା ମଞ୍ଜୁର କରିବା ପାଇଁ ୪ ହଜାର ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା । ସର୍ବୋଚ୍ଚ ଅଦାଲତ ତାଙ୍କୁ ଜାମିନ ମିଳିବାର ପ୍ରାୟ ଏକ ବର୍ଷ ପରେ ଜାମିନ ରଦ୍ଦ କରାଯିବା ସଂପର୍କିତ ପାଟନା ହାଇକୋର୍ଟଙ୍କ ଆଦେଶକୁ ରଦ୍ଦ କରିଛନ୍ତି। ଏହି ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଧ୍ୟାନ ଦେଇଥିଲେ। ଖଣ୍ଡପୀଠ କହିଥିଲେ, ଗିରଫ ହେବା ପରେ ଅଭିଯୁକ୍ତ ପ୍ରାୟ ୧୫ ଦିନ ନ୍ୟାୟିକ ହାଜତରେ ରହିଥିଲେ । ଜଣେ ସରକାରୀ କର୍ମଚାରୀ ଗିରଫ ହୋଇ



୪୮ ଘଣ୍ଟାରୁ ଅଧିକ ସମୟ ନ୍ୟାୟିକ ହେପାଜତରେ ରହିଲେ, ନିୟମ ଅନୁଯାୟୀ ତାଙ୍କୁ ସ୍ୱତଃ ନିଲମ୍ବିତ ବୋଲି ବିବେଚନା କରାଯିବ । ଏଥିପାଇଁ କୌଣସି ଭିନ୍ନ ଆଦେଶ ଜାରି କରିବାର ଆବଶ୍ୟକତା ନାହିଁ । ସୁପ୍ରିମକୋର୍ଟ ଜାଣିବାକୁ ପାଇଥିଲେ ଯେ, ଗିରଫ ପରେ ବିଶ୍ୱଜିତ ସିଂହଙ୍କୁ ନିଲମ୍ବିତ କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା । ଆଶ୍ଚର୍ଯ୍ୟର କଥା ହେଉଛି, ନିଲମ୍ବନ ଆଦେଶ ଉଠିବା ପରେ ତାଙ୍କୁ ପୁଣି ସେହି ସଦର ହସ୍ପିଟାଲରେ ଏବଂ ସମାନ ପଦବିରେ ନିଯୁକ୍ତି ଦିଆଯାଇଥିଲା । ଏହାକୁ ନେଇ ଖଣ୍ଡପୀଠ ଚିନ୍ତା ପ୍ରକାଶ କରିବା ସହ ବିହାର ସରକାରଙ୍କୁ ଏହି ମାମଲାର ଶୀଘ୍ର ସମୀକ୍ଷା କରିବାକୁ କହିଛନ୍ତି। ସୁପ୍ରିମକୋର୍ଟ ଆହୁରି କହିଥିଲେ ଯେ, ଅଭିଯୁକ୍ତଙ୍କୁ ନିମ୍ନ ଅଦାଳତରୁ ଜାମିନ ମିଳିବାର ପ୍ରାୟ ଏକ ବର୍ଷ ପରେ ହାଇକୋର୍ଟ ଏହାକୁ ରଦ୍ଦ କରିଥିଲେ।

ମଧ୍ୟପ୍ରଦେଶର ଦୁଇଟି ସ୍ଥାନରେ ଅଗ୍ନିକାଣ୍ଡ: ୧୨ ମୃତ



ଭୋପାଳ,୯।୧୧: ମଧ୍ୟପ୍ରଦେଶର ସିଓନୀ ଓ କଟନୀ ଜିଲ୍ଲାରେ ଦୀପାବଳି ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଦୁଇଟି ବ୍ୟବସାୟୀ ପରିବାରର ୧୨ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୨ ମାସର ନବଜାତକ ଶିଶୁ ଅଛନ୍ତି। ଗୋଟିଏ ଘଟଣା କଟନୀର ବରହି ଓ ଅନ୍ୟଟି ସିଓନୀର ଛାପ୍ରାରେ ଘଟିଛି। ଅନ୍ୟ ଏକ ଘଟଣାରେ ଉଜ୍ଜୟିନୀରେ ଏକ ଦୁଇ ମହଲା କୋଠା ତଳେ ଥିବା ଦୁଇଟି ଦୋକାନରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଯୋଗୁ ଶ୍ୱାସରୁଦ୍ଧ ହୋଇ ଜଣେ ୧୦୭ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ଏହି ତିନିଟି ଘଟଣାରେ ୫ ମହିଳା, ୪ ପୁରୁଷ ଓ ୪ ଶିଶୁ ଅଛନ୍ତି। ବରହିରେ ଏକ ତିନି ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଛଅ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଣେ ଦୁଇ ମାସର ନବଜାତକ, ଦୁଇ ଜଣ ଶିଶୁ (ଜଣେ ୧୪ ବର୍ଷ ପୁଅ ଓ ଅନ୍ୟ ଜଣେ ୬ ବର୍ଷର ଝିଅ), ସେମାନଙ୍କ ମାଆ, ଜେଜେମାଆ ଓ ଜେଜେବାପା ଅଛନ୍ତି। ଦୁଇ ମାସର ଶିଶୁଟି ମୃତ୍ୟୁବେଳକୁ ନିଜ ମା' କୋଳରେ ଥିଲା। ସେମାନଙ୍କ ଘରର ସବୁଠୁ ତଳ ମହଲାରେ ଚିନାମାଟି ପାତ୍ର ଓ ପ୍ଲାଷ୍ଟିକ ଦୋକାନ ଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ସେଠାରେ ରଖାଯାଇଥିବା ଏକ ଜଳନ୍ତା ମାଟି ଦୀପରୁ ନିଆଁ ଅନ୍ୟ ଆଡ଼େ ବ୍ୟାପି ଯାଇଥିଲା। ଘରେ ନିଆଁ ଲାଗିବା ପରେ ମାତ୍ର ଦୁଇଜଣ କୌଣସି ମତେ ବାହାରକୁ ବାହାରି ପାରିଥିଲେ କିନ୍ତୁ ଅନ୍ୟମାନେ ନିଆଁରେ ପୋଡ଼ି ହୋଇଯାଇଥିଲେ। ଅଗ୍ନିକାଣ୍ଡ ସମ୍ପର୍କରେ ରାତି ୧୨ଟା ୩୦ରେ ଜଣାପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ୪ଟି ଦମକଳ ଗାଡ଼ି ନିଆଁ ଲିଭାଇବାକୁ ନିୟୋଜିତ କରାଯାଇଥିଲେ ମଧ ଯାନ୍ତ୍ରିକ ତ୍ରୁଟି ଯୋଗୁ ନିଆଁ ଲିଭାଇବାରେ ବିଳମ୍ବ ହୋଇଥିଲା। ସ୍ଥାନୀୟ ଲୋକମାନେ ନିଆଁ ଲିଭାଇବାରେ ସହାୟତା କରିଥିଲେ ମଧ ନିଆଁକୁ ଆୟତ୍ତ କରିପାରିନଥିଲେ ଓ ଏତେ ବଡ଼ ବିପଦ ଘଟିଥିଲା। ଅନ୍ୟପକ୍ଷରେ କଟନୀଠାରୁ ୨୭୦ କିମି ସେଓନି ଛାପ୍ରା ସହରରେ ରାତି ୪ଟା ୩୦ରେ ଜଣେ ସୁନା ବ୍ୟବସାୟୀଙ୍କ ତିନି ମହଲା ଘରେ ଅଗ୍ନିକାଣ୍ଡ ଘଟି ଛଅ ଜଣଙ୍କର ମୃତ୍ୟୁ ହୋଇଛି। ପୋଡ଼ି ହୋଇ ଓ ଶ୍ୱାସରୁଦ୍ଧ ହୋଇ ୬ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା। ଘରେ ୧୦ ଜଣ ଲୋକ ଥିବାବେଳେ ୪ ଜଣଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିବାରେ ସଫଳ ହୋଇଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଦୁଇଟି ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁ ହୋଇଥିବା ୧୨ ଜଣଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଘୋଷଣା କରିଛନ୍ତି।

ଜେଲେନସ୍କିଙ୍କ ସହ ଆଲୋଚନା କଲେ ମୋଦି

ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ମାର୍ଗ ଦେଖାଇଲେ




ନୂଆଦିଲ୍ଲୀ,୯।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ସେ ୟୁକ୍ରେନ-ରୁଷ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଯୁଦ୍ଧ ବନ୍ଦ ପାଇଁ କୂଟନୀତିକ ସାଧନର ସହାୟତା ନେବାକୁ ମୋଦି ଜେଲେନସ୍କିଙ୍କୁ କହିଥିଲେ। ନେତାମାନେ ଦେଶଗୁଡ଼ିକର ବ୍ୟାପକ ଦ୍ୱିପାକ୍ଷିକ ସହଯୋଗ ବିଷୟରେ ମଧ ଆଲୋଚନା କରିଥିଲେ ଏବଂ ଭାରତ-ୟୁକ୍ରେନ ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ସହମତ ହୋଇଥିଲେ।'ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ ଏକ ଫଳପ୍ରଦ ଟେଲିଫୋନ ଆଲୋଚନା କରି ଖୁସି ହେଲି। ଆମେ ଆମର ବ୍ୟାପକ ଦ୍ୱିପାକ୍ଷିକ ସହଯୋଗ ସମୀକ୍ଷା କରିଛୁ ଏବଂ ଭାରତ-ୟୁକ୍ରେନ ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ସହମତ ହୋଇଛୁ,' ପ୍ରଧାନମନ୍ତ୍ରୀ ମୋଦି ଏକ୍ସ ରେ ଏକ ପୋଷ୍ଟରେ ଲେଖିଛନ୍ତି। 'ଚଳିତ ସଂଘର୍ଷ, ଏହାର ମାନବୀୟ ଦିଗ ଏବଂ ଶାନ୍ତି ପୁନଃସ୍ଥାପନ ପାଇଁ ବିଭିନ୍ନ ପ୍ରୟାସ ଉପରେ ତାଙ୍କର ଦୃଷ୍ଟିକୋଣ ବାଣ୍ଟିବା ପାଇଁ ମୁଁ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଜଣାଉଛି।

ଦେଶଦ୍ରୋହ ଅଭିଯୋଗ ନେଇ ମୋଦିଙ୍କୁ ରାହୁଲଙ୍କ ଖୋଲା ଚ୍ୟାଲେଞ୍ଜ

'ଯେକୌଣସି ସ୍ଥାନରେ ସାମ୍ନାସାମ୍ନି ବିତର୍କ ପାଇଁ ପ୍ରସ୍ତୁତ'

ନୂଆଦିଲ୍ଲୀ,୯।୧୧: ଦେଶଦ୍ରୋହୀ କିଏ ଏବଂ ବିଦେଶୀ ଶକ୍ତି ଦ୍ୱାରା କିଏ ନିୟନ୍ତ୍ରିତ, ତାହା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଯେକୌଣସି ସମୟରେ ଓ ଯେକୌଣସି ସ୍ଥାନରେ ସାମ୍ନାସାମ୍ନି ବିତର୍କ ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଛତିଶଗଡ଼ର ବସ୍ତର ଗସ୍ତ ସମୟରେ ମୋଦି ନକ୍ସଲ ସମର୍ଥକଙ୍କୁ ନେଇ ଦେଇଥିବା ମନ୍ତବ୍ୟର ଦିନକ ପରେ ରାହୁଲଙ୍କ ଏହି ଆହ୍ୱାନ ଜାତୀୟ ରାଜନୀତିରେ ନୂଆ ବିବାଦ ସୃଷ୍ଟି କରିଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି ରାହୁଲ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି। ଏଥିରେ ସେ ସିଆରପିଏଫକୁ ମଧ ଟ୍ୟାଗ୍ କରିଛନ୍ତି। ରାହୁଲ କହିଛନ୍ତି, ଯବାନମାନଙ୍କ ମୁହଁରୁ ସବୁକିଛି ସ୍ପଷ୍ଟ ଜଣାପଡୁଛି। ସେମାନେ ପ୍ରଧାନମନ୍ତ୍ରୀଙ୍କ କଥାକୁ ବିଶ୍ୱାସ କରୁନଥିବା ମନେ ହେଉଛି। ମୋଦି ଆମକୁ ନକ୍ସଲ ବୋଲି କହିଛନ୍ତି। ତେଣୁ କିଏ ଦେଶଦ୍ରୋହୀ ଏବଂ କିଏ ବିଦେଶୀ ଶକ୍ତିର ନିୟନ୍ତ୍ରଣରେ ରହିଛି, ସେ ନେଇ ତାଙ୍କ ସହ ବିତର୍କ କରିବାକୁ ମୁଁ ପ୍ରସ୍ତୁତ



ବୋଲି ରାହୁଲ କହିଛନ୍ତି। ବିତର୍କ ପରେ ପ୍ରଧାନମନ୍ତ୍ରୀ କୌଣସି ଯବାନଙ୍କ ସାମ୍ନା କରିବାକୁ ସାହସ କରିବେ ନାହିଁ ବୋଲି ମଧ ସେ ମନ୍ତବ୍ୟ ଦେଇଛନ୍ତି।

ଶେଖ୍ ହସିନଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପ୍ରସଙ୍ଗ

ବର୍ଷିଲେ ବାଂଲାଦେଶ ସରକାର

ନୂଆଦିଲ୍ଲୀ,୯।୧୧: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନକୁ ନେଇ ପୁଣି ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି। ବାଂଲାଦେଶ ଫେରିବା ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ସରକାର ରଖିଛନ୍ତି ନିଜର ପ୍ରତିକ୍ରିୟା । ବାଂଲାଦେଶ ସରକାର ହସିନାଙ୍କ ପ୍ରତ୍ୟାବର୍ତ୍ତନକୁ ଲୋକ ଦେଖାନିଆ ବୋଲି କହିଛନ୍ତି। ରାଜନୈତିକ ଦେଖାଣିଆ ପାଇଁ ଏଭଳି କରୁଥିବା କୁହିଛନ୍ତି ସରକାର। ପ୍ରକୃତରେ ଦେଶକୁ ଫେରିବାକୁ କୌଣସି ଇଛା ନାହିଁ ବୋଲି କହି ସମାଲୋଚନା କରିଛନ୍ତି। କହି ରଖୁଛୁ କି, କ୍ଷମତାଚ୍ୟୁତ ହେବା ପରେ ବାଂଲାଦେଶରେ ଦେଖାଦେଇଥିଲା ବିକ୍ଷୋଭ। ଦେଶରେ ବଢୁଥିବା ହିଂସା ପରେ ଭାରତ ଚାଲି ଆସିଛନ୍ତି ହସିନା। ତେବେ ହସିନା ଏବେ ଭାରତରେ ରହିଥିବାବେଳେ ପୁଣିଥରେ ବାଂଲାଦେଶ ଫେରିଯିବେ ବୋଲି ଚର୍ଚ୍ଚା ଦୀର୍ଘଦିନ ହେବ ଲାଗି ରହିଥିବାବେଳେ ଆରମ୍ଭ ହୋଇଛି ରାଜନୈତିକ ବୟାନ ବାଜି । ମାତ୍ର ବାଂଲାଦେଶ ସରକାର ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି।

ଦୁଇ ଟ୍ରେନ୍ ମଧ୍ୟରେ ଦୁର୍ଘଟଣା: ୭ ମୃତ,୧୨୫ ଆହତ

ମିଶ.୯।୧୧: ମିଶରରେ ଭୟଙ୍କର ରେଳ ଦୁର୍ଘଟଣା। ରାଜଧାନୀ କାହିରା ନିକଟ ଗିଜା ପ୍ରଦେଶର ଅଲ୍-ଆୟାତ୍ ଅଞ୍ଚଳରେ ଦୁଇଟି ଯାତ୍ରୀବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ଅନେକ ବଗି ଲାଇନଚ୍ୟୁତ ହୋଇଛି । ଏହି ଦୁର୍ଘଟଣାରେ ଏଯାଏଁ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨୫ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୭୦ରୁ ଅଧିକ ଚିକିତ୍ସା ପରେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ରିପୋର୍ଟ ମିଳିଛି। ଘଟଣାଟି ନଭେମ୍ବର ୮ ତାରିଖ ରବିବାର ଘଟିଛି। ଗିଜାରୁ ଫୟୁମ୍ ଅଭିମୁଖେ ଯାଉଥିବା ଟ୍ରେନ୍ ନମ୍ବର ୧୩୪, କାହିରାରୁ ଆସୱାନ୍ ଯାଉଥିବା ଟ୍ରେନ୍ ନମ୍ବର ୨୦୧୦ର ପଛ ପଟେ ଧକ୍କା ଦେଇଥିଲା।

ହ୍ୱାଇଟ୍ ହାଉସ ଲକଡାଉନରେ

ୱାଶିଂଟନ, ୯।୧୧: ଲାଫାଏଟ୍ ସ୍କୋୟାରରେ ଏକ କାର ସୁରକ୍ଷା ସାଇନପୋଷ୍ଟରେ ଧକ୍କା ଦେବା ପରେ ହ୍ୱାଇଟ୍ ହାଉସକୁ ଅସ୍ଥାୟୀ ଭାବରେ ତାଲା ପକାଇ ଦିଆଯାଇଥିବା ବା ଲକଡାଉନ କରାଯାଇଥିବା ଜଣାପଡ଼ିଛି।ଇଣ୍ଟରନେଟରେ ଥିବା ଅନେକ ଭିଡିଓରେ ସୁରକ୍ଷା ଅଧିକାରୀମାନେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଦ୍ରୁତ ଗତିରେ ଯାଉଥିବା ବେଳେ ଏକ କାରର ବନେଟ୍‌ରୁ ଧୂଆଁ ବାହାରୁଥିବା ଦେଖାଯାଉଛି। ସ୍ଥାନୀୟ ରିପୋର୍ଟ ଅନୁସାରେ, ଦୁର୍ଘଟଣାର ପ୍ରତିକ୍ରିୟା ଦେବା ସମୟରେ ସିକ୍ରେଟ୍ ସର୍ଭିସ୍ ଅଧିକାରୀମାନେ ହ୍ୱାଇଟ୍ ହାଉସରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପରିସର ଭିତରକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ।

ଦେଶବାସୀଙ୍କୁ ଏକାଠି ହେବାକୁ କହିଲା ହାଫିଜର ପୁଅ

ନୂଆଦିଲ୍ଲୀ,୯।୧୧: ୨୦୦୮ ମୁମ୍ବାଇ ୨୬/୧୧ ଆତଙ୍କୀ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା ଲସ୍କର-ଇ-ତୋଇବାର ପ୍ରତିଷ୍ଠାତା ହାଫିଜ୍ ମହମ୍ମଦ ସଇଦ୍। ଏବେ ହାଫିଜର ପୁଅ ହାଫିଜ୍ ତଲହା ସଇଦ୍ ପୁଣିଥରେ ଭାରତ ବିରୋଧରେ ବିଷ ଓଗାଳିଛି। ପାକିସ୍ତାନର ନିର୍ବାଚନୀ ମଞ୍ଚରୁ ଭାରତକୁ ନିଜ ଦେଶ ପାଇଁ ବଡ଼ ବିପଦ ବୋଲି କହିଛି ସେ। ପାକିସ୍ତାନ ମରକଜି ମୁସଲିମ୍ ଲିଗ୍‌ର ଏକ ନିର୍ବାଚନୀ ସଭାରେ ଭାଷଣ ଦେଇ ତଲହା ସଇଦ୍ ଭାରତ ବିରୋଧୀ ମନ୍ତବ୍ୟ ଦେଇଛି। ଭାରତକୁ ପାକିସ୍ତାନର ଅସ୍ତିତ୍ୱ ପାଇଁ ବିପଦ ବୋଲି କହିବା ସହ ଦେଶର ଲୋକଙ୍କୁ ଏକାଠି ହେବାକୁ କହିଛି। ନିର୍ବାଚନୀ ସଭାରେ ତଲହା ଦାବି କରିଛି ଯେ, ତାଙ୍କ ଦଳ ପାକିସ୍ତାନ ଗଠନରେ ଭୂମିକା ନେଇଥିବା ମୂଳ ମୁସଲିମ୍ ଲିଗର ପ୍ରକୃତ ଉତ୍ତରାଧିକାରୀ। ଏହା ସେହି ମୁସଲିମ୍ ଲିଗର ନିରନ୍ତର ରୂପ, ଯିଏ ପାକିସ୍ତାନ ଆନ୍ଦୋଳନର ନେତୃତ୍ୱ ନେଇଥିଲା । ତା'ର କହିବା ଅନୁସାରେ, ଆଗାମୀ ଦିନରେ ଲୋକେ ବୁଝିପାରିବେ କେଉଁ ମୁସଲିମ୍ ଲିଗ୍ ପାକିସ୍ତାନ ଗଠନ କରିଥିଲା ଏବଂ କିଏ ଏହାକୁ ଆଗକୁ ନେଇଥିଲା। ଏଥିସହ ୮ ନଭେମ୍ବରରେ ହେବାକୁ ଥିବା ନିର୍ବାଚନରେ ପାକିସ୍ତାନ ମରକଜି ମୁସଲିମ୍ ଲିଗ୍‌ର ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ସେ ସମର୍ଥକଙ୍କୁ ଅପିଲ୍ କରିଥିଲା। ଏପରିକି ଦଳକୁ ଭୋଟ୍ ଦେବା ଏକ ପ୍ରକାର ଇବାଦତ୍ ବୋଲି ମଧ କହିଥିଲା। ନିଜ ଭାଷଣରେ ତଲହା ସଇଦ୍ ପାକିସ୍ତାନକୁ ସମଗ୍ର ମୁସଲିମ୍ ସମ୍ପ୍ରଦାୟର ନେତା ଭାବେ ଦର୍ଶାଇବାକୁ ଚେଷ୍ଟା କରିଥିଲା। ତା'ର ଦାବି ଅନୁସାରେ, ସାରା ବିଶ୍ୱର ମୁସଲମାନମାନେ ପାକିସ୍ତାନକୁ ଆଶାର ନଜରରେ ଦେଖନ୍ତି।

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତି ସାଂଘାତିକ: ଏକ୍ୟୁଆଇ ୩୭୬ ଛୁଇଁଲା



ନୂଆଦିଲ୍ଲୀ,୯।୧୧: ଦୀପାବଳି ପରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତି ସାଂଘାତିକ ଥିବାବେଳେ ମୁମ୍ବାଇ, ଚେନ୍ନାଇ, ଲକ୍ଷ୍ନୌରେ ମଧ ପ୍ରଦୂଷଣ ବୃଦ୍ଧି ପାଇଛି। ଜାତୀୟ ରାଜଧାନୀ ଦିଲ୍ଲୀରେ ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଟକଣା ସତ୍ତ୍ୱେ ଦୀପାବଳି ରାତି ୧୦ଟା ପରେ ବି ବାଣଫୁଟା ଜାରି ରହିଥିଲା। ଚଳିତ ବର୍ଷ ଦୀପାବଳି ଦିନ ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୭୬ ରେ ପହଞ୍ଚିଛି। ଯାହା ଗତ ୫ ବର୍ଷ ମଧ୍ୟରେ ଦୀପାବଳି ଦିନର ସବୁଠୁ ଖରାପ ସ୍ଥିତି। ସୋମବାର ସକାଳ ୧୦ଟା ସୁଦ୍ଧା ଦିଲ୍ଲୀର ଏକ୍ୟୁଆଇ ୩୭୧ ରେକର୍ଡ କରାଯାଇଥିଲା। ଘନକୁହୁଡ଼ି ଓ ଧୂଆଁର ଚାଦରରେ ରାଜଧାନୀ ଆଚ୍ଛାଦିତ ହୋଇ ରହିଥିଲା। ଫଳରେ ଅନେକ ସ୍ଥାନରେ ଦୃଶ୍ୟମାନତା ମଧ ହ୍ରାସ ପାଇଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ତଥ୍ୟ ଅନୁଯାୟୀ, ୫୧ଟି ମନିଟରିଂ ଷ୍ଟେସନ୍ ମଧ୍ୟରୁ ୧୪ଟିରେ ବାୟୁ ପ୍ରଦୂଷଣ ସ୍ତର ''ସାଂଘାତିକ'' ବର୍ଗରେ ରହିଥିବା ବେଳେ ୩୩ଟିରେ ''ଅତି ଖରାପ'' ଓ ୪ଟିରେ ''ଖରାପ'' ସ୍ତର ରେକର୍ଡ ହୋଇଛି। ଦିଲ୍ଲୀ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟି (ଡିଟିୟୁ) ଅଞ୍ଚଳରେ ସର୍ବାଧିକ ଏକ୍ୟୁଆଇ ୪୩୯ ରେକର୍ଡ ହୋଇଥିଲା। ଦୀପାବଳି ପରେ ଘନ କୁହୁଡ଼ି ସ୍ଥିତିକୁ ଆହୁରି ଜଟିଳ କରିଛି। ବାୱାନା, ବୁରାଡ଼ି, ଜାହାଙ୍ଗୀରପୁରୀ, ରୋହିଣୀ ଓ ଓଖଲା ଭଳି ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଛି। ଏୟାର କ୍ୱାଲିଟି ଆର୍ଲି ୱାର୍ଣ୍ଣିଂ ସିଷ୍ଟମର ଆକଳନ ଅନୁଯାୟୀ, ଆଗାମୀ କିଛି ଦିନ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ଗମ୍ଭୀର ରହିବାର ଆଶଙ୍କା ରହିଛି। ୫୦ ମିଟରକୁ ଖସିଲା ଦୃଶ୍ୟମାନତା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଲାଇଭ୍ ଡ୍ୟାସବୋର୍ଡ ଅନୁଯାୟୀ, ସୋମବାର ସକାଳ ୪ଟାରେ ଦିଲ୍ଲୀ ଏକ୍ୟୁଆଇ ସ୍ତର ୪୦୪କୁ ବୃଦ୍ଧି ପାଇଥିଲା। ସଫଦରଜଙ୍ଗ ଅଞ୍ଚଳରେ ସକାଳ ସାଢ଼େ ୬ଟାରେ ଦୃଶ୍ୟମାନତା ମାତ୍ର ୫୦ ମିଟର ରହିଥିଲା। ସ୍ୱିଜରଲ୍ୟାଣ୍ଡର ବାୟୁ ନିରୀକ୍ଷଣ ପ୍ଲାଟଫର୍ମ ସୋମବାର ସକାଳେ ଆଇକ୍ୟୁଏୟାର ଦିଲ୍ଲୀର ବାୟୁକୁ ଅସ୍ୱାସ୍ଥ୍ୟକର ବର୍ଗରେ ରଖିଛି। ଭାରତର ଅନ୍ୟ କେତେକ ସହରରେ ମଧ ଏକ୍ୟୁଆଇ ବୃଦ୍ଧି ପାଇଛି। ମୁମ୍ବାଇ ଓ ଚେନ୍ନାଇରେ କୁହୁଡ଼ି ପରିସ୍ଥିତି ଦେଖାଦେଇଛି। ମୁମ୍ବାଇରେ ବାୟୁ ଗୁଣବତ୍ତା ଖରାପ ହେବା ସହିତ କାଲାନଗର ଓ ବାନ୍ଦ୍ରା ଅଞ୍ଚଳକୁ ଘନ ଧୂଆଁର ଆବରଣ ଘୋଡ଼ାଇ ରଖିଛି। ଏକ୍ୟୁଆଇ ଖେରୱାଡ଼ି-ବାନ୍ଦ୍ରା ପୂର୍ବରେ ୨୬୪, ସେଭ୍ରିରେ ୨୨୬, ଘାଟକୋପରରେ ୨୨୧, ଚେମ୍ବୁରରେ ୨୧୬, ବାୟକୁଲାରେ ୧୯୩ ରେକର୍ଡ କରାଯାଇଛି। ତେବେ ହାରାହାରି ଏକ୍ୟୁଆଇ ୧୭୧ରେ ରହିଛି, ଯାହାକି ସନ୍ତୋଷଜନକ। ଉତ୍ତର ପ୍ରଦେଶରେ, ଲକ୍ଷ୍ନୌର ଅନେକ ଅଂଶ କୁହୁଡ଼ି ପରିସ୍ଥିତିରେ ଉଠିବା ସହିତ ଘନ କୁହୁଡ଼ିର ଆବରଣ ଘୋଡ଼ାଇ ଦେଇଥିଲା।

ଏଟିଏମ୍ ଲୁଟି ପ୍ରେମିକାଙ୍କୁ ଦେଉଥିଲା ଦାମୀ ଗିଫ୍ଟ

କଟକ(ନିପ୍ର) : ପ୍ରେମିକାକୁ ଗିଫ୍ଟ ଦେବା ପାଇଁ ଲୁଟ୍ । ଲୁଟ୍ ଟଙ୍କାରେ ପ୍ରେମିକା ପାଇଁ କିଣୁଥିଲା ଦାମୀ ଉପହାର । ପ୍ରେମିକାକୁ ଖୁସି କରିବା ଲାଗି ଦେଉଥିଲା ଦାମୀ ଗିଫ୍ଟ. ନାମିଦାମୀ ବ୍ରାଣ୍ଡର ପୋଷକ, ଜୋତା, ଦାମୀ ଘଣ୍ଟା । ଏଥିଲାଗି ଏଟିଏମ୍ କାଉଣ୍ଟରରେ ବରିଷ୍ଠ ନାଗରିକଙ୍କୁ କରୁଥିଲା ଟାର୍ଗେଟ । ଏଟିଏମ୍ କାଉଣ୍ଟରରେ ଟଙ୍କା ଉଠାଇବା ବେଳେ ସାହାଯ୍ୟ କରିବା ବାହାନାରେ ବରିଷ୍ଠ ନାଗରିକଙ୍କୁ ଲଗାଉଥିଲା ଚୂନ । କଟକ ମଙ୍ଗଳାବାଗ ଅଞ୍ଚଳରୁ ଏଭଳି ଘଟଣା ସାମ୍ନାକୁ ଆସିଛି । ଏହି ମାମଲାରେ ପୁଲିସ ସମ୍ଭବ ଆଚାର୍ଯ୍ୟଙ୍କୁ ଗିରଫ କରିଛି । ଏଥିସହ ସମ୍ଭବର ସହଯୋଗୀ ମନୋଜ ପାଇକଙ୍କୁ ମଧ୍ୟ ପୁଲିସ ବାନ୍ଧିଛି । ଉଭୟ କୌଶଳ କ୍ରମେ ଏକାଧିକ ବରିଷ୍ଠ ନାଗରିକଙ୍କୁ ଠକେଇ କରିଥିବା ଜଣାପଡ଼ିଛି । ଦୁଇ ଅଭିଯୁକ୍ତ ଝରପଡ଼ା ଜେଲ୍‌ରେ ମିଶିବା ପରେ ଏଟିଏମରୁ ବରିଷ୍ଠ ନାଗରିକଙ୍କୁ ଲୁଟିବା ପାଇଁ ତିଆରି କରିଥିଲେ ବ୍ଲୁ ପ୍ରିଣ୍ଟ ।

କେନାଲରୁ ନାବାଳକର ମୃତଦେହ ଉଦ୍ଧାର

କଟକ(ନିପ୍ର): କେନାଲରୁ ନାବାଳକର ମୃତଦେହ ଉଦ୍ଧାର । ଚୌଦ୍ୱାର ଦେଉଳଚୁଆ ମୁଣ୍ଡାସାହି ନିକଟ କେନାଲରୁ ନାବାଳକର ମୃତ ଦେହ ଉଦ୍ଧାର ହୋଇଛି । ମୃତ ନାବାଳକ କାହ୍ନୁ ହେମ୍ବ୍ରମଙ୍କ ୧୨ ବର୍ଷର ପୁଅ କୁନା ହେମ୍ବ୍ରମ । ଶନିବାର ରାତିରୁ କୁନା ନିଖୋଜ ଥିବା ବେଳେ ଆଜି ସକାଳୁ କେନାଲରୁ ତାଙ୍କ ମୃତ ଦେହ ଭାସୁଥିବାର ଦେଖିଥିଲେ ସ୍ଥାନୀୟ ଲୋକେ । ଖବର ପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି ପୋଲିସ୍ । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି ପୋଲିସ୍ ।

ବିଦେଶୀ ମଦ ଜବତ, ମହିଳା ବ୍ୟବସାୟୀ ଗିରଫ

ପିପିଲି(ନିପ୍ର): ବେଆଇନ ଚୋରା ମଦ କାରବାର ଅଭିଯୋଗରେ ବଳଙ୍ଗା ପୋଲିସ ପକ୍ଷରୁ ଏହି ଥାନା ଅନ୍ତର୍ଗତ ଅଲଣ୍ଡା ପଡ଼ା ଛକରେ ଚଢ଼ାଉ କରାଯାଇ ଜଣେ ମହିଳାଙ୍କୁ ଗିରଫ କରି ତା ନିକଟରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି । ଗିରଫ ମହିଳା ହେଲେ ଅଲଣ୍ଡା ପଡ଼ା ଗ୍ରାମର ବିଦ୍ୟାଧର ରାଉତଙ୍କ ପତ୍ନୀ ରିନାମଣି ରାଉତ । ସୂଚନା ମୁତାବକ ରିନାମଣି ଗତକାଲି ରାତିରେ ଛକରେ ଚୋରା ମଦ କାରବାର କରୁଥିବା ନେଇ ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା । ସୂଚନା ଆଧାରରେ ସସ୍ମିତା ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏସ ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣା ସ୍ଥଳରେ ଚଢ଼ାଉ କରି ରିନାମଣିଙ୍କ ନିକଟରୁ ୬ଲିଟର ବିଦେଶୀ ମଦ ଜବତ କରିଥିଲେ । ଏନେଇ ଥାନାରେ ଏକ ଅବକାରୀ ମାମଲା ରୁଜୁ କରାଯାଇଛି ।

ବାପାଙ୍କୁ ଦେଶୀ ଶିକାରୀ ବନ୍ଧୁକରେ ଆକ୍ରମଣ ଉଦ୍ୟମ, ପୁଅ ଗିରଫ



ରେଢ଼ାଖୋଲ,(ନିପ୍ର): ସାମାନ୍ୟ ବଚସାରୁ ଜଣେ ବଡ଼ପୁଅ ଏକ ଦେଶୀ ଶିକାରୀ ବନ୍ଧୁକରେ ନିଜ ବାପାଙ୍କୁ ହତ୍ୟା କରିବା ଧମକ ଦେଇ ଆକ୍ରମଣ କରିବା ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି । ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ କିସିଣ୍ଡା ଥାନା ଅଧୀନ ରଞ୍ଜା ଗ୍ରାମରେ । ପିତା ବିଦ୍ୟାଧର ନାଏକଙ୍କୁ ହତ୍ୟା ଧମକ ଦେବା ସହ ଦେଶୀ ଶିକାରୀ ବନ୍ଧୁକରେ ଆକ୍ରମଣ ଉଦ୍ୟମ ଅଭିଯୋଗରେ ବଡ଼ପୁଅ ପିନୁ ନାଏକ(୨୧) ଙ୍କୁ କିସିଣ୍ଡା ପୋଲିସ ଗିରଫ କରିଛି । ପୋଲିସ ସୂଚନା ଅନୁସାରେ, ଗତ ୭ ତାରିଖ ଦିନ ଅପରାହ୍ନ ସମୟରେ ଘରେ ଶୋଇଥିବା ତିନୋଟି କୁକୁରକୁ ବାହାର କରିବାକୁ ନେଇ ବାପା ବିଦ୍ୟାଧର ସହିତ ପୁଅ ପିନୁ ନାଏକଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା । ଏହାପରେ ପୁଅ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଦେଶୀ ଶିକାରୀ ବନ୍ଧୁକ ଆଣି ବାପାଙ୍କୁ ହତ୍ୟା ଉଦ୍ୟମ କରି ଆକ୍ରମଣ କରିଥିବା ବିଦ୍ୟାଧର କିସିଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ବିଦ୍ୟାଧରଙ୍କ ଚିତ୍କାର ଶୁଣି ପରିବାର ଓ ଗ୍ରାମବାସୀ ପହଞ୍ଚି ପୁଅକୁ କାବୁ କରି ବନ୍ଧୁକ ସହ କିସିଣ୍ଡା ଥାନାରେ ଜିମା ଦେଇଥିଲେ । ଏ ସଂକ୍ରାନ୍ତରେ କିସିଣ୍ଡା ଥାନାରେ କେସ୍ ନଂ ୮୭/୨୬ ଆର୍ମ ଏକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ପୋଲିସ ଏକ ଦେଶୀ ଶିକାରୀ ବନ୍ଧୁକ ଜବତ କରି ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

ବାଣ ନିଆଁରେ ଜଳିଗଲା ଦୋକାନ

କଟକ(ନିପ୍ର): ଦୀପାବଳିର ଆଲୋକ ଓ ଆନନ୍ଦ ଭିତରେ କଟକରେ ଅଘଟଣ ।ବାଣ ଫୁଟାଇବା ବେଳେ ଦୋକାନରେ ନିଆଁ ଲାଗିଯିବାରୁ ସୃଷ୍ଟି ହୋଇଛି ଆତଙ୍କ । ହଠାତ୍ ଦୋକାନରେ ନିଆଁ ଲାଗିବା ପରେ ଚାରିଆଡ଼େ ହୁତୁହୁତୁ ହୋଇ ଜଳିଥିଲା ନିଆଁ । ଧୂଆଁରେ ଭରିଯାଇଥିଲା ପୂରା ଅଞ୍ଚଳ । ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଥିଲା । ସୂଚନା ଅନୁସାରେ, ଦୀପାବଳି ଅବସରରେ ବାଣ ଫୁଟାଯାଉଥିବା ବେଳେ ଏକ ବାଣ ଦୋକାନ ଭିତରେ ପଡ଼ିବାରୁ ନିଆଁ ଲାଗିଯାଇଥିଲା । ଦେଖୁ ଦେଖୁ ନିଆଁ ଦୋକାନରେ ବ୍ୟାପିଯାଇଥିଲା । ଏହାପରେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ଖବର ପାଇ ଅଗ୍ନିଶମ ବାହିନୀର ଗାଡ଼ି ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ।

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ନୂଆ ପଞ୍ଜୀକରଣ

କଟକ(ନିପ୍ର) : ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା'ରେ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନଙ୍କ ନୂତନ ପଞ୍ଜୀକରଣ ନିମନ୍ତେ ଆବେଦନ ଆହ୍ୱାନ କରାଯାଇଛି । ଏହି ଯୋଜନାରେ ପୂର୍ବରୁ ସାମିଲ ହୋଇନଥିବା ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନେ ନିଜର ଆବେଦନ ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ । ଏଥି ନିମନ୍ତେ ବିଭାଗ ପକ୍ଷରୁ ନଭେମ୍ବର ୯ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ଆବେଦନ ପୋର୍ଟାଲ ଖୋଲା ରହିବ । ଆବେଦନ କରିବାକୁ ଇଚ୍ଛୁକ ସାମ୍ବାଦିକମାନେ ବିଭାଗର ନିର୍ଦ୍ଧାରିତ ନିୟମାବଳୀ ଓ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ଆବଶ୍ୟକ ତଥ୍ୟ ଓ ଦସ୍ତାବିଜ ସହ ଅନଲାଇନରେ ଆବେଦନ କରିବେ । କଟକ ଜିଲ୍ଲାର ସମସ୍ତ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକ ଏହି ସୁଯୋଗର ସଦୁପଯୋଗ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ କରିବାକୁ କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି । ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସେମାନଙ୍କ ପରିବାରକୁ ଚିକିତ୍ସା ଜନିତ ଆର୍ଥିକ ସହାୟତା ପ୍ରଦାନ ଦିଗରେ ରାଜ୍ୟ ସରକାରଙ୍କ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣକାରୀ ପଦକ୍ଷେପ ।

ରାଜଧାନୀରେ ଅପରାଧୀଙ୍କ ଆତଙ୍କ, ହତ୍ୟା, ଗୁଳିକାଣ୍ଡ ଓ ଲୁଟ୍ ବଢ଼ାଉଛି ଚିନ୍ତା

ଆଇନଶୃଙ୍ଖଳା ଉପରେ ଉଠିଲା ପ୍ରଶ୍ନ, ଲୋକେ ମଣୁଛନ୍ତି ଅସୁରକ୍ଷିତ !

ଭୁବନେଶ୍ୱର,(ନି.ପ୍ର): ସ୍ମାର୍ଟ ସିଟି ଭୁବନେଶ୍ୱର ଏବେ ଅପରାଧୀଙ୍କ ଗତିବିଧିକୁ ନେଇ ଚର୍ଚ୍ଚାରେ । ଗତକିଛି ଦିନ ମଧ୍ୟରେ ରାଜଧାନୀରେ ଘଟିଥିବା ଏକାଧିକ ହତ୍ୟା, ଗୁଳିକାଣ୍ଡ, ଖଣ୍ଡାଚୋଟ, ଲୁଟ୍ ଓ ସନ୍ଦେହଜନକ ମୃତ୍ୟୁ ଘଟଣା ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରିଛି । ବିଶେଷକରି ନଭେମ୍ବର ୪ରୁ ୭ତାରିଖ ମଧ୍ୟରେ ଲଗାତାର ସାମ୍ନାକୁ ଆସିଥିବା ହତ୍ୟା, ବୋମାମାଡ ଓ ଗୁଳିକାଣ୍ଡ ଘଟଣା ରାଜଧାନୀର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି । ଗତକାଲି ଅର୍ଥାତ ଦୀପାବଳି ରାତିରେ ଏୟାରପୋର୍ଟ ଥାନା ଅନ୍ତର୍ଗତ ପଳାଶପଲ୍ଲୀ ଅଞ୍ଚଳରେ ଘରେ ପଶି ଖଣ୍ଡାରେ ଆକ୍ରମଣ ସହ ବୋମାମାଡ ହୋଇଛି । ପୂର୍ବ ଶତ୍ରୁତାରୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି । ବୋମାମାଡ଼ରେ ଗୋଟିଏ ପରିବାରର ୪ ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି । ନଭେମ୍ବର ୪ ତାରିଖରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧନଗର ଅଞ୍ଚଳରୁ ୭୬ ବର୍ଷୀୟା ବୃଦ୍ଧା କୁଞ୍ଜଲତା ନନ୍ଦଙ୍କ ମୃତଦେହ ମିଳିଥିଲା । ତାଙ୍କୁ ହତ୍ୟା କରାଯାଇ ଘରୁ ସୁନା ଅଳଙ୍କାର, ନଗଦ ଟଙ୍କା ଓ ସ୍କୁଟର ଲୁଟ୍ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ତାଙ୍କ ଦେଖାଶୁଣା କରୁଥିବା କେୟାରଟେକର ବଳଭଦ୍ର ମହାରଣା ଘଟଣା ପରଠାରୁ ଫେରାର ଥିବାରୁ ପୁଲିସ ତାଙ୍କୁ ସନ୍ଦେହ କରି ଖୋଜାଖୋଜି ଆରମ୍ଭ କରିଥିଲା । ହେଲେ ହତ୍ୟାକାଣ୍ଡ ଉପରେ ପରଦା ଉଠିପାରିନି । ସେହିଦିନ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣର ଗୁରୁ କେଳୁଚରଣ ପାର୍କ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ପଚାସଢ଼ା ମୃତଦେହ ଉଦ୍ଧାର ହୋଇଥିଲା । ମୃତଦେହର ଅବସ୍ଥା ଦେଖି ପୁଲିସ ହତ୍ୟା ସନ୍ଦେହ କରି ତଦନ୍ତ ଆରମ୍ଭ କରିଥିଲା । ମୃତକଙ୍କ ପରିଚୟ ଓ ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ ସହ ବୈଜ୍ଞାନିକ ଦଳର ସହାୟତା ନେଇଛି । ହେଲେ ଏହା ସ୍ୱାଭାବିକ ମୃତ୍ୟୁ, ଆତ୍ମହତ୍ୟା ନାଁ ହତ୍ୟାକାଣ୍ଡ ତାହା ଏବେ ବି ଅସ୍ପଷ୍ଟ ରହିଛି । ପରଦିନ ଅର୍ଥାତ୍ ନଭେମ୍ବର ୫ ତାରିଖରେ ଧଉଳି ଥାନା ଅଞ୍ଚଳର ଶିଶୁପାଳଗଡ଼ରେ ଗୁଳିକାଣ୍ଡ ଘଟି ୨୫ ବର୍ଷୀୟ ତାପୁ ନାଏକଙ୍କ ମୃତ୍ୟୁ ହୋଇଥିଲା । ଏକ ବେଆଇନ ପିସ୍ତଲ କିଣିବା ପରେ ଏହାକୁ ନେଇ ଚାଲିଥିବା ମଦ୍ୟପାନ ଓ ଭୋଜି ସମୟରେ ଗୁଳି ଫୁଟିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା । ଘଟଣାରେ ଆଠ ଜଣଙ୍କୁ ଗିରଫ କରାଯିବା ସହ ୭.୬୫ ଏମ୍‌ଏମ୍ ପିସ୍ତଲ ଓ ଗୁଳି ଜବତ ହୋଇଥିଲା । ଏହାର ଦୁଇ ଦିନ ପରେ, ନଭେମ୍ବର ୭ତାରିଖ ଭୋରରେ ରାଜଧାନୀର ଝାରପଡ଼ା ଓଭରବ୍ରିଜ୍ ନିକଟରେ ଆଉ ଏକ ଗୁଳିକାଣ୍ଡ ଘଟିଥିଲା । ଏଥିରେ ସୋନୁ ନାଏକଙ୍କ ମୃତ୍ୟୁ ହୋଇଥିଲା । ଘଟଣାସ୍ଥଳରେ ବୋମାମାଡ଼ ହୋଇଥିବା ମଧ୍ୟ ଜଣାପଡ଼ିଥିଲା । ଲକ୍ଷ୍ମୀସାଗର ଥାନାରେ କେସ୍ ନମ୍ବର ୭୮୫/୨୦୨୬ ରୁଜୁ ହେବା ପରେ ପୁଲିସ ଜଣେ ନାବାଳକଙ୍କ ସମେତ ୭ ଜଣଙ୍କୁ ଧରିଥିଲା । ଘଟଣାସ୍ଥଳରୁ ଖାଲି କାର୍ଟ୍ରିଜ୍ ଓ ବୋମାର ଅବଶେଷ ମଧ୍ୟ ଜବତ ହୋଇଥିଲା । ଗୋଷ୍ଠୀ ବିବାଦରୁ ଏଭଳି ଗୁଳିକାଣ୍ଡ ଘଟିଥିବା ପୁଲିସ ଜାଣିବାକୁ ପାଇଛି । ସେହି ରାତିରେ ତାରିଣୀ ବସ୍ତି ଅଞ୍ଚଳରେ ଆଉ ଏକ ହତ୍ୟାକାଣ୍ଡ ସାମ୍ନାକୁ ଆସିଥିଲା । ପାରିବାରିକ ବିବାଦ ଓ ପରକୀୟା ସନ୍ଦେହକୁ କେନ୍ଦ୍ର କରି ୪୦ ବର୍ଷୀୟ ପଠାଣି ସାହୁଙ୍କୁ ତାଙ୍କ ଭିଣୋଇ ସୁରେଶ ସିଂହ ସିମେଣ୍ଟ ଖଣ୍ଡରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ହତ୍ୟା ପରେ ମୃତଦେହକୁ ରେଳ ଧାରଣା ନିକଟକୁ ନେଇ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ ହୋଇଥିଲା । ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କେସ୍ ନମ୍ବର ୫୮୨/୨୦୨୬ ରୁଜୁ କରିଥିଲା । ଗତ ୪ ତାରିଖ ରାତିରେ ବୁଦ୍ଧନଗର ଅଂଚଳରେ ଜଣେ ଯୁବକଙ୍କୁ ୭/୮ଜଣ ଫିଲ୍ମି ଷ୍ଟାଇଲରେ ଗୋଡାଇ ଗୋଡାଇ ଖଣ୍ଡାରେ ହାଣିଥିଲେ । ଏହି ଘଟଣାରେ ଲକ୍ଷ୍ମୀସାଗର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଏପଟେ ଲଗାତାର ଅପରାଧ ଘଟଣା ପରେ ଭୁବନେଶ୍ୱର ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ସହରର ସମସ୍ତ ଥାନା ଅଞ୍ଚଳରେ ରାତିସାରା ନାକା ଚେକିଂ ଓ ଗାଡ଼ି ଯାଞ୍ଚ ଅଭିଯାନ ଚାଲିଛି । ଏହି ସମୟରେ ଭୁବନେଶ୍ୱରରେ ୯,୯୩୪ଟି ଅପରାଧ ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ର ସମାନ ସମୟରେ ଏହି ସଂଖ୍ୟା ୬,୯୬୮ ଥିଲା । ଅର୍ଥାତ୍ ପ୍ରାୟ ୪୩ ପ୍ରତିଶତ ବୃଦ୍ଧି ଘଟିଛି । ତେବେ ଏହି ବୃଦ୍ଧିର ମୁଖ୍ୟ କାରଣ ଛୋଟମୋଟ ଅପରାଧ ମାମଲା ବୋଲି ପୁଲିସ ଅଧିକାରୀମାନେ କହିଛନ୍ତି । ତେବେ ଗତ ସାତଦିନର ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି ।

ଏସିପିଙ୍କୁ ଆକ୍ରମଣ, ୪ ଗିରଫ



କଟକ(ନିପ୍ର): କଟକ ନୟାସଡକ ଅଞ୍ଚଳରେ ବାଣ ଫୁଟାକୁ ନେଇ ପୋଲିସ ଓ ସାଧାରଣ ଜନତା ଗଣ୍ଡଗୋଳ ଘଟଣା ଏବେ ନୂଆ ମୋଡ଼ ନେଇଛି । ଏହି ମାମଲାରେ ଅଟକ ଥିବା ୯ ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ଲାଲବାଗ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।ସୂଚନାଯୋଗ୍ୟ ଯେ ରାତି ୯ଟା ପରେ ବାଣଫୁଟା ବନ୍ଦ କରିବାକୁ ଘୋଷଣା ଥିବା ସତ୍ତ୍ୱେ ନୟାସଡକ ଅଞ୍ଚଳର କିଛି ଅମାନିଆ ଏହାକୁ ବେଖାତିର କରି ରାସ୍ତା ଉପରେ ବାଣ ଫୁଟାଇଥିଲେ । ରାତି ପ୍ରାୟ ୯.୩୦ ବେଳେ ଜୋନ ୩ ଏସିପି ଅନନ୍ୟା ଅଓ୍ୱସ୍ତି ପାଟ୍ରୋଲିଂ କରୁଥିବା ବେଳେ ଏହା ତାଙ୍କ ନଜରକୁ ଆସିଥିଲା । ସେ ଏହାର ବାରଣ କରିବାରୁ କିଛି ଲୋକ ତାଙ୍କ ସହ ଧସ୍ତାଧସ୍ତି କରିଥିଲେ । ଏହାପରେ ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା । ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ଏହି ଘଟଣାରେ ସମ୍ପୃକ୍ତ ୯ ଜଣଙ୍କୁ ପୋଲିସ ଅଟକ ରଖିଥିଲା । ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

ଦୋକାନ ଭିତରକୁ ପଶିଗଲା ଯାତ୍ରୀବାହୀ ଟ୍ରାଭେଲର

ଅଳ୍ପକେ ବର୍ତ୍ତିଲେ ୧୫ ଯାତ୍ରୀ



ସାଲେପୁର(ନିପ୍ର): ସାଲେପୁର ଥାନା ଅନ୍ତର୍ଗତ କୁଳିଆ ବଜାରରେ ଏକ ଅଭାବନୀୟ ସଡ଼କ ଦୁର୍ଘଟଣା ଘଟିଛି । ଭାରସାମ୍ୟ ହରାଇ ଏକ ଯାତ୍ରୀବାହୀ ଟ୍ରାଭେଲର ରାସ୍ତାକଡ଼ରେ ଥିବା ଏକ ଦୋକାନ ଭିତରକୁ ପଶିଯାଇଛି । ତେବେ ଏହି ଦୁର୍ଘଟଣାରେ ଗାଡ଼ିରେ ଥିବା ପ୍ରାୟ ୧୫ ଜଣ ଯାତ୍ରୀଙ୍କ ସମେତ ଡ୍ରାଇଭର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । କାହାରି କୌଣସି କ୍ଷତି ହୋଇନଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଟ୍ରାଭେଲରଟି କେନ୍ଦ୍ରାପଡ଼ାରୁ ପୁରୀ ଅଭିମୁଖେ ଯାଉଥିବାବେଳେ କୁଳିଆ ବଜାର ନିକଟରେ କୌଣସି କାରଣରୁ ଚାଳକ ଗାଡ଼ିର ଭାରସାମ୍ୟ ହରାଇଥିଲେ । ଫଳରେ ଗାଡ଼ିଟି ସିଧାସଳଖ ରାସ୍ତା କଡରେ ଥିବା ଦୋକାନ ଭିତରକୁ ପଶିଯାଇଥିଲା । ଏଥିରେ ଦୋକାନଟି କ୍ଷତିଗ୍ରସ୍ତ ହୋଇଛି । ଖବର ପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଭେଲରଟିକୁ ଜବତ କରିବା ସହ ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି ।

ବାଙ୍ଗାଲୋରରେ କଳାହାଣ୍ଡିର ଦାଦନ ଶ୍ରମିକଙ୍କ ମୃତ୍ୟୁ

ଶବ ଫେରାଇ ଆଣିବାକୁ ସାହା ହେଲା 'ବିନ୍ଦୁମିନା ସେବା ଫାଉଣ୍ଡେସନ'



ଗୋଲାମୁଣ୍ଡା,(ନି. ପ୍ର): ପେଟ ପାଟଣା ଓ ପରିବାର ପ୍ରତିପୋଷଣର ଆଶା ନେଇ ସୁଦୂର କର୍ଣ୍ଣାଟକର ବାଙ୍ଗାଲୋର ସହରକୁ ଦାଦନ ଖଟିବାକୁ ଯାଇଥିବା କଳାହାଣ୍ଡି ଜିଲ୍ଲାର ଜଣେ ଯୁବ ଶ୍ରମିକଙ୍କର ସେଠାରେ ଅକାଳ ବିୟୋଗ ଘଟିଛି । ମୃତ ଶ୍ରମିକ ଜଣକ ହେଲେ ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ବୃନ୍ଦାବାହାଲ ଗ୍ରାମର ସଞ୍ଜୁ ମଙ୍ଗରାଜ (୩୨) । ଜଣେ ସୁସ୍ଥ ସବଳ ଯୁବକ ରୋଜଗାର ଆଶାରେ ବାହାର ରାଜ୍ୟକୁ ଯାଇ ଶେଷରେ ଶବ ହୋଇ ଫେରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକାକୁଳ ପରିବେଶ ସୃଷ୍ଟି କରିଛି । ମିଳିଥିବା ସୂଚନା ମୁତାବକ, ଗ୍ରାମରେ କାମଧନ୍ଦାର ଅଭାବ ଯୋଗୁଁ ସଞ୍ଜୁ ନିଜ ପରିବାରକୁ ଦୁଇ ଓଳି ଦୁଇ ମୁଠା ଦେବା ପାଇଁ ବାଙ୍ଗାଲୋର ସହରକୁ ଯାଇ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ମାତ୍ର କିଛି ଦିନ ତଳେ ହଠାତ୍ ତାଙ୍କର ଦେହ ଅସୁସ୍ଥ ହୋଇପଡ଼ିଥିଲା । ସହକର୍ମୀମାନେ ତାଙ୍କୁ ତୁରନ୍ତ ସେଠାକାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଉଥିଲେ । ତେବେ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ଗତ ୭ ତାରିଖ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସଞ୍ଜୁ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସଞ୍ଜୁଙ୍କ ମୃତ୍ୟୁ ପରେ ତାଙ୍କ ପଛରେ ସ୍ତ୍ରୀ ସମେତ ଜଣେ ୧୨ ବର୍ଷର ନାବାଳିକା ଝିଅ ଓ ୭ ବର୍ଷର ପୁଅ ସମ୍ପୂର୍ଣ୍ଣ ଅନାଥ ହୋଇଯାଇଛନ୍ତି । ଆକସ୍ମିକ ମୃତ୍ୟୁ ଖବର ପାଇ ପରିବାର ଲୋକଙ୍କ ଉପରେ ଚଡ଼କ ପଡ଼ିଥିଲା । ହଜାର ହଜାର କିଲୋମିଟର ଦୂରରୁ ମୃତଦେହକୁ ନିଜ ଭିଟାମାଟି ବୃନ୍ଦାବାହାଲକୁ ଆଣିବା ପାଇଁ ଏହି ଗରିବ ପରିବାର ନିକଟରେ ଆଦୌ ସାମର୍ଥ୍ୟ ନଥିଲା । ପ୍ରଶାସନ ବା ନେତାଙ୍କ ସହ ଯୋଗାଯୋଗ କରିବା ସେମାନଙ୍କ ପାଇଁ ସମ୍ଭବ ନଥିବାରୁ, ଉପାୟଶୂନ୍ୟ ହୋଇ ସେମାନେ ସୋସିଆଲ ମେଡିଆର ସାହାରା ନେଇଥିଲେ । ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସ୍ଥାନୀୟ ବିଧାୟକ, ସାଂସଦ ଏବଂ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଶବ ଆଣିବା ପାଇଁ କାନ୍ଦି କାନ୍ଦି ସହଯୋଗ ଭିକ୍ଷା କରିଥିଲେ । ଏହି ଭିଡିଓଟି 'ବିନ୍ଦୁମିନା ସେବା ଫାଉଣ୍ଡେସନ'ର ଅଧକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ନଜରକୁ ଆସିଥିଲା । ପରିବାରର ଏହି ଦୁର୍ଦ୍ଦଶା ଦେଖି ସେ ଆଦୌ ବିଳମ୍ବ ନ କରି ତୁରନ୍ତ ବାଙ୍ଗାଲୋରରେ ଥିବା ସମ୍ପୃକ୍ତ ଘରୋଇ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ମୃତକଙ୍କ ପରିବାର ସହ ଯୋଗାଯୋଗ କରିଥିଲେ । ଫାଉଣ୍ଡେସନ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇ ଶବକୁ ବାଙ୍ଗାଲୋରରୁ ଗ୍ରାମକୁ ଅଣାଯାଇଥିଲା । ଯାହାଫଳରେ ଆଜି ସଞ୍ଜୁଙ୍କ ପାର୍ଥିବ ଶରୀର ସମ୍ମାନର ସହ ନିଜ ଗାଁ ମାଟିରେ ପହଞ୍ଚି ପାରିଛି ଏବଂ ଗ୍ରାମ ଶ୍ମଶାନରେ ସ୍ଥାନୀୟ ଲୋକଙ୍କ ଗହଣରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

ଶୋଇଥିବା ବେଳେ ଘରେ ଲାଗିଲା ନିଆଁ, ନାତି ମୃତ, ଜେଜେ ଗୁରୁତର

କଟକ(ନିପ୍ର): କଟକରେ ଭୟାବହ ଅଗ୍ନିକାଣ୍ଡ । ଦରଘା ବଜାର ଅଞ୍ଚଳର ରକି ଟେଲର ଗଳିରେ ନିଆଁ ଲାଗି ଚାଲିଗଲା ୭ ବର୍ଷ ନିଷ୍ପାପ ଶିଶୁର ଜୀବନ । ଅଶୋକ ମାରୱାଡ଼ିଙ୍କ ଘରେ ଭୋର ପ୍ରାୟ ୪ଟା ସମୟରେ ହଠାତ୍ ଲାଗିଥିଲା ନିଆଁ । ଘରର ସମସ୍ତେ ଗଭୀର ନିଦ୍ରାରେ ଶୋଇଥିବା ବେଳେ ଘଟିଥିଲା ଏହି ଅଘଟଣ । ତିନି ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କଲେ ୫ ଅଗ୍ନିଶମ ବାହିନୀ । ଘରର ଦୁଇଟି ମହଲାରେ ପ୍ରାୟ ୮ ଜଣ ପୁରୁଷ, ମହିଳା ଓ ଶିଶୁ ରହିଥିଲେ । ନିଆଁ ଓ ଧୂଆଁ ଭିତରେ ଫସି ଯାଇଥିଲେ ପରିବାରର ସଦସ୍ୟ । ଏହି ଅଗ୍ନିକାଣ୍ଡରେ ଜଣେ ୭ ବର୍ଷର ନିଷ୍ପାପ ଶିଶୁର ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ଜଣେ ବୟସ୍କ ବ୍ୟକ୍ତି ଗୁରୁତର ହୋଇଛନ୍ତି । ତାଙ୍କୁ କଟକ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି । ତେବେ ଅଗ୍ନିଶମ ବିଭାଗର ତତ୍ପରତା ଯୋଗୁଁ ଘର ଭିତରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଭୋର ସମୟରେ ଘରେ କାମ କରୁଥିବା ଜଣେ ମହିଳା ଛାତ ଉପରେ ଥିବା ବେଳେ ହଠାତ୍ ଘର ଭିତରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ । ଏହା ଦେଖି ସେ ତୁରନ୍ତ ପାଟି କରି ଅନ୍ୟମାନଙ୍କୁ ସତର୍କ କରାଇଥିଲେ । ଏହାପରେ ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇବା ମାତ୍ରେ ଅଗ୍ନିଶମ ବିଭାଗର ୫ଟି ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ହେଲେ ଘଟଣାସ୍ଥଳକୁ ପହଞ୍ଚିବା ଅଗ୍ନିଶମ କର୍ମଚାରୀଙ୍କ ପାଇଁ ଏତେ ସହଜ ନଥିଲା । କାରଣ ମୁଖ୍ୟ ରାସ୍ତାଠାରୁ ଅଗ୍ନିକାଣ୍ଡ ଘଟିଥିବା ଘରର ଦୂରତା ପ୍ରାୟ ୨ଶହ ମିଟର ଥିଲା । ସଂକୀର୍ଣ୍ଣ ଗଳି ଏବଂ ଘଟଣାସ୍ଥଳର ଭୌଗୋଳିକ ସ୍ଥିତି ଅଗ୍ନିଶମ ବାହିନୀ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଥିଲା ।

ସରକାରୀ ଦେଶୀ ମଦ ଭାଟିରୁ ଚୋରା ମଦ ଚାଲାଣ, ଜଣେ ଗିରଫ



ସାଲେପୁର (ନିପ୍ର): ସାଲେପୁର ବ୍ଲକ ଅଞ୍ଚଳରେ ବେଧଡକ ଭାବେ ଚାଲିଛି ଚୋରା ମଦ ବେପାର । ସରକାରୀ ଦେଶୀ ମଦ ଭାଟିରୁ ବେଆଇନ ଭାବେ ଚାଲିଥିଲା ଦେଶୀ ମଦ ଚୋରା ଚାଲାଣ । ଖବର ପାଇ ପାଗା ଫାଣ୍ଡି ପୋଲିସ ଚଢ଼ାଉ କରି ୪ ପେଟି ଦେଶୀ ମଦ ଓ ଏକ ବାଇକ୍ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମାହାଙ୍ଗା ଥାନା ଅନ୍ତର୍ଗତ କୋଳିଅଠା ଗ୍ରାମର ଭରତ ସାମଲ । ଭରତ ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ସରକାରୀ ଦେଶୀ ମଦ ଭାଟିରୁ ବାଇକ୍ ଯୋଗେ ବେଆଇନ ଭାବେ ମଦ ଚାଲାଣ କରୁଥିବା ସମୟରେ ପୋଲିସ ତାଙ୍କୁ ରାସ୍ତାରେ ଧରି ଗିରଫ କରିବା ସହିତ ଚୋରାମଦ ଜବତ କରିଥିଲା । ଏନେଇ ପୋଲିସ ତଦନ୍ତ ଜାରି ରଖିଛି । ଅନ୍ୟପକ୍ଷରେ ସାଲେପୁର ବିଜ୍ଞାପିତ ଅଞ୍ଚଳ ଓ ଶିଶୁଆ ସ୍ଥିତ ସରକାରୀ ଦେଶୀ ମଦ ଭାଟିରୁ ବାଇକ୍ ଯୋଗେ ପ୍ରତିଦିନ ଗ୍ରାମାଞ୍ଚଳକୁ ବ୍ୟାପକ ମଦ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି । ଏହା ଉପରେ ରୋକ୍ ଲଗାଇବା ପାଇଁ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ନିୟମିତ ଚଢ଼ାଉ କରିବାକୁ ସାଧାରଣରେ ଦାବି ହେଉଛି ।

ରେଳ ଧାରଣାରୁ ମିଳିଲା ଆଇଟିଆଇ ଛାତ୍ରଙ୍କ ମୃତଦେହ

କଟକ(ନିପ୍ର): ରେଲୱେ ଟ୍ରାକରୁ ମିଳିଲା ଛାତ୍ରଙ୍କ ମୃତଦେହ । କଟକ ଖାନନଗର ନିକଟ ରେଳ ଧାରଣା ଉପରୁ ଆଇଟିଆଇ ଛାତ୍ରଙ୍କ ମୃତଦେହ ଉଦ୍ଧାର । ସକାଳୁ ଘରୁ ବାହାରି କଟକ ଅଭିମୁଖେ ଆସିଥିଲେ । ମୃତକ ଯାଜପୁର ବାଲିଚନ୍ଦ୍ରପୁର ଗଜେନ୍ଦ୍ରପୁର ଗାଁର ଦେବେନ୍ଦ୍ର ଜେନା । ଘଟଣାସ୍ଥଳରେ ଜିଆରପି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହା ଆତ୍ମହତ୍ୟା ନା ହତ୍ୟା ସେନେଇ ତଦନ୍ତ ଜାରି ରଖିଛି କଟକ ରେଳବାଇ ଥାନା ପୋଲିସ । ଅନ୍ୟପଟେ ଏହି ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଠିଛି । ଦେବେନ୍ଦ୍ରଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ହେଲା ? ସେ ନିଜେ ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଛନ୍ତି ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି ? ଏହା ଆତ୍ମହତ୍ୟା ନା ହତ୍ୟା, ସେନେଇ ତଦନ୍ତ ଚାଲିଛି । କଟକ ରେଳବାଇ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ପୋଲିସ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ । ଜଣେ ଯୁବ ଛାତ୍ରଙ୍କ ଏଭଳି ମୃତ୍ୟୁକୁ ନେଇ ପରିବାର ଓ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି ।

କାଳୀପୂଜା ଭସାଣି ପାଇଁ ଦେବୀଗଡ଼ା ପୁରୀଘାଟରେ ମେୟରଙ୍କ ସମୀକ୍ଷା

ଶାନ୍ତିଶୃଙ୍ଖଳା, ସ୍ୱଚ୍ଛତା, ଆଲୋକୀକରଣ, ସୁରକ୍ଷା ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ

କଟକ(ନିପ୍ର): ଐତିହ୍ୟ, ପରମ୍ପରା, ଭାଇଚାରା ଓ ସାଂସ୍କୃତିକ ଗୌରବର ସହର କଟକର ପ୍ରସିଦ୍ଧ କାଳୀପୂଜା ଭସାଣି ଉତ୍ସବକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ, ସୁରକ୍ଷିତ ଓ ପରିବେଶ ଅନୁକୂଳ ଭାବେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ ପୁରୀଘାଟସ୍ଥିତ ଦେବୀଗଡା ମୂର୍ତ୍ତି ବିସର୍ଜନ ସ୍ଥଳ ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଏହି ଅବସରରେ ମହାନଗର ନିଗମର ଅଧିକାରୀ, ନିର୍ବାଚିତ ଜନପ୍ରତିନିଧି ଓ ଶାନ୍ତି କମିଟିର ପ୍ରତିନିଧିମାନେ ଉପସ୍ଥିତ ରହି ଭସାଣି ଉତ୍ସବ ସମୟରେ ଆବଶ୍ୟକ ହେବାକୁ ଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ପରିଦର୍ଶନ ସମୟରେ ମେୟର ଦେବୀଗଡ଼ାରେ ମୂର୍ତ୍ତି ବିସର୍ଜନ ପାଇଁ ଉଦ୍ଦିଷ୍ଟ ସ୍ଥାନ, ଘାଟର ପରିସ୍ଥିତି, ପ୍ରବେଶ ଓ ପ୍ରସ୍ଥାନ ପଥ, ରାସ୍ତାଘାଟର ଅବସ୍ଥା, ପରିମଳ ବ୍ୟବସ୍ଥା, ଆଲୋକୀକରଣ ଏବଂ ଜନସାଧାରଣଙ୍କ ସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । କାଳୀପୂଜା ଭସାଣି ସମୟରେ ବିଭିନ୍ନ ପୂଜା କମିଟିର ମେଢ଼, ଶୋଭାଯାତ୍ରା ଓ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଯାତାୟାତ ଓ ବିସର୍ଜନ ପ୍ରକ୍ରିୟା କିପରି ସୁବ୍ୟବସ୍ଥିତ ହୋଇପାରିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । କଟକ ମହାନଗର ନିଗମ ପକ୍ଷରୁ ଭସାଣି ସ୍ଥଳ ଓ ଏହାର ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଭସାଣି ପୂର୍ବରୁ, ଭସାଣି ସମୟରେ ଏବଂ ଭସାଣି ପରେ ନିୟମିତ ସଫେଇ, ଅବର୍ଜନା ସଂଗ୍ରହ ଓ ଅପସାରଣ, ଆବଶ୍ୟକ ସ୍ଥାନରେ ପରିମଳ କର୍ମଚାରୀ ନିୟୋଜନ ଏବଂ ଭସାଣି ସ୍ଥଳର ପରିଚ୍ଛନ୍ନତା ବଜାୟ ରଖିବା ଭଳି ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ବିଶେଷକରି ମୂର୍ତ୍ତି ବିସର୍ଜନ ପରେ ଫୁଲ, ସାଜସଜ୍ଜା ସାମଗ୍ରୀ, ପୂଜା ସାମଗ୍ରୀ ଓ ଅନ୍ୟାନ୍ୟ ଅବର୍ଜନାକୁ ଶୀଘ୍ର ଅପସାରଣ କରି ପରିବେଶକୁ ସ୍ୱଚ୍ଛ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଭସାଣି ଉତ୍ସବ ସମୟରେ ଶ୍ରଦ୍ଧାଳୁ, ପୂଜା କମିଟିର ସଦସ୍ୟ, ଶୋଭାଯାତ୍ରାରେ ଅଂଶଗ୍ରହଣକାରୀ ଏବଂ ସାଧାରଣ ଜନତାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ନେଇ ଆଲୋଚନା ହୋଇଥିଲା । ଘାଟରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ନିରାପଦ ଯାତାୟାତ ପଥ, ଜନସମାଗମ ପରିଚାଳନା, ଜରୁରୀକାଳୀନ ସେବା ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଭସାଣି ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ ଏବଂ ସମସ୍ତ ପୂଜା କମିଟି ସୁବିଧାରେ ମୂର୍ତ୍ତି ବିସର୍ଜନ କରିପାରିବେ, ସେଥିପାଇଁ ଆବଶ୍ୟକ ସମନ୍ୱୟ ଓ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା । କଟକର ପାରମ୍ପରିକ କାଳୀପୂଜା ଭସାଣି ଉତ୍ସବ ସହିତ ପରିବେଶ ସୁରକ୍ଷାର ଗୁରୁତ୍ୱକୁ ମଧ୍ୟ ଏହି ପରିଦର୍ଶନରେ ପ୍ରାଧାନ୍ୟ ଦିଆଯାଇଥିଲା । ମୂର୍ତ୍ତି ବିସର୍ଜନ ପରେ ଅବଶିଷ୍ଟ ସାମଗ୍ରୀର ଉପଯୁକ୍ତ ପରିଚାଳନା, ଜଳ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଘାଟର ସ୍ୱଚ୍ଛତା ବଜାୟ ରଖିବା ଭଳି ବିଷୟଗୁଡ଼ିକର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା । ଧାର୍ମିକ ଭାବନା ଓ ପାରମ୍ପରିକ ରୀତିନୀତିକୁ ସମ୍ମାନ ଜଣାଇବା ସହିତ ପରିବେଶ ସୁରକ୍ଷା ପ୍ରତି ସମସ୍ତଙ୍କ ସଚେତନତା ଓ ସହଯୋଗ ଜରୁରୀ ବୋଲି ଗୁରୁତ୍ୱାରୋପ କରାଯାଇଥିଲା । ଏହି ପରିଦର୍ଶନରେ ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ ଉପସ୍ଥିତ ରହି ଭସାଣି ଉତ୍ସବର ସୁପରିଚାଳନା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଦେବ୍ରିଗଡରେ ମହାବଳ ବାଘ



ସମ୍ବଲପୁର, ୯।୧୧: ଦେବ୍ରିଗଡ଼ ଅଭୟାରଣ୍ୟରେ ପୁଣି ମହାବଳ ବାଘର ଉପସ୍ଥିତି ସାମ୍ନାକୁ ଆସିଛି । ଅଭୟାରଣ୍ୟରେ ଲଗାଯାଇଥିବା ଆର୍‌ବିଟି କ୍ୟାମେରାରେ ବାଘର ଉପସ୍ଥିତି ନେଇ ଚିତ୍ର କଏଦ ହୋଇଛି । ଏହା ସହ ପାଟ୍ରୋଲିଂ ବେଳେ ବନ କର୍ମଚାରୀମାନେ ମଧ୍ୟ ବାଘକୁ ଦେଖିଥିବା ସୂଚନା ମିଳିଛି । ଏହି ଘଟଣା ପରେ ବନ ବିଭାଗ ପକ୍ଷରୁ ଅଭୟାରଣ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି । ସୂଚନା ଅନୁସାରେ, ଗତ ଚାରି ବର୍ଷ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଦେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘର ଉପସ୍ଥିତି ଠାବ ହୋଇଛି । ଡେବ୍ରୁଆଁ-ଲଖନପୁର ଜଙ୍ଗଲ ଦେଇ ବାଘଟି ଦେବ୍ରିଗଡ଼ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ଅନୁମାନ କରାଯାଉଛି । ତେବେ ଏହି ବାଘଟିର ଉତ୍ପତ୍ତି, ଲିଙ୍ଗ ଓ ବାଘଟି କେଉଁ ଅଞ୍ଚଳରୁ ଆସିଛି, ତାହାର ବୟସ ଏବଂ ଅନ୍ୟାନ୍ୟ ବିବରଣୀ ଜାଣିବା ପାଇଁ ଟ୍ରାପ୍ କ୍ୟାମେରାରେ ଉତୋଳିତ ଫଟୋକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ) ଏବଂ ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ (ଡବ୍ଲୁଆଇଆଇ)କୁ ପଠାଯାଇ ବିଶ୍ଳେଷଣ କରାଯିବ । ବିଶେଷଜ୍ଞମାନେ ଫଟୋର ବିଶ୍ଳେଷଣ କରିବା ପରେ ଏହି ମହାବଳ ବାଘ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ।

ଭାରତ-ନ୍ୟୁଜିଲାଣ୍ଡ ତୃତୀୟ ଦିନିକିଆ ଆଜି

ଶୃଙ୍ଖଳା ବିଜୟ ଲକ୍ଷ୍ୟରେ ଗିଲ୍ ବାହିନୀ, ପୁଣି ବର୍ଷା ସମ୍ଭାବନା



ହାମିଲଟନ୍, ୯।୧୧: ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ତୃତୀୟ ମୁକାବିଲା ମଙ୍ଗଳବାର ହାମିଲଟନ୍‌ର ସେଡାନ ପାର୍କରେ ଖେଳାଯିବ । ସଂପ୍ରତି ୨-୦ରେ ଆଗୁଆ ଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଦଳ ଏହି ମ୍ୟାଚ୍ ଜିତି ଦିନିକିଆ ଶୃଙ୍ଖଳା କବ୍‌ଜା କରିବା ଲକ୍ଷ୍ୟରେ ରହିଛି । ଏହି ମ୍ୟାଚ୍ ପରେ ଗିଲ୍‌ଙ୍କ ସହ କିଛି ତାରକା ଖେଳାଳି ଟେଷ୍ଟ୍ ଲାଗି ପ୍ରସ୍ତୁତି ହେବେ । ତେଣୁ ଗିଲ୍ ଆଗୁଆ ଶୃଙ୍ଖଳା ଜିତିବା ସହ ଭଲ ପାଳି ଖେଳି ଦୃଢ଼ ମନୋବଳ ସହ ଟେଷ୍ଟ୍‌କୁ ଓହ୍ଲାଇବା ଆଶାରେ ରହିଛନ୍ତି । ଅନ୍ୟପକ୍ଷରେ ଦ୍ରୁତବୋଲରଙ୍କୁ ସୁହାଉଥିବା ନ୍ୟୁଜିଲାଣ୍ଡ ପିଚ୍‌ରେ ଉଭୟ ଦଳର ବ୍ୟାଟର କଡ଼ା ସଂଘର୍ଷ କରୁଛନ୍ତି । ଗତ ଦୁଇଟି ଯାକ ମ୍ୟାଚ୍‌ରେ କମ୍ ରନ୍ ଦେଖିବାକୁ ମିଳିଛି । ବର୍ଷା ବାଧାପ୍ରାପ୍ତ ଉଭୟ ମ୍ୟାଚ୍‌ରେ ଭାରତ ପଶ୍ଚାତ୍‌ଧାବନ କରି କଷ୍ଟକର ବିଜୟ ପାଇଥିଲା । କେବଳ ତାରକା ବ୍ୟାଟର ବିରାଟ କୋହଲି ପ୍ରଥମ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଭେଟେରାନ ରୋହିତ ଶର୍ମା ପ୍ରଥମ ମ୍ୟାଚ୍‌ରେ ଶୂନରେ ଆଉଟ୍ ହୋଇଥିଲା ବେଳେ ଦ୍ୱିତୀୟରେ କିଛି ଆକର୍ଷଣ ସଟ୍ ସହ ୨୩ ରନ୍ କରିଥିଲେ । ତୃତୀୟ ମ୍ୟାଚ୍‌ରେ ଏହି ଦୁଇ ଭେଟେରାନ୍‌ଙ୍କଠୁ ବଡ଼ ସ୍କୋର ଆଶା ରଖିଛି ଦଳ । କେଏଲ୍ ରାହୁଲ, ଶ୍ରେୟସ ଆୟର ଗତ ମ୍ୟାଚ୍‌ରେ ଟିକେ ଭଲ ଖେଳିଥିଲେ । ଅକ୍ଷର ପଟେଲ ଗତ ଦୁଇଟି ଯାକ ମ୍ୟାଚ୍‌ରେ ବିଫଳ ହୋଇଥିବାରୁ ତାଙ୍କ ଆଗରେ ରାହୁଲଙ୍କୁ ବ୍ୟାଟିଂକୁ ଛାଡ଼ିବା ଲାଗି ଦଳ ଚିନ୍ତା କରୁଛି । ଏହା ବାଦ୍ ବ୍ୟାଟିଂ ଅର୍ଡରରେ କୌଣସି ପରିବର୍ତ୍ତନ ସମ୍ଭାବନା ଆଉ ନାହିଁ । ଅର୍ଶଦୀପ ସିଂହଙ୍କ ନେତୃତ୍ୱରେ ଅଂଶୁଲ କମ୍ବୋଜ, ଗୁରନୂର ବ୍ରାର ଓ ଆକିବ ନବି ଭଲ କରିଥିବାରୁ ଅଭିଜ୍ଞ ମହମ୍ମଦ ସିରାଜ ଚୂଡ଼ାନ୍ତ ଏକାଦଶକୁ ଫେରିବାର ସମ୍ଭାବନା ପ୍ରାୟତଃ ନାହିଁ । ତେବେ ଟେଷ୍ଟ ଶୃଙ୍ଖଳା ଆଉ ମାତ୍ର ୧୦ ଦିନ ଥିଲା ବେଳେ ସିରାଜଙ୍କୁ ମ୍ୟାଚ୍ ଅଭ୍ୟାସ ଲାଗି ଖେଳାଯିବାର ଟିକେ ଆଶା ଦେଖାଯାଉଛି । ଅନ୍ୟପକ୍ଷରେ ଘରୋଇ ପଡ଼ିଆରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ହାରିଥିବା ନ୍ୟୁଜିଲାଣ୍ଡ ତୃତୀୟ ଦିନିକିଆ ଜିତି ଶୃଙ୍ଖଳା ଜୀବିତ ରଖିବା ଆଶାରେ ରହିଛି । ତେବେ ଆହତ ଜନିତ ସମସ୍ୟା ସହ ଘରୋଇ ପରିବେଶରେ ଶୀର୍ଷକ୍ରମ ବ୍ୟାଟରଙ୍କ ଦୁର୍ବଳ ପ୍ରଦର୍ଶନ ଦଳକୁ ବେଶି ଚିନ୍ତାରେ ପକାଇଛି । ଆହତ ଯୋଗୁଁ ରାଚିନ ରବୀନ୍ଦ୍ର, ମାର୍କ ଚାପମାନ ଓ ଡେଭନ କନୱେ ବାଦ୍ ପଡ଼ିବା ଦଳର ବ୍ୟାଟିଂକୁ ଆହୁରି ଦୁର୍ବଳ କରି ଦେଇଛି । ଅଧିନାୟକ ମିଚେଲ ସାଣ୍ଟନର ଗତ ଦୁଇ ମ୍ୟାଚରେ ଟସ୍ ମଧ୍ୟ ହାରିଛନ୍ତି । ଫଳରେ ବିପକ୍ଷ ଦଳ ସମ୍ମୁଖରେ ବିଜୟ ଲକ୍ଷ୍ୟ କମ୍ ସ୍କୋର ରହିବାରୁ ଘରୋଇ ବୋଲର ଚାପରେ ରହୁଥିବା ଦେଖାଯାଇଛି । ଗତ ଦୁଇ ମ୍ୟାଚ୍ ପରି ସେଡନ୍ ପାର୍କରେ ମଙ୍ଗଳବାର ମ୍ୟାଚ୍‌ରେ ମଧ୍ୟ ବର୍ଷା ବାଧକ ସାଜିବାପାରେ । ମ୍ୟାଚ୍ ଆରମ୍ଭ ସମୟରେ ବର୍ଷାର ସମ୍ଭାବନା ଅଧିକ ଥିବାରୁ ବିଳମ୍ବରେ ଖେଳ ଆରମ୍ଭ ହେବାର ସମ୍ଭାବନା ରହିଛି।

ମନ୍ତ୍ରୀମୁଣ୍ଡା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ୟୁନାଇଟେଡ୍ କ୍ଲବକୁ ହରାଇ ନାଏକ ବ୍ରଦର୍ସ ଚାମ୍ପିୟନ

କୁଚିଣ୍ଡା, ୯।୧୧(ନିପ୍ର): ମନ୍ତ୍ରୀମୁଣ୍ଡା ୟୁଥ୍ କ୍ଲବ୍ ପକ୍ଷରୁ ମନ୍ତ୍ରୀମୁଣ୍ଡା ମିନି ଷ୍ଟାଡିୟମରେ ଦୀପାବଳି ଉପଲକ୍ଷେ ୧୩ତମ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ରାଜ୍ୟର ବଛାବଛା ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ । ପାଞ୍ଚଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ରବିବାର ଅନ୍ତିମ ତଥା ଉଦଯାପନୀ ଦିବସରେ ୨ଟି ସେମି-ଫାଇନାଲ ଓ ଗ୍ରାଣ୍ଡ ଫାଇନାଲ ଏଭଳି ୩ଟି ମ୍ୟାଚ ଅନୁଷ୍ଠିତ ହେଇଥିଲା । ପ୍ରଥମ ସେମିଫାଇନାଲ ଖେଳ ରାଉରକେଲା ସୀତାରାମ କ୍ଲବ ଓ ଗୁଣ୍ଡୁରୁଚୁଆଁ ନାଏକ ବ୍ରଦର୍ସ ମଧ୍ୟରେ ହୋଇଥିବା ବେଳେ ଏଥିରେ ନାଏକ ବ୍ରଦର୍ସ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲା । ସେହିପରି ଦ୍ୱିତୀୟ ସେମିଫାଇନାଲ ଖେଳ ବରଗଡ଼ ୟୁନାଇଟେଡ୍ କ୍ଲବ ଓ ସମ୍ବଲପୁର ପୁରନ୍ଦର ଏକାଦଶ ମଧ୍ୟରେ ହୋଇଥିଲା । ଏଥିରେ ବରଗଡ଼ ୟୁନାଇଟେଡ୍ କ୍ଲବ ବିଜୟୀ ହୋଇ ଫାଇନାଲକୁ ଉନ୍ନିତ ହୋଇଥିଲା । ତୃତୀୟ ମ୍ୟାଚ ତଥା ଫାଇନାଲ ଖେଳ ଗୁଣ୍ଡୁରୁଚୁଆଁ ନାଏକ ବ୍ରଦର୍ସ ଓ ବରଗଡ ୟୁନାଇଟେଡ୍ କ୍ଲବ ମଧ୍ୟରେ ଜୋରଦାର ଲଢେଇ ହୋଇଥିଲା । ବରଗଡ ୟୁନାଇଟେଡ୍ କ୍ଲବ୍‌କୁ ୧-୦ ଗୋଲରେ ହରାଇ ଗୁଣ୍ଡୁରୁଚୁଆଁ ନାଏକ ବ୍ରଦର୍ସ ଚାମ୍ପିୟନ ହୋଇ ଟାଇଟଲ ହାସଲ କରିଥିଲା । ଏହି ଅବସରରେ ଏକ ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ୍ ଝାରସୁଗୁଡ଼ା ଏନଓ୍ୱାଇଏସ୍ ଏବଂ ଭୁବନେଶ୍ୱର ମଧ୍ୟରେ ହୋଇଥିଲା । ଅନ୍ତିମ ଦିବସ ମ୍ୟାଚକୁ ରେଫରୀ ଭବେ ଦଲୀପ ରାଉତ,ଆଲୋକ ଦେହୁରୀ, ସୁଜୀତ ରାଜହଂସ, ଜୀତେନ୍ଦ୍ର ଥାନାପତି, ପଞ୍ଚାନନ ପାତ୍ର, ଶଶିକାନ୍ତ ଦାସିଆ ଓ ମୁକେଶ ପ୍ରଧାନ ପରିଚାଳନା କରିଥିଲେ । ଭାଗିରଥି ପାତ୍ର ଓରଫ ଜନ୍ ଓ ସୁଭଦ୍ରା ହେମ୍ରମ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଅଭୟ ପଟେଲ ଓ ଗୌତମ ମିଶ୍ର ମ୍ୟାଚ କମିସନର ଦାୟିତ୍ୱ ତୁଲାଇଥିଲେ । ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିଙ୍କ ଦ୍ୱାରା ଗୁଣ୍ଡୁରୁଚୁଆଁ ନାଏକ ବ୍ରଦର୍ସକୁ ଚାମ୍ପିୟନ ଟ୍ରଫି ସହ ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ଓ ବରଗଡ଼ ୟୁନାଇଟେଡ୍ କ୍ଲବ୍‌କୁ ରନର୍ସ ଅପ୍ ଟ୍ରଫି ସହ ନଗଦ ୧ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା ।

ଛାତ୍ରଛାତ୍ରୀଙ୍କ ପାଇଁ ଜେଏସ୍‌ଡବ୍ଲ୍ୟୁ ମାଗଣା କୋଚିଂ କାର୍ଯ୍ୟକ୍ରମର ଶୁଭାରମ୍ଭ

ପାରାଦୀପ,୯।୧୧: ସାମାଜିକ ବିକାଶ କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ । ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଏହି ତିନୋଟି ଗ୍ରାମ ପଞ୍ଚାୟତର ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଦକ୍ଷତା ଓ ସୁଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନଭେମ୍ବର ୯ ତାରିଖରେ ଢିଙ୍କିଆ ସ୍ଥିତ କପ୍ତେଶ୍ୱର ବିଦ୍ୟାପୀଠ ଠାରେ ମାଗଣା ହାଇସ୍କୁଲ୍ କୋଚିଂ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ଼ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅଭିନବ ପଦକ୍ଷେପ ଆଖପାଖ ଅଞ୍ଚଳର ଶିଶୁ ଓ କିଶୋର କିଶୋରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ସୁଯୋଗ ବୃଦ୍ଧି କରିବା ସହ ସମାବେଶୀ ବିକାଶ ପ୍ରତି ସଂସ୍ଥାଦ୍ୱୟର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି କାର୍ଯ୍ୟକ୍ରମ ଅଧୀନରେ ତିନୋଟି ଗ୍ରାମ ପଞ୍ଚାୟତର ବିଭିନ୍ନ ସରକାରୀ ହାଇସ୍କୁଲ୍‌ରେ ଅଧ୍ୟୟନରତ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ମାଗଣାରେ ଶିକ୍ଷାଦାନ ଓ କୋଚିଂ ସୁବିଧା ପାଇପାରିବେ । ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ବିଷୟଭିତ୍ତିକ ଶିକ୍ଷାଦାନ ଓ ମାର୍ଗଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ଶିକ୍ଷାଗତ ଦକ୍ଷତା ବୃଦ୍ଧି, ବିଭିନ୍ନ ବିଷୟରେ ଉତ୍ତମ ବୁଝାମଣା ଏବଂ ବିଦ୍ୟାଳୟ ଓ ବୋର୍ଡ ପରୀକ୍ଷା ପାଇଁ ଉପଯୁକ୍ତ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯିବ ।

ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ଯୋଜନାରେ ତ୍ୱରାନ୍ୱିତ ହେଉଛି କାର୍ଯ୍ୟ

୮୯ ପ୍ରକଳ୍ପ ମାଧ୍ୟମରେ ଜଳ ସଂରକ୍ଷଣ ଓ ଜଳ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,୯।୧୧: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଜଳ ସଂରକ୍ଷଣ ଓ ଜଳ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର୍‌ଯୋଜନାକୁ ଆଇଏସଏସ୍ ୨.୦ ଅଧୀନରେ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ୪ଟି ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଅଂଚଳରେ ମୋଟ ୮୯ଟି ପ୍ରକଳ୍ପ ହାତକୁ ନିଆଯାଇଛି । ଏହି ଯୋଜନା ଅଧୀନରେ ଇତିମଧ୍ୟରେ ୧୦ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଏହାଦ୍ୱାରା ପ୍ରାୟ ୧.୧୦ କୋଟି ଘନମିଟର ଜଳ ସଂରକ୍ଷଣ କ୍ଷମତା ସୃଷ୍ଟି ହୋଇଛି । ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୧୨୨ରୁ ଅଧିକ ଗ୍ରାମର ପ୍ରାୟ ୧.୮୨ ଲକ୍ଷ ଲୋକ ଉପକୃତ ହେବେ । କଳାହାଣ୍ଡିର ଜୁଲ୍‌କୋ, ବଲାଙ୍ଗୀରର ଛତାମଖନା, ଗଞ୍ଜାମର ଜକମାରପଲ୍ଲୀ, ଢୋଲପିଟା ଓ ଧନେଇ, ବରଗଡ଼ର ମହୁଲପାଲି, ଯାଜପୁରର ସପ୍ତମାତୃକା ଏବଂ ସମ୍ବଲପୁରର ଗୋଚରା, କିରାସାସନ ଓ ବୁଢ଼ାରଜାଠାରେ ଏହି ପ୍ରକଳ୍ପ ଗୁଡ଼ିକ ସମ୍ପୂର୍ଣ୍ଣ ହୋଇଛି । ବର୍ତ୍ତମାନ ୧୩ଟି ଜିଲ୍ଲାରେ ୨୨ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି । ସୁନ୍ଦରଗଡ଼ରେ ୫ଟି ଓ ଖୋର୍ଦ୍ଧାରେ ୩ଟି ପ୍ରକଳ୍ପ ନିର୍ମାଣାଧୀନ ଥିବାବେଳେ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ କାର୍ଯ୍ୟ ଅଗ୍ରଗତି କରୁଛି । ଏହାବ୍ୟତୀତ ଆଉ ୩୫ଟି ପ୍ରକଳ୍ପ ପାଇପ ଲାଇନ ରହିଛି । ସେଥିମଧ୍ୟରୁ ୧୨ଟି ପ୍ରକଳ୍ପର କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ।

ତହସିଲ୍ ଆଗରେ ତେଜିଲା ଜନଆକ୍ରୋଶ

ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡାଙ୍କୁ ଘେରିଲେ ଉତ୍ତ୍ୟକ୍ତ ଲୋକେ



ସୋନପୁର,୯।୧୧(ନିପ୍ର): ଜମି ପଟ୍ଟା ଓ ଯୋଗାଣ ଦାବିରେ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରୁଥିବା ହିତାଧିକାରୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଏମ୍‌ପି ପ୍ରତିନିଧି (ଏମ୍‌ପି ନୋମିନୀ) ନଳିନୀ ପଣ୍ଡା । ନିଜର ନ୍ୟାଯ୍ୟ ଦାବି ନେଇ ଏକତ୍ରିତ ହୋଇଥିବା ଲୋକଙ୍କ ସହ ଏମ୍‌ପି ପ୍ରତିନିଧିଙ୍କର ବାକ୍‌ବିତଣ୍ଡା ଓ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ସମୟରେ ଲୋକେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଘେରିଯିବା ସହ ତୀବ୍ର ବିରୋଧ କରିଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ଜମି ପଟ୍ଟା ସମସ୍ୟାର ସମାଧାନ ନ ହେବାରୁ ଲୋକେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଆନ୍ଦୋଳନକାରୀଙ୍କ ସହ ଆଲୋଚନା ବେଳେ ଏମ୍‌ପି ପ୍ରତିନିଧି ଶ୍ରୀ ପଣ୍ଡା ଯୁକ୍ତିତର୍କ କରିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା । ଉତ୍ତ୍ୟକ୍ତ ଜନତା ତାଙ୍କୁ ସିଧାସଳଖ ଘେରିବା ସହ କଡ଼ା ଭାଷାରେ ସମାଲୋଚନା କରିଥିଲେ । ଲୋକେ ସର୍ବସମ୍ମୁଖରେ ଆକ୍ଷେପ କରି କହିଥିଲେ ଯେ, 'ତୁମେ ତହସିଲଦାରଙ୍କ ସହ ମିଶି ବାଲି ଚୋରାଉଛ, ଆଉ ଏଠି ଆସି ଭାଷଣ ମାରୁଛ ।' ଏପରି କଟାକ୍ଷ ଏବଂ ତୀବ୍ର ହଟହଟାର ସମ୍ମୁଖୀନ ହୋଇ ଏମ୍‌ପି ପ୍ରତିନିଧି ଅପ୍ରସ୍ତୁତ ହୋଇପଡ଼ିଥିଲେ । ତହସିଲ କାର୍ଯ୍ୟାଳୟ ଅଧୀନରେ ଚାଲିଥିବା ବେଆଇନ ବାଲି ଚୋରାଚାଲାଣ ଓ ପ୍ରଶାସନିକ ସଲାସୁତୁରାକୁ ନେଇ ସାଧାରଣ ଲୋକଙ୍କ ମନରେ ଥିବା ପୁଞ୍ଜୀଭୂତ ଅସନ୍ତୋଷ ଏହି ଘଟଣା ମାଧ୍ୟମରେ ପଦାରେ ପଡ଼ିଛି । ଲୋକଙ୍କ ସମସ୍ୟାର ସମାଧାନ କରିବା ବଦଳରେ ନେତାଙ୍କ ଏଭଳି ବ୍ୟବହାର ଓ ଜନଆକ୍ରୋଶର ଶିକାର ହେବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି ।

ପୌର ନିର୍ବାଚନ: ଏସଇବିସି ଓ ଓବିସିଙ୍କୁ ମିଳିପାରେ ସଂରକ୍ଷଣ

ଭୁବନେଶ୍ୱର,୯।୧୧: ଆଗାମୀ ପୌର ନିର୍ବାଚନରେ ଏସଇବିସି ଓ ଓବିସିଙ୍କ ପାଇଁ ସଂରକ୍ଷଣ ରହିପାରେ ବୋଲି ସୂଚନା ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏହି କଥାକୁ ଗୁରୁତ୍ୱ ଦେଉଛନ୍ତି । ଏସଇବିସି କମିଶନ ଗଠନ ହୋଇଛି । ସଠିକ୍ ସମୟରେ ନିର୍ବାଚନ କରିବା ନେଇ ସରକାର ଯୋଜନା କରୁଛନ୍ତି । ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି । ନିର୍ବାଚନ ପାଇଁ ସୀମା ପୁନଃଗଠନ କାମ ଚାଲିଛି ।

ଶୈବପୀଠ ଚଳଚଞ୍ଚଳ

ଆସିକା,୯।୧୧(ନିପ୍ର): ପବିତ୍ର କାର୍ତ୍ତିକ ମାସର ସୋମବାର ଅବସରରେ ଆସିକା ଅଞ୍ଚଳର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି । ସକାଳୁ ସକାଳୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତ ମନ୍ଦିରରେ ପହଞ୍ଚି ଦେବଦେବ ମହାଦେବଙ୍କ ଦର୍ଶନ କରିବା ସହ ଜଳାଭିଷେକ, ପୂଜାର୍ଚ୍ଚନା ଓ ଦୀପଦାନ କରିଥିଲେ । ହର ହର ମହାଦେବ ଧ୍ୱନିରେ ବିଭିନ୍ନ ଶୈବପୀଠର ପରିବେଶ ଭକ୍ତିମୟ ହୋଇଉଠିଥିଲା ।

ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତକୁ କୋର୍ଟ ଚାଲାଣ

କାକଟପୁର,୯।୧୧(ନିପ୍ର): କାକଟପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଲତାହରଣ ମଣ୍ଡଳ ବିଜେପି ସଭାପତି ରାକେଶ କୁମାର ବିଶ୍ୱାଳଙ୍କୁ ଆକ୍ରମଣ ଓ ଲୁଟ୍ ଅଭିଯୋଗ ଘଟଣାରେ କାକଟପୁର ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ କାକଟପୁର ଥାନା ଅନ୍ତର୍ଗତ ବଳରା ଗ୍ରାମର ସୁରେଶ ଚନ୍ଦ୍ର ଭୋଇଙ୍କ ପୁଅ ଅଜୁ ଓରଫ ଅଜୟ କୁମାର ଭୋଇ (୪୬) । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୬ ତାରିଖରେ ରାକେଶ କୁମାର ବିଶ୍ୱାଳ ବିଭିନ୍ନ ଜନସମସ୍ୟା ସମ୍ପର୍କରେ ଅଭିଯୋଗ ଜଣାଇବା ପାଇଁ କାକଟପୁର ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରୁ ନିଜ ମୋଟରସାଇକେଲ ଯୋଗେ ଫେରିବାକୁ ବାହାରିବା ସମୟରେ କିଛି ବ୍ୟକ୍ତି ତାଙ୍କୁ ଅଟକାଇ ମାଡ଼ ମାରିଥିବା ନେଇ ସେ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଆକ୍ରମଣକାରୀମାନେ ତାଙ୍କୁ ମୁଥ ଓ ଗୋଇଠା ମାରିବା ସହ ପୁନର୍ବାର ବ୍ଲକ୍ କାର୍ଯ୍ୟାଳୟକୁ ଆସିଲେ ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏଥିରେ ତାଙ୍କ ଛାତି ଓ ମୁଣ୍ଡରେ ଆଘାତ ଲାଗିଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି । ଏଥିସହ ଆକ୍ରମଣକାରୀମାନେ ତାଙ୍କ ହାତଘଣ୍ଟା, ପ୍ରାୟ ୨୦ ଗ୍ରାମ ଓଜନର ସୁନାଚେନ୍, ନଗଦ ୬ ହଜାର ଟଙ୍କା ଓ ପର୍ସରେ ଥିବା କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଛଡ଼ାଇ ନେଇଥିବା ସେ ଅଭିଯୋଗ କରିଥିଲେ ।

୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ଆସିକା,୯।୧୧(ନିପ୍ର): ଆସିକା ଅବକାରୀ ବିଭାଗ ପକ୍ଷରୁ ବାଲିସିରା ଅବକାରୀ ଇଲାକା ଅନ୍ତର୍ଗତ ସାପୁଆପଲ୍ଲୀ ମୁଖ୍ୟ ଛକରେ ଚଢ଼ାଉ କରାଯାଇ ୬ କେଜି ଗଞ୍ଜେଇ ସହ ଏକ ଆପାଚି ମୋଟରସାଇକେଲ ଜବତ କରାଯାଇଛି । ଏହି ଘଟଣାରେ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଭାପୁର ଗ୍ରାମର ଉପେନ୍ଦ୍ର କୁମାର ପ୍ରଧାନଙ୍କୁ ଗିରଫ କରାଯାଇ ଏନ୍‌ଡିପିଏସ୍ ଆଇନରେ ମାମଲା ରୁଜୁ ହୋଇଛି । ଗଞ୍ଜାମ ଜିଲ୍ଲାପାଳ ଓ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ମନୀଷା ଭୋଳ ଓ ଓଆଇସି ଦୀପଦ୍ୟୋତନ ବିଶ୍ୱାଳଙ୍କ ନେତୃତ୍ୱରେ କନଷ୍ଟେବଳ ଜଗନ୍ନାଥ ଶତପଥୀ, ଅଜିତ କୁମାର ସ୍ୱାଇଁ, ଶ୍ରୀକାନ୍ତ ବେହେରା ଓ ସିଦ୍ଧାନ୍ତ ବିଷୋୟୀ ସାମିଲ ହୋଇଥିଲେ ।

ଗଜଲକ୍ଷ୍ମୀ ଭସାଣି ଶୋଭାଯାତ୍ରାରେ ମହିଳାଙ୍କୁ ଦୁର୍ବ୍ୟବହାର

ପ୍ରତିବାଦ କରିବାରୁ ବନ୍ଧୁକ ଦେଖାଇ ମାରିବାକୁ ଧମକ

ପିପିଲି,୯।୧୧(ନିପ୍ର): ଗଜଲକ୍ଷ୍ମୀ ଭସାଣି ଶୋଭାଯାତ୍ରାରେ ବଳଙ୍ଗା ଥାନା ଅନ୍ତର୍ଗତ ବଡ ନିନିଗାଁ ବେହେରା ସାହିରେ ମହିଳାଙ୍କ ପ୍ରତି ଗାଳି ଗୁଲଜକୁ ପ୍ରତିବାଦ କରିବାରୁ ବନ୍ଧୁକ ଦେଖାଇ ମାରିବାକୁ ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ସୂଚନା ମୁତାବକ ବଡ ନିନିଗାଁ ବେହେରା ସାହିର ସ୍ୱର୍ଗତ ବିଶ୍ୱନାଥ ନାୟକଙ୍କ ଝିଅ ହେମଲତା ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଚଳିତ ମାସ ୧ତାରିଖ ରାତି ୧୧ଟାରେ ପଡୋଶୀ ଜେନା ସାହିର ଗଜଲକ୍ଷ୍ମୀ ଭସାଣି ଉତ୍ସବ ଅନୁଷ୍ଠିତ ହେଉଥିଲା । କମଦରି ଗ୍ରାମର ଜନୈକ ବ୍ୟକ୍ତି ଡିଜେ ଆଣି ପ୍ରସେସନ କରି ବେହେରା ସାହିକୁ ଆସିଥିଲେ । ସେମାନଙ୍କ ମଧ୍ୟରେ ନିଜ ଗାଁର ଅନ୍ୟ ୨ଜଣ ବ୍ୟକ୍ତି ଶୋଭାଯାତ୍ରା ଦେଖୁଥିବା ଝିଅ-ବୋହୂମାନଙ୍କୁ ଗାଁ ମୁଣ୍ଡରୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରି ଗାଳି ଗୁଲଜ କରିଥିଲେ । ଏନେଇ ହେମଲତା ପ୍ରତିବାଦ କରିବାରୁ କିଛି ବ୍ୟକ୍ତି ହେମଲତାଙ୍କୁ ଗାଳି ଗୁଲଜ କରି ଟଣା ଓଟରା କରିବାରୁ ଗ୍ରାମର ପ୍ରଶାନ୍ତ ନାୟକ ନାମକ ଜଣେ ଯୁବକ ଆସି ପ୍ରତିବାଦ କରିଥିଲେ । ଫଳରେ ଆସାମୀମାନେ ପ୍ରଶାନ୍ତଙ୍କ ବେକରେ ପଡ଼ିଥିବା ଗାମୁଛାକୁ ଉଭୟ ପାର୍ଶ୍ୱରୁ ଭିଡ଼ି ଧରିଥିଲେ । ଗ୍ରାମବାସୀମାନେ ଆସିବାରେ ଉକ୍ତବ୍ୟକ୍ତିମାନେ ପାଖରେ ରଖିଥିବା ଏକ ବନ୍ଧୁକ ବାହାର କରି ଗୁଳି ଫୁଟାଇ ସମସ୍ତଙ୍କୁ ମାରିବାକୁ ଧମକ ଦେଇଥିଲେ । ଭୟରେ ସମସ୍ତେ ଘରେ ପଶି ଯାଇ ଜୀବନ ରକ୍ଷା କରିଥିଲେ । ଏନେଇ ଥାନାକୁ ଫୋନ ଯୋଗେ ଜଣାଇବାରେ ପୋଲିସ ଭ୍ୟାନ ଘଟଣା ସ୍ଥଳରେ ପହଞ୍ଚିବା ଦେଖି ଆସାମୀମାନେ ସେଠାରୁ ପଳାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

ସମାରୋହରେ ପାଳିତ ହେଲା ମା'ଶ୍ୟାମାକାଳୀଙ୍କ ପୂଜା

କାକଟପୁର,୯।୧୧(ନିପ୍ର): ପବିତ୍ର କାଳୀପୂଜା ଅବସରରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିରର ଉତ୍ତର ପାର୍ଶ୍ୱରେ ଅବସ୍ଥିତ ମା' ଶ୍ୟାମାକାଳୀଙ୍କ ପୂଜା ସମାରୋହ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କର ସ୍ନାନ, ମାର୍ଜନା ଓ ବିଧିବଦ୍ଧ ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇଥିଲା । ପରେ ମା'ଙ୍କୁ ସୁନ୍ଦର ବେଶ ଓ ଆକର୍ଷଣୀୟ ଆଭୂଷଣରେ ସଜ୍ଜିତ କରାଯାଇ ସର୍ବସାଧାରଣ ଦର୍ଶନ ନିମନ୍ତେ ମନ୍ଦିରର ପହୁଡ଼ ଖୋଲାଯାଇଥିଲା ।



ମା'ଙ୍କର ଦିବ୍ୟ ବେଶ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ ପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ଶ୍ରଦ୍ଧାଭାବ ପରିଲକ୍ଷିତ ହୋଇଥିଲା । ଧୂପ, ଦୀପ ଓ ମନ୍ତ୍ରପାଠରେ ମନ୍ଦିର ପରିସର ଭକ୍ତିମୟ ହୋଇଉଠିଥିବାବେଳେ ମା'ଙ୍କ ଦର୍ଶନରେ ଶ୍ରଦ୍ଧାଳୁମାନେ ଆତ୍ମିକ ଶାନ୍ତି ଓ ଆନନ୍ଦ ଅନୁଭବ କରିଥିଲେ । ବିଳମ୍ବିତ ପ୍ରହରରେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇ ହୋମଯଜ୍ଞ, ବଡ଼ସିଂହାର ନୀତି ଓ ସ୍ୱାଦିଷ୍ଟ ପଣା ଭୋଗ କରାଯାଇ କୁଷ୍ମାଣ୍ଡ ବଳି ଦିଆଯାଇଥିବା ମା କାଳୀ ଙ୍କର ମୁଖ୍ୟ ସେବକ ରବୀନ୍ଦ୍ର କୁମାର ଦୀକ୍ଷିତ ପ୍ରକାଶ କରିଥିଲେ ।

ସମୁଦ୍ରରେ ବୁଡ଼ି ୨ ମୃତ

ପୁରୀ,୯।୧୧(ନିପ୍ର): ପୁରୀ ସମୁଦ୍ରକୂଳରେ ସୋମବାର ଅପରାହ୍ନରେ ଘଟିଛି ଏକ ଦୁଃଖଦ ଅଘଟଣ । ସମୁଦ୍ରରେ ଗାଧୋଉଥିବା ସମୟରେ ହଠାତ୍ ଉଚ୍ଚ ଜୁଆର ମାଡ଼ି ଆସିବାରୁ ରାଜସ୍ଥାନରୁ ଆସିଥିବା ୫ ଜଣ ପର୍ଯ୍ୟଟକ ଜଳରେ ଭାସିଯାଇଥିଲେ । ଏହି ଘଟଣାରେ ଦୁଇ ଜଣଙ୍କ ଜୀବନ ଯାଇଥିବା ବେଳେ ଅନ୍ୟ ତିନି ଜଣ ଚିକିତ୍ସାଧୀନ ଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ରାଜସ୍ଥାନରୁ ୯ ଜଣ ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିଥିଲେ । ସୋମବାର ଅପରାହ୍ନ ପ୍ରାୟ ୫ଟା ବେଳେ ସେମାନେ ସମୁଦ୍ରରେ ଗାଧୋଉଥିଲେ । ଏହି ସମୟରେ ହଠାତ୍ ବଡ଼ ଜୁଆର ଆସିବାରୁ ୫ ଜଣ ଏହାର ପ୍ରଭାବରେ ସମୁଦ୍ର ଭିତରକୁ ଟାଣି ହୋଇଯାଇଥିଲେ ।ପ୍ରଥମେ ୪ ଜଣଙ୍କୁ ସମୁଦ୍ରରୁ ଉଦ୍ଧାର କରି ହସ୍ପିଟାଲକୁ ପଠାଯାଇଥିଲା । ତେବେ ଚିକିତ୍ସା ସମୟରେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟ ଜଣେ ପର୍ଯ୍ୟଟକ ନିଖୋଜ ଥିବାରୁ ତାଙ୍କୁ ଖୋଜିବା ପାଇଁ ତଲାସୀ ଅଭିଯାନ ଜାରି ରହିଥିଲା । ପରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ମୃତକଙ୍କ ପରିଚୟ ଚୂଡ଼ାରାମ (୨୩) ଏବଂ ପଦ୍ମା ରାମ (୨୨) ବୋଲି ଜଣାପଡ଼ିଛି । ଅନ୍ୟ ତିନି ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଭାଗୀୟ କମିଶନର

ଭୁବନେଶ୍ୱର,୯।୧୧: ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନୂତନ କମିଶନର-ତଥା- ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଗିରୀଶ ଏସ୍.ଏନ୍. ସୋମବାର ଲୋକସେବା ଭବନସ୍ଥିତ । କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ . ମୁକେଶ ମହାଲିଙ୍ଗଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ଲୋକାଭିମୁଖୀ କରିବା, ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକର ଆଧୁନିକୀକରଣ, ଦୁର୍ଗମ ଅଂଚଳରେ ଉନ୍ନତ ଚିକିତ୍ସା ସେବା ଉପଲବ୍ଧ କରାଇବା ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ସ୍ୱାସ୍ଥ୍ୟ ଯୋଜନାର ସଫଳ ଓ ସୁବ୍ୟବସ୍ଥିତ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।ରାଜ୍ୟବାସୀଙ୍କୁ ଗୁଣାତ୍ମକ, ସୁଲଭ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ଆମ ସରକାର ସଂକଳ୍ପବଦ୍ଧ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ।

OFFICE OF THE EXECUTIVE ENGINEER
GROUND WATER DEVELOPMENT DIVISION-1HP BUILDING,UNIT-8,DELTA SQUARE,BHUBANESWAR-751012 [Phone No.2561040(O), email:executiveengineerhpbbsr@gmail.com]

32001/1295/2627

"e" Procurement Notice No.1473 of 2026-27 Dt- 7.11.26
Bid Identification No. GWD DIV-1BBSR-23/26-27

Executive Engineer, GWD Division-I , Delta square, Unit- 8, Bhubaneswar on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work.

1	Nature of the Work	Civil Work
2	Name of the Work :	Construction of 12nos of Recharge Shafts at Bajapur GP, khordha block,ph-2 of Khordha district for the FY -2026-27.
3	Approximate amount put to tender	Rs.20.14Lakh
4	Period of Completion	2 (Two) Calendar Month
5	Class of Contractor	"B" & "C" Class Contractor
6	Date & time of Availability of Bid document in the portal	Dt. 18.11.2026 at 11.00 AM to 30.11.2026 up to 11.00 AM
7	Last date & time of receipt of Bids in the Portal	Dt. 30.11.2026 up to 11.00 AM
8	Date, time & place of opening of Technical/ Financial Bid/s	Dt. 30.11.2026 at 11.30 AM in 0/o the EE GWD Divn-1
9	Name & address of the officer inviting Bid	OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING,UNIT-8,DELTA SQUARE,BHUBANESWAR-751012

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

Executive Engineer
GWD division 1

OIPR-32001/32372/1/26-27/0015

ପଞ୍ଚାୟତରେ ରିଲିଫ ଟାଉି: ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ



ହିଞ୍ଜିଳିକାଟୁ,୯।୧୧(ନିପ୍ର): ବନ୍ୟା ବିପନ୍ନଙ୍କ ଲାଗି ରାଜ୍ୟ ସରକାର ପରିବାର ପିଛା ୫୦ କିଲୋ ଚାଉଳ ଏବଂ ୨୫୦୦ ଟଙ୍କା ରିଲିଫ ସହାୟତା ଘୋଷଣା କରିଛନ୍ତି । ଗଞ୍ଜାମ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିଞ୍ଜିଳିକାଟୁ ବ୍ଲକର ବନ୍ୟା ପ୍ରଭାବିତ ଗ୍ରାମରେ ଆଗୁଆ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ହିଞ୍ଜିଳିକାଟୁ ବ୍ଲକ ବୁରୁପଡ଼ା ପଞ୍ଚାୟତର ନୂଆଁ ବୁରୁପଡ଼ା ଗ୍ରାମରେ ଚାଉଳ ଏବଂ ଟଙ୍କା ବଣ୍ଟନ କାର୍ଯ୍ୟକ୍ରମ ଶେଷ ହୋଇଛି । କିନ୍ତୁ ବୁରୁପଡ଼ା ଗ୍ରାମରେ ଚାଉଳ ଏବଂ ଟଙ୍କା ବଣ୍ଟନକୁ କେନ୍ଦ୍ର କରି ସୋମବାର ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଯୋଗାଣ ସହାୟକଙ୍କ ମନମାନିଯୋଗୁଁ ଅସନ୍ତୁଷ୍ଟ ଗ୍ରାମବାସୀ ନିଆଁ ଜାଳି ଶେରଗଡ - ହିଞ୍ଜିଳିକାଟୁ ମୁଖ୍ୟକୁ ଅବରୋଧ କରି ପ୍ରବଳ ହୋ ହାଲ୍ଲା କରି ପ୍ରତିବାଦ କରିଥିଲେ । ରାଜ ରାସ୍ତାରେ ବସି ରିଲିଫ ବଣ୍ଟନରେ ପାତର ଅନ୍ତର ନୀତି ଓ ସରକାରଙ୍କ ଘୋଷଣା ଅନୁଯାୟୀ ରିଲିଫ ବଣ୍ଟନ କରିବା ପାଇଁ ଅଡ଼ି ବସିଥିଲେ । ପରିସ୍ଥିତି ଏପରି ହୋଇଥିଲା ଯେ ଉତ୍ତ୍ୟକ୍ତ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟାଳୟ କୋଠରୀରେ ରହିବାକୁ ବାଧ ହୋଇଥିଲେ । ଖବର ପାଇ ହିଞ୍ଜିଳି ଓ ଶେରଗଡ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ପରେ ତହସିଲଦାର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଓ ବ୍ଲକ କର୍ମଚାରୀ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିଥିଲେ । ରାସନ୍ କାର୍ଡ ଏବଂ ବନ୍ୟା ବିପନ୍ନଙ୍କୁ ଚାଉଳ ଏବଂ ନଗଦ ଟଙ୍କା ବଣ୍ଟନ ହେବ ବୋଲି ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ । ପରେ ଉତ୍ତ୍ୟକ୍ତ ଲୋକେ ଧାରଣାରୁ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଯୋଗାଣ ସହାୟକ ଜଣକ ହିଞ୍ଜିଳିକାଟୁ ବ୍ଲକ ଯୋଗାଣ ନିରୀକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ଚାଉଳ ଏବଂ ଡିବିଟି ମାଧ୍ୟମରେ ଟଙ୍କା ପଠାଯିବ ବୋଲି କହିବା ସହ ନିଜେ ଗ୍ରାମରେ ଖୋଲିଥିବା ଦୋକାନରେ ଆବଶ୍ୟକ ପତ୍ର ପ୍ରସ୍ତୁତ କରିବା ପାଇଁ ଚାପ ପକାଇବା ଯୋଗୁଁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ଜଣାପଡିଛି । ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଜଣ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ୬ ଜଣ ଯୋଗାଣ ସହାୟକଙ୍କୁ ନେଇ ଆବଶ୍ୟକ ରିଲିଫ ବଣ୍ଟନ ବ୍ୟବସ୍ଥା ଜାରି ରହିଥିବା ଜଣା ପଡ଼ିଛି ।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 36-KUR-TRD-OT-2026-27

କାର୍ଯ୍ୟର ନାମ : ନିର୍ଦ୍ଧାରିତ ଜୀବନକାଳ (Codal Life) ପୂରଣ କରିଥିବା ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳରେ ଟ୍ରାକ୍ସନ ସବ୍-ଷ୍ଟେସନ(TSSs)ଗୁଡ଼ିକରେ (ମେରାମଣ୍ଡଳୀ / TSS ଏବଂ ଯୋରନ୍ଦା ରୋଡ୍ / TSSକୁ ଛାଡ଼ିକରି ଜଗନ୍ନାଥପୁର / TSS, ରମ୍ଭା / TSS, ସୋଲରୀ / TSS, କାଇପଦର ରୋଡ୍ / TSS, କେନ୍ଦ୍ରାପଡ଼ା ରୋଡ୍ / TSS, ଯଖପୁରା / TSS ଏବଂ ଭଦ୍ରକ / TSS ଠାରେ) (ବରୁଭା / TSS ବ୍ୟତୀତ)ଗୁଡ଼ିକରେ ଆର୍ଥିଙ୍ଗ ଗ୍ରୀଡ (Earthing Grid)ଗୁଡ଼ିକର ପୁନଃସ୍ଥାପନ ।

ବିଜ୍ଞାପିତ ମୂଲ୍ୟ : ₹1,88,03,370.00, EMD: ₹3,76,100/-, ଶେଷ ହେବା ଅବଧି : 365 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.11.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.11.2026ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-546/R/26-27

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ